ସ୍ୱାଗତଂ ଓଡ଼ିଶା

# ଦୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୭୨ | ବୁଧବାର | ୪ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦

Vol-6 | Issue-72 | Wednesday | 4 June 2025 | Bhubaneswar | Pages-8 | Rs. 2.00

## ଦେବଗଡରେ ୨୦୫ କୋଟିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# 'ବିକାଶର ମୁଖ୍ୟସ୍ରୋତରେ ଯୋଡ଼ି ହେବ ଦେବଗଡ଼'



ସମ୍ବଲପୁର, ୩।୬ (ଡିକେ ନ୍ୟୁଜ୍): ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଦେବଗଡ଼କୁ ଏବେ ଦିଆଯାଇଛି ବିକାଶର ପ୍ରାଥମିକତା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦେବଗଡ଼ ଜିଲ୍ଲା ଗସ୍ତରେ ଆସି ସେଠାରେ ପ୍ରାୟ ୨୦୫ କୋଟି ଟଙ୍କା ମୂଲ୍ୟର ୧୫ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ଦେବଗଡ଼ ଜିଲ୍ଲା ପାଇଁ ଆଜି ୩୦୦ ଶଯ୍ୟା ବିଶିଷ୍ଟ ନବ ନିର୍ମିତ ଡାକ୍ତରଖାନା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି। ସାମାଜିକ ଗତିଧାରା ଭିତରୁ ବହୁ ଦୂରରେ ରହିଥିବା ଦେବଗଡ଼ ଜିଲ୍ଲା କିନ୍ତୁ ଆଜି ବିକାଶଧାରାରେ ସାମିଲ ହୋଇ ଜୀବନ ଜୀବିକା ସହିତ ସ୍ୱାସ୍ଥ୍ୟ ସୁରକ୍ଷାର ନୂଆଁ ବାଟ ପାଇଛି। ଏହାକୁ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରକଳ୍ପ ଗୁଡିକ ମଧ୍ୟରେ ୧୧ଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଏବଂ ୪ଟି ଶିକ୍ଷା ଭିତ୍ତିଭୂମି ଉନ୍ନତିକରଣ ପ୍ରକଳ୍ପ ରହିଛି। ଯାହାକି ଜୀବନ ଧାରଣ ସହିତ ଯୋଡ଼ିଛନ୍ତି ରାଜ୍ୟ ସରକାର। ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିରେ କେନ୍ଦୁପତ୍ର ତୋଳାଳୀଙ୍କୁ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡା ପାଇଁ ୨୦୦ ଟଙ୍କା, ତୋଳାଳୀ ଓ ସିଜନାଲ ଷ୍ଟାଫଙ୍କ ଟୋପି ପାଇଁ ୧୦୦ ଟଙ୍କା, ବନ୍ଧାଳିମାନଙ୍କ ପାଇଁ ମଶାରୀ ଓ କମ୍ବଳ ପାଇଁ ଜଣଙ୍କ ପିଛା ୭୦୦ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳି ଓ ସିଜନାଲ ଷ୍ଟାଫ ଉପକୃତ ହେବେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେବଗଡ ଜିଲ୍ଲାର ବିକାଶ ପାଇଁ ସମସ୍ତ ସାମର୍ଥ୍ୟ ଅଛି। ଆମେ ତାହାର ସଠିକ ଉପଯୋଗ କରି ଜିଲ୍ଲାକୁ ରାଜ୍ୟ ବିକାଶ ଧାରାର ମୁଖ୍ୟସ୍ରୋତରେ ଯୋଡିବୁ। ନୂଆଁ ସରକାର ଆସିବା ପରେ ଆମେ ଓଡିଶାର ୩୦ଟି ଜିଲ୍ଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ। ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଦେବଗଡ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ତାଙ୍କ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ଓଡିଶାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି ସରକାର ଗଢିଛି ଓ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛି ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ନୂଆଁ ସରକାର ଗୋଟିଏ ମିନିଟ ବି ନଷ୍ଟ କରିନାହିଁ। ସରକାର ଆସିବାର ଏକ ବର୍ଷ ହେବାକୁ ମାତ୍ର ୯ ଦିନ ବାକି ଅଛି। ଆଉ ଏଇ ଏକ ବର୍ଷ ଭିତରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ତଥା ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ, ଦେବଗଡ ବିଧାୟକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଦେବଗଡ଼ ବିକାଶ ଉପରେ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଯୁବପିଢିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସରକାରଙ୍କ ସଂକଳ୍ପ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୩।୬ (ପିଆଇବି): ଅମୃତ ପିଢି ଅର୍ଥାତ ଦେଶର ଯୁବବର୍ଗଙ୍କ ସ୍ୱପ୍ନକୁ ସାକାର କରିବା ସହିତ ସେମାନଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ମାର୍ଗରେ ଆସୁଥିବା ସବୁ ବାଧା ଦୂର କରିବା ସରକାରଙ୍କ ସଂକଳ୍ପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହାକୁ ସାକାର କରିବା ଲାଗି ଗତ ଏଗାର ବର୍ଷ ମଧ୍ୟରେ ଭାରତ ସରକାର ଯୁବବର୍ଗଙ୍କ ସଶକ୍ତିକରଣ ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଛନ୍ତି। ଭାରତରେ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ରହିଛି, ଯେଉଁଥିରେ ୩୫ ବର୍ଷରୁ କମ୍ ବୟସର ପ୍ରାୟ ୬୫ ପ୍ରତିଶତ ଲୋକ ଅଛନ୍ତି। ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଦୀର୍ଘକାଳୀନ ରଣନୀତିକ ଅଭିବୃଦ୍ଧି ହାସଲ କରିବା ଲାଗି ସରକାର ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଭାବେ ବିବେଚନା କରନ୍ତି। ମୋଦି ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଯୁବବର୍ଗଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିବା, ସେମାନଙ୍କ ଲକ୍ଷ୍ୟ ହାସଲ କରିବା ଏବଂ ଭାରତକୁ ଭବିଷ୍ୟତରେ ଆଗେଇ ନେବା। ଯୁବ ଭାରତୀୟମାନେ ଯେପରି ଗୁଣାତ୍ମକ ଶିକ୍ଷା, ଆଧୁନିକ କୌଶଳ, ଭଲ ଚାକିରି ପାଇବେ ଏବଂ ସଫଳ ଉଦ୍ୟୋଗୀ ହେବା ପାଇଁ ସହାୟତା ଆବଶ୍ୟକ କରିବେ ତାହା ସରକାର ଏହା ସୁନିଶ୍ଚିତ କରୁଛନ୍ତି। ଗତ ଦଶନ୍ଧି ମଧ୍ୟରେ, ଭାରତ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଦ୍ରୁତ ପ୍ରଗତି କରିଛି। ଆଇଆଇଟି, ଆଇଆଇଏମ୍ ଏବଂ ଏମ୍ସ ଭଳି ପ୍ରତିଷ୍ଠାନର ପ୍ରମୁଖ ସଂସ୍କାର ଓ ପ୍ରସାର ସମସ୍ତଙ୍କ ପାଇଁ ଗୁଣାତ୍ମକ ଓ ଭବିଷ୍ୟ ଉନ୍ମୁଖି ଶିକ୍ଷା ପ୍ରଦାନ କରିବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏଆଇଏସଏଚଇ ପୋର୍ଟାଲର ତଥ୍ୟ ଅନୁଯାୟୀ ୨୦୧୪-୧୫ରେ ଦେଶରେ ୫୧,୫୩୪ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଥିବା ବେଳେ ମେ ୨୦୨୫ ସୁଦ୍ଧା ଏଗୁଡ଼ିକର ସଂଖ୍ୟା ୭୦,୬୮୩କୁ ବୃଦ୍ଧି ପାଇଛି। ଏସବୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ରହିଛି। ବିଶ୍ୱ ବିଦ୍ୟାଳୟ ସଂଖ୍ୟା ୭୬୦ରୁ ୧୩୩୪କୁ ବୃଦ୍ଧି ପାଇଥିବା ବେଳେ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ୩୮,୪୯୮ରୁ ୫୧,୯୫୯କୁ ବୃଦ୍ଧି ପାଇଛି। ୨୦୧୪ରେ ଦେଶରେ ୧୬ଟି ଆଇଆଇଟି ଥିଲା। ଏବେ ଆଉ ୭ଟି ଆଇଆଇଟି ଯୋଡ଼ି ହେବା ସହ ୨୦୨୫ ମେ ସୁଦ୍ଧା ଆଇଆଇଟିଗୁଡ଼ିକର ସଂଖ୍ୟା ୨୩ରେ ପହଞ୍ଚିଛି। ସରକାର ଗତ ତିରୁପତି, ପଲକ୍କଡ, ଭିଲାଇ, ଜାମ୍ମୁ, ଧରୱାଡ ଆଇଆଇଟିରେ ଭିତ୍ତିଭୂମି ସମ୍ପ୍ରସାରଣ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ୨୦୨୫ରୁ ୨୦୨୯ ପର୍ଯ୍ୟନ୍ତ ଆଇଆଇଟିଗୁଡ଼ିକର ଉନ୍ନତିକରଣ ପାଇଁ ୧୧ ହଜାର ୮୨୮ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। କାମ ସମ୍ପୂର୍ଣ୍ଣ ହେଲେ ଏସବୁ ଆଇଆଇଟିର ମୋଟ୍ ୧୩ ହଜାର ୬୮୭ ଜଣ ପିଲା ପାଠ ପିପାରିବେ। ୨୦୧୪ ମସିହାରୁ, ଏମ୍ସ ପ୍ରତିଷ୍ଠାନ ସଂଖ୍ୟା ୭ରୁ ୨୩କୁ ବୃଦ୍ଧି ପାଇଛି, ଯାହା ପ୍ରଭାବଶାଳୀ ଭାବରେ ତିନିଗୁଣ ବୃଦ୍ଧି ପାଇଛି। ଏହା ସହିତ, ମେଡିକାଲ କଲେଜ ସଂଖ୍ୟା ୩୮୭ରୁ ୨୦୪୫କୁ ବୃଦ୍ଧି ପାଇଛି, ଯାହା ୨୦୨୪ ସୁଦ୍ଧା ୧.୯ ଲକ୍ଷରୁ ଅଧିକ ମେଡିକାଲ ସିଟ୍ ପ୍ରଦାନ କରିଛି। ପିଏମଶ୍ରୀ (ପ୍ରଧାନମନ୍ତ୍ରୀ ଉଦୀୟମାନ ଭାରତ ବିଦ୍ୟାଳୟ) ଯୋଜନା ଅଧୀନରେ ୧୪,୫୦୦ ବିଦ୍ୟାଳୟର ଉନ୍ନତିକରଣ କରାଯାଉଛି। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୨୦୧୫ ପରଠାରୁ ୧.୬୩ କୋଟିରୁ ଅଧିକ ଯୁବକଙ୍କୁ ବିଭିନ୍ନ କୌଶଳ କ୍ଷେତ୍ରରେ ତାଲିମ ଦିଆଯାଇଛି। ଯୁବବର୍ଗଙ୍କୁ ସ୍ୱଳ୍ପକାଳୀନ ତାଲିମ ଦେବାକୁ ଆରମ୍ଭ ହୋଇଥିବା ଏହି ଯୋଜନା ଏବେ ସୁଦ୍ଧା ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଛି। ପ୍ରଥମ ତିନୋଟି ପର୍ଯ୍ୟାୟରେ ଯଥାକ୍ରମେ ୧୯ ଲକ୍ଷ, ୧.୧୦ କୋଟି ଏବଂ ୭.୩୭ ଲକ୍ଷ କୋଟି ଯୁବବର୍ଗଙ୍କୁ ଦକ୍ଷତା ତାମିଲ ଦିଆଯାଇଛି। ଏବେସୁଦ୍ଧା ଯୋଜନାରେ ୧.୬୩ କୋଟି ଯୁବବର୍ଗ ଦକ୍ଷତା ତାଲିମ ନେଇଛନ୍ତି। ସେହିପରି ସ୍କିଲ ଇଣ୍ଡିଆ ମିଶନ ଜରିଆରେ ୩୬ଟି କ୍ଷେତ୍ରୀୟ • ପୃଷ୍ଠା ୭ ଦେଖନ୍ତୁ...

# ପ୍ରବଳ ଖରା ଓ ଗୁଳୁଗୁଳି ପରେ ବର୍ଷା

## ଭୁବନେଶ୍ୱରବାସୀଙ୍କୁ ମିଳିଲା ଆଶ୍ୱସ୍ତି

ଭୁବନେଶ୍ୱର, ୩।୬ (ହି.ସ): ଦିନସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରବାସୀ ଛଟପଟ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପାଣିପାଗ ହଠାତ ପରିବର୍ତ୍ତନ ହୋଇଛି। ସନ୍ଧ୍ୟା ସମୟରେ ଭୁବନେଶ୍ୱରରେ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ହୋଇଛି। ପ୍ରବଳ ବର୍ଷା ପରେ ରାସ୍ତାରେ ପାଣିର ସୁଅ ଛୁଟିଛି। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବା ବେଳେ ଭୁବନେଶ୍ୱରର ଅନେକ ମୁଖ୍ୟରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି। ପ୍ରବଳ ବର୍ଷା ଯୋଗୁଁ ଜନପଥ, ବମିଖାଲ ଓ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ପାଣିରେ ଅନେକ ସ୍ଥାନରେ ଗାଡ଼ିଗୁଡ଼ିକ ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର ସମେତ ଓଡ଼ିଶାର ୧୦ ଜିଲ୍ଲା ପାଇଁ ଅରେଞ୍ଜ ଚେତାବନୀ ଜାରି କରିଛି। ମାଲକାନଗିରି, ଭୁବନେଶ୍ୱର ସହ ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ରାୟଗଡ଼ା, ସୁନ୍ଦରଗଡ଼, ନୟାଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଝଡ଼ତୋଫାନ, ବଜ୍ରପାତ ଓ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ଅପରାହ୍ନ ୪ଟାରୁ ପ୍ରାୟ ୨ ଘଣ୍ଟା ଯାଏଁ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ କାଳବୈଶାଖୀ ଓ ବଜ୍ରପାତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ସ୍ୱତନ୍ତ୍ର ରିଲିଫ କମିସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ତିନି ଘଣ୍ଟା ଯାଏଁ ଭୁବନେଶ୍ୱର ସମେତ ଏହାର ଆଖପାଖ ଅଞ୍ଚଳରେ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ଅଛି ବୋଲି କୁହାଯାଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ କହିବା ଅନୁସାରେ ଭୁବନେଶ୍ୱରରେ ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ୫୭ମିମି ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ଯେ, ଆଗାମୀ ତିନି ଦିନ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା, କାଳବୈଶାଖୀ ଓ ବଜ୍ରପାତର • ପୃଷ୍ଠା ୭ ଦେଖନ୍ତୁ...

# ଆଜିଠାରୁ ଆରମ୍ଭ ହେଲା 'ଶୂନ ଦୁର୍ଘଟଣା ଦିବସ'



ଭୁବନେଶ୍ୱର, ୩।୬ (ହି.ସ): ଦୁର୍ଘଟଣା କେବଳ ପରିବାର କି ରାଜ୍ୟ ନୁହେଁ ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା କୌଣସି ବ୍ୟକ୍ତିଗତ କ୍ଷତି ନୁହେଁ ବରଂ ସାମଗ୍ରୀକ କ୍ଷତି। ତେଣୁ ମୋର ସମସ୍ତଙ୍କୁ ଅନୁରୋଧ, ଘରୁ ବାହରିବାଠୁଁ ନେଇ ଫେରିବା ପର୍ଯ୍ୟନ୍ତ ସଡ଼କର ସମସ୍ତ ନିୟମ ସଠିକ୍ ଭାବେ ପାଳନ କରନ୍ତୁ ଓ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନିଶ୍ଚିତ କରନ୍ତୁ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ ଅବସରରେ ଉଦବୋଧନ ଦେଇ କହିଛନ୍ତି। ସୂଚନାଯୋଗ୍ୟ ଯେ, ସଡ଼କରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷିତ ଜୀବନ ପାଇଁ ଏକ ସାମୂହିକ ପ୍ରତିବଦ୍ଧତାର ସଂକଳ୍ପ ସ୍ୱରୂପ ଆଇଆଇଟି ମାଡ୍ରାସ୍ର ସହଯୋଗରେ ଆଜିଠୁ ଆରମ୍ଭ ହୋଇଛି ଜୁନ ୨୮ ତାରିଖ ପର୍ଯ୍ୟନ୍ତ 'ଶୂନ ଦୁର୍ଘଟଣା ଦିବସ'। ଲୋକସେବା ଭବନ କନଭେନ୍ସନ୍ ସେଣ୍ଟର ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଶୂନ ଦୁର୍ଘଟଣା ଦିବସ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ସାରା ଭାରତରେ ଦୁର୍ଘଟଣା ଜନିତ ମୃତ୍ୟୁ ବହୁତ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଆମ ଦେଶରେ ଦୁର୍ଘଟଣା ବଶତଃ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ୭୫.୨ ପ୍ରତିଶତ କାରଣ ହେଉଛି ଦ୍ରୁତ ଗତିରେ ଗାଡ଼ି ଚଳନା। ଗାଡ଼ି ଚଳନାର ଗୋଲଡେନ୍ ରୁଲ ଗତି ରୋମାଞ୍ଚକର, କିନ୍ତୁ ଏହା ମୃତ୍ୟୁ ମଧ୍ୟ ଆଣିଥାଏକୁ ଚାଳକମାନେ ଭୁଲି ଯାଉଛନ୍ତି। ଏଥିସହିତ ଭୁଲ ପାର୍ଶ୍ୱରେ ଗାଡ଼ି ଚଳନା, ମଦ୍ୟପାନ କରି ଗାଡ଼ି ଚଳନା ଓ ଗାଡ଼ି ଚଳନା ସମୟରେ ମୋବାଇଲ ବ୍ୟବହାର ଯୋଗୁଁ ଦୁର୍ଘଟଣା ଜନିତ ମୃତ୍ୟୁ ମଧ୍ୟ ଘଟୁଛି। ଏ ସବୁ ବିଷୟରେ ସତର୍କ ରହିବା ଏବଂ ଏସବୁ ଭୁଲରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ବିନିଯୋଗରେ ସୋନପୁର, ଚଣ୍ଡୀଖୋଲ, ଭଞ୍ଜନଗର, ମୟୁରଭଞ୍ଜ, ରାଇରଙ୍ଗପୁର, ବଲାଙ୍ଗୀର, ତାଳଚେର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର ଓ ଦେବଗଡ଼ରେ ୧୧ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ ବ୍ୟବସ୍ଥା (ଏଡିଟିଏସ୍)ର ଶୁଭାରମ୍ଭ କରିଥିଲେ। ଏଥି ସହିତ ୨୧୫ କୋଟି ଟଙ୍କା ପ୍ରକଳ୍ପ • ପୃଷ୍ଠା ୭ ଦେଖନ୍ତୁ...

# ପାଇଖାନା ଟାଙ୍କିରେ ଶ୍ୱାସରୋଦ୍ଧ ହୋଇ ୪ ମୃତ

ନବରଙ୍ଗପୁର, ୩।୬ (ଡିକେ ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ପଡାଲଗୁଡା ଗ୍ରାମରୀଙ୍କ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ନିର୍ମାଣଧୀନ ପାଇଖାନା ଟାଙ୍କିର କାର୍ଯ୍ୟ କରୁଥିବା ସମୟରେ ଖସି ୪ଜଣଙ୍କ ମୃତ୍ୟୁ ଘଟିଛି। ପଡାଲଗୁଡା ଗ୍ରାମର ଏକ ଘରୋଇ ନିର୍ମାଣଧୀନ ପାଇଖାନାରେ କାମ କରୁଥିବା ବେଳେ କାଠ ଖସି ଯାଇ ଦୁଇ ଗୁରୁତର ହୋଇଯାଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ଦୁଇ ଜଣ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ସମୟରେ ସେମାନଙ୍କ ଉପରେ ବି କାଠ ପଡିଯାଇଥିଲା। ଫଳରେ ୪ ଜଣ ଶ୍ୱାସରୋଦ୍ଧ ହୋଇ ରହିଥିଲେ। ଘଟଣା ସମ୍ବନ୍ଧରେ ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ବାହିନୀ ସହ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ପହଁଚି ସମସ୍ତଙ୍କୁ ଉଦ୍ଧାର କରି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ସେଥିମଧ୍ୟରୁ • ପୃଷ୍ଠା ୭ ଦେଖନ୍ତୁ...

## ୧୮ ବର୍ଷର ଅପେକ୍ଷାର ହେଲା ଅନ୍ତ

# ଆଇପିଏଲ ଟ୍ରଫି ଜିତିଲେ କିଙ୍ଗ୍ କୋହଲି



ଅହମ୍ମଦାବାଦ, ୩।୬ (ହି.ସ): ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମଠାରେ ମଙ୍ଗଳବାର ଇତିହାସ ସୃଷ୍ଟି କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ପଞ୍ଜାବ କିଙ୍ଗସକୁ ୬ ରନରେ ହରାଇ ଚାମ୍ପିୟନ ହୋଇଛି ବିରାଟ କୋହଲିଙ୍କ ଦଳ ଆରସିବି। ଏହା ସହିତ ଆରସିବିର ଦୀର୍ଘ ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ ହୋଇଛି। ଏହା ପୂର୍ବରୁ ଏହି ଦଳ ୩ ଥର ଫାଇନାଲକୁ ଯାଇଥିଲେ ବି ଚାମ୍ପିୟନ ହୋଇପାରିନଥିଲା। ୧୯୧ ରନର ପିଛା କରୁଥିବା ପଞ୍ଜାବ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ କରିପାରିଥିଲା। ଦଳ ପକ୍ଷରୁ ଶଶାଙ୍କ ସିଂ ୬୧ ରନ, ଜୋସ ଇଂଗଲିସ ୩୯ ରନ, ପ୍ରଭସିମରନ ସିଂ ୨୬ ଓ ପ୍ରିୟାଂଶ ଆର୍ଯ୍ୟା ୨୪ ରନ କରିଥିଲେ। ଦଳ ପକ୍ଷରୁ ଭୁବନେଶ୍ୱର କୁମାର ଓ କୃନାଲ ପାଣ୍ଡ୍ୟା ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହି ମ୍ୟାଚରେ ପଞ୍ଜାବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁର ଦୁଇ ଓପନର ଫିଲିପ ସଲ୍ଟ ଓ ବିରାଟ କୋହଲି ଆରମ୍ଭରୁ ସତର୍କତାର ବ୍ୟାଟିଂ କରିଥିଲେ। ତେବେ ସଲ୍ଟ ମାତ୍ର ୧୬ ରନ କରି ଆଉଟ ହୋଇଥିଲେ। ଏହା ପରେ ବିରାଟ କୋହଲି ଓ ମୟଙ୍କ ଅଗ୍ରୱାଲଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା। ମୟଙ୍କ ୨୪ ରନ କରିଥିବାବେଳେ ବିରାଟ ୪୩ ରନ କରିଥିଲେ। ସେହିପରି ରଜତ ପଟିଦାର ୨୬ ରନ କରିଥିବାବେଳେ ଲିଆମ ଲିଭିଙ୍ଗଷ୍ଟୋନ ୨୫ ରନ କରିଥିଲେ। ଜିତେଶ ଶର୍ମା ୨୪ରନ ଓ ରୋମାରିଓ • ପୃଷ୍ଠା ୭ ଦେଖନ୍ତୁ...

# ୮ରେ ମହାକାଶକୁ ଯିବେ ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ



ଫ୍ଲୋରିଡା, ୩।୬ (ହି.ସ): ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପେଟନ ଶୁଭାଂଶୁ ଶୁକ୍ଲା ଦେଶର ଦ୍ୱିତୀୟ ମହାକାଶଚାରୀର ମାନ୍ୟତା ଲାଭ କରିବାକୁ ଯାଉଛନ୍ତି। ସ୍ପେସ୍‌ଏକ୍ସର 'ଅକଜିୟମ-୪' ମିଶନରେ ସେ ସାମିଲ ହୋଇଛନ୍ତି। ଜୁନ ୮ ଭାରତୀୟ ସମୟ ସନ୍ଧ୍ୟା ୬ଟା ୪୧ ମିନିଟରେ ଶୁଭାଂଶୁଙ୍କ ସମେତ ଚାରିଜଣ ମହାକାଶଚାରୀ ଫାଲକନ୍-୯ ରକେଟ ଯୋଗେ ମହାକାଶକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଶୁଭାଂଶୁ ମିଶନ ପାଇଲଟ୍ ଏବଂ ଆମେରିକାର ପେଗି ହ୍ୱିଟସନ୍ ମିଶନ କମାଣ୍ଡର ଦାୟିତ୍ୱ ବହନ କରିବେ। ଅଭିଯାନରେ ସାମିଲ ଥିବା ଅନ୍ୟ ଦୁଇ ମହାକାଶଚାରୀ ହେଲେ ପୋଲାଣ୍ଡର ସ୍ଲାଓଜ୍ ଉଜନାନସ୍କି-ୱିଜନିଏସ୍କି ଏବଂ ହଙ୍ଗେରୀର ଟିବୋର କାପୁ। ଏହି ଚାରି ମହାକାଶଚାରୀ ୧୪ ଦିନ ଆଇଏସଏସ୍ (ଆନ୍ତର୍ଜାତିକ ସ୍ପେସ୍ ଷ୍ଟେସନ)ରେ ଅବସ୍ଥାନ କରିବାପରେ ଜୁନ ୨୨ରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ। ଶୁଭାଂଶୁଙ୍କ ପ୍ରସ୍ତୁତିକୁ ଇସ୍ରୋ ଅଧ୍ୟକ୍ଷ • ପୃଷ୍ଠା ୭ ଦେଖନ୍ତୁ...



# ଭାରତରେ ୮୬ ହଜାର କୋଟି ନିବେଶ କରିବ ଏଡିବି

**ନୂଆଦିଲ୍ଲୀ,(ହି.ସ):** ଭାରତରେ ଏକ ବୃହତ୍ ନିବେଶ କରିବ ଏସୀୟ ବିକାଶ ବ୍ୟାଙ୍କ (ଏଡିବି)। ଦେଶର ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଏଡିବି ୧୦ ବିଲିୟନ ଡଲାର ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୮୬ ହଜାର କୋଟି ଟଙ୍କା ନିବେଶ କରିବାକୁ ଏକ ୫ବର୍ଷୀୟ ଯୋଜନା ଘୋଷଣା କରିଛି। ଏହି ଯୋଜନାରେ ମେଟ୍ରୋ ରେଳ ସମ୍ପ୍ରସାରଣ, ଆଞ୍ଚଳିକ ଦ୍ରୁତ ପରିବହନ କରିଡର (ଆର୍‌ଆର୍‌ଟିଏସ୍) ଏବଂ ଜଳ, ପରିମଳ, ଗୃହ ନିର୍ମାଣ ଭଳି ସହରସ୍ତରୀୟ ସେବା ଉପରେ ଧ୍ୟାନ ଦିଆଯିବ। ଏଡିବି ସଭାପତି ମାସାଟୋ କାଣ୍ଡା ମେ ୩୧ରେ ଭାରତ ଗସ୍ତ ସମୟରେ କହିଥିଲେ ଯେ ଏହି ଯୋଜନାରେ ସାର୍ବଭୌମ ଋଣ, ଘରୋଇ କ୍ଷେତ୍ର ପାଣ୍ଠି ଏବଂ ତୃତୀୟ ପକ୍ଷ ପୁଞ୍ଜି ଅନ୍ତର୍ଭୁକ୍ତ ହେବ। ଏହି ନିବେଶ ଭାରତର ସଂଗଠନ ରଣନୀତିକୁ ସମର୍ଥନ କରିବ। କାରଣ ଦେଶର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସହରରେ ରହୁଥିବା ୪୦%ରୁ ଅଧିକ ଜନସଂଖ୍ୟାର ଭିତ୍ତିଭୂମି ଉନ୍ନତ କରିବା। ଏହି ପାଣ୍ଠି ଭାରତର ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ମାଧ୍ୟମରେ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବୈଠକ ପରେ ଶ୍ରୀ କାଣ୍ଡା କହିଛନ୍ତି ଯେ, ଏହି ପଦକ୍ଷେପ ସଂଯୋଗୀକରଣ ଏବଂ ସହରାଞ୍ଚଳ ସେବାକୁ ଉନ୍ନତ କରୁଥିବା ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବ। ଏହି ପାଣ୍ଠି ଭାରତର ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି (ୟୁସିଏଫ୍) ମାଧ୍ୟମରେ କରାଯିବ। ଯାହା ସହର ଭିତ୍ତିଭୂମି ପାଇଁ ଘରୋଇ ପୁଞ୍ଜି ଆକର୍ଷିତ କରିବାର ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପଗୁଡ଼ିକୁ ଡିଜାଇନ୍ କରିବାରେ ଏବଂ ସ୍ଥାନୀୟ ସରକାରଙ୍କୁ ସମର୍ଥନ କରିବା ପାଇଁ ଏଡିବି ୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୬ କୋଟି ଟଙ୍କା ବୈଷୟିକ ସହାୟତା ମଧ୍ୟ ଯୋଗାଇବ। ଏଡିବି ୨୨ଟି ରାଜ୍ୟର ୧୧୦ଟିରୁ ଅଧିକ ଭାରତୀୟ ସହରରେ ସହରାଞ୍ଚଳ ପ୍ରକଳ୍ପରେ ସାମିଲ ହୋଇଛି, ଯେଉଁଥିରେ ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ଏବଂ ଗୃହ ନିର୍ମାଣ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ। ବ୍ୟାଙ୍କର ବର୍ତ୍ତମାନର ସହରାଞ୍ଚଳ ପୋର୍ଟଫୋଲିଓରେ ୫.୧୫ ବିଲିୟନ ଡଲାର ଅର୍ଥାତ୍ ୪୪ ହଜାର କୋଟି ଟଙ୍କା ମୂଲ୍ୟର ୨୭ଟି ସକ୍ରିୟ ଋଣ ଅନ୍ତର୍ଭୁକ୍ତ।

# ବେଦାନ୍ତ ଆଲୁମିନିୟମର ଜାମଖାଣି ଖଣି ସ୍ଥାୟୀ ତଥା ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପାଇଁ ୪-ଷ୍ଟାର ରେଟିଙ୍ଗ ହାସଲ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ସୁନ୍ଦରଗଡ଼ରେ ଥିବା ଜାମଖାଣି କୋଇଲା ଖଣି ପାଇଁ କୋଇଲା ମନ୍ତ୍ରଣାଳୟରୁ ଏକ ସମ୍ମାନଜନକ ୪-ଷ୍ଟାର ରେଟିଙ୍ଗ ହାସଲ କରିଛି। ମନ୍ତ୍ରଣାଳୟର ଷ୍ଟାର ମୂଲ୍ୟାଙ୍କନରେ ୧୦୦ ରୁ ୮୩ ସ୍କୋର କରି, କାର୍ଯ୍ୟ ଆରମ୍ଭ କରିବାର ମାତ୍ର ଦୁଇ ବର୍ଷ ମଧ୍ୟରେ ଖଣି ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀମାନଙ୍କ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି । ଜାମଖାଣି ଖଣି ୧୦୦% ଭୂଲମ୍ବ ସମନ୍ୱୟ ହାସଲ କରିବା ଏବଂ କୋଇଲା ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା, ଏକ ଆତ୍ମନିର୍ଭରଶୀଳ, ବିକଶିତ ଭାରତର ବୃହତ ଲକ୍ଷ୍ୟରେ ଯୋଗଦାନ ଦେବା ପାଇଁ ବେଦାନ୍ତ ଆଲୁମିନିୟମର ଦୃଷ୍ଟିକୋଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆର୍ଥିକ ବର୍ଷ ୨୦୧୯ରେ କୋଇଲା ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ଷ୍ଟାର ରେଟିଂ ମୂଲ୍ୟାୟନ ଯୋଜନା, ବିଭିନ୍ନ ପାରାମିଟରରେ ଖଣି ମୂଲ୍ୟାଙ୍କନ କରି ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ଖଣିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଏଥିରେ ବୈଜ୍ଞାନିକ ଖଣି କାର୍ଯ୍ୟପଦ୍ଧତି, ପରିବେଶ ସଂରକ୍ଷଣ, ବୈଧାନିକ ଅନୁପାଳନ, ଭୂମି ଏବଂ ପୁନର୍ବାସ ପରିଚାଳନା, ଆର୍ଥିକ କାର୍ଯ୍ୟଦକ୍ଷତା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, କର୍ମଚାରୀ କଲ୍ୟାଣ ଏବଂ କର୍ମକ୍ଷେତ୍ର ସୁରକ୍ଷା ଅନ୍ତର୍ଭୁକ୍ତ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ସ୍ୱୀକୃତି ଜାମଖାଣିର ଦଳର ଉତ୍ସର୍ଗତା ଏବଂ ସମନ୍ୱିତ ପ୍ରୟାସର ଏକ ପ୍ରମାଣ ଏବଂ ସ୍ଥାୟୀତ୍ୱ, ସୁରକ୍ଷା ଏବଂ ଡିଜିଟାଲ୍ ନବସୃଜନ ଉପରେ ଦୃଢ଼ ଧ୍ୟାନ ଦେଇ ଉତ୍କର୍ଷତା ହାସଲ କରିବାର ବେଦାନ୍ତର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହି ସ୍ୱୀକୃତି ପରିବେଶଗତ ଏବଂ ସାମାଜିକ ଶାସନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ପରିବର୍ତ୍ତନମୂଳକ ଅଭିବୃଦ୍ଧିକୁ ଚଳାଇବା ପ୍ରତି ଆମର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ। ନଭେମ୍ବର ୨୦୨୨ରେ ଏହାର ପ୍ରତିଷ୍ଠା ପରଠାରୁ, ବେଦାନ୍ତର ଜାମଖାଣି କୋଇଲା ଖଣି ପରିବେଶଗତ ପରିଚାଳନା, ଡିଜିଟାଲ୍ ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ଦୃଢ଼ ଧ୍ୟାନ ଦେଇ ସର୍ବୋତ୍ତମ ଖଣି କାର୍ଯ୍ୟପଦ୍ଧତିର ଉଦାହରଣ ଦେଇଛି। ଖଣି ଉନ୍ନତ ବାୟୁ ଏବଂ ଜଳ ପରିଚାଳନା ପ୍ରଣାଳୀ କାର୍ଯ୍ୟକାରୀ କରିଛି, ଯେଉଁଥିରେ ବାସ୍ତବ-ସମୟ ମନିଟରିଂ, ୪,୨୦୦ କିଲୋ ଲିଟର କ୍ଷମତା ସହିତ ଛାତ ଉପରେ ବର୍ଷାଜଳ ଅମଳ ଏବଂ ପ୍ରାୟ ୧୦୦,୦୦୦ ଘନ ମିଟର ମିଳିତ କ୍ଷମତା ସହିତ ପୋଖରୀ ମାଧ୍ୟମରେ ଭୂତଳ ପୁନଃଚାର୍ଜ ଅନ୍ତର୍ଭୁକ୍ତ। ପୋଖରୀ, ସମ୍ପସ୍ ଏବଂ ପର୍ଯ୍ୟବେକ୍ଷଣ କୂପଗୁଡ଼ିକୁ ବସାଇବା ଭଳି ଭିତ୍ତିଭୂମିକୁ ସମର୍ଥନ କରିବା ଏହାର ଜଳ ସଂରକ୍ଷଣ ପ୍ରୟାସକୁ ଆହୁରି ମଜବୁତ କରେ। ଅତିରିକ୍ତ ପଦକ୍ଷେପଗୁଡ଼ିକରେ ଜୈବିକ ପୁନରୁଦ୍ଧାର ପାଇଁ ଉପର ମାଟି ପରିଚାଳନା, ପରିବେଶଗତ ପରିଚାଳନା ଯୋଜନା ଅନୁପାଳନ ଏବଂ ଆଇଏସଓ:୯୦୦୧ ଗୁଣବତ୍ତା ପରିଚାଳନା ପ୍ରଣାଳୀର ଚାଲୁଥିବା



କାର୍ଯ୍ୟାନ୍ୱୟନ ଅନ୍ତର୍ଭୁକ୍ତ। ଖଣି ମଧ୍ୟ ବନୀକରଣର ଅଭିନବ ମିଆୱାକି ପଦ୍ଧତି ଗ୍ରହଣ କରିଛି, ଦ୍ରୁତ ବର୍ଦ୍ଧିତ, ଆତ୍ମନିର୍ଭରଶୀଳ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉଚ୍ଚ ଘନତାରେ ଦେଶୀୟ ଗଛ, ଉପ-ଗଛ ଏବଂ ବୁଦାଗୁଡ଼ିକର ବିବିଧ ମିଶ୍ରଣ ରୋପଣ କରିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ଏହି ଆର୍ଥିକ ବର୍ଷର ଶେଷ ସୁଦ୍ଧା ଖଣି ପରିଧିରେ ୧୮ ହେକ୍ଟରରେ ୩.୬୫ ଲକ୍ଷ ଚାରା ରୋପଣ କରିବା। ଏହି ସବୁଜବଳୟ ଖଣି କ୍ଷେତ୍ରରେ ପୁନଃଉତ୍ପାଦନକାରୀ ପରିବେଶଗତ ଅଭ୍ୟାସ ପାଇଁ ଏକ ଜୈବ ବିବିଧତା ହଟସ୍ପଟ୍ ଏବଂ ମଡେଲ୍ ଭାବରେ କାର୍ଯ୍ୟ କରିବ। କମ୍ପାନୀ ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପରେ କେନ୍ଦ୍ରିତ ଏକ ଡିଜିଟାଲ୍-ପ୍ରଥମ ପଦ୍ଧତି ମାଧ୍ୟମରେ ଏହାର ଡିଜିଟାଲ୍ ପରିବର୍ତ୍ତନ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଜାମଖାଣି କୋଇଲା ଖଣିରେ, ଡ୍ରୋନ୍-ଆଧାରିତ ବ୍ଲାଷ୍ଟିଂ ଜୋନ୍ କ୍ଲିୟରାନ୍ସ, ଡିଜିଟାଲ୍ ଡ୍ୟାସବୋର୍ଡ, ଅପରେସନାଲ୍ ଆନାଲିଟିକ୍ସ ଏବଂ ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ) ଭଳି ପ୍ରଯୁକ୍ତିବିଦ୍ୟାକୁ ରିଅଲ୍- ଟାଇମ୍ କୋଇଲା ଉତ୍ପାଦନ, ଉପକରଣ ବ୍ୟବହାର ଏବଂ ପ୍ରେରଣ ଗୁଣବତା ଟ୍ରାକ୍ କରି ଦକ୍ଷତା ବୃଦ୍ଧି କରିବା ପାଇଁ ସମନ୍ୱିତ କରାଯାଇଛି। ଏହି ଉଦ୍ଭାବନଗୁଡ଼ିକ କେବଳ କାର୍ଯ୍ୟଦକ୍ଷତାରେ ନୁହେଁ ବରଂ ସୁରକ୍ଷା ଏବଂ ପରିବେଶଗତ ଦାୟିତ୍ୱରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି, ଯାହା ସ୍ମାର୍ଟ ଏବଂ ସ୍ଥାୟୀ ଖଣି ପ୍ରତି ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି। ଜାମଖାନି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଏବଂ ନିଲାମ ଯୁଗରେ ଓଡ଼ିଶାରେ ପ୍ରଥମ ଘରୋଇ ଭାବରେ ବିକଶିତ ଗ୍ରୀନଫିଲ୍ଡ କୋଇଲା ଖଣି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ, ଏହି ଖଣି ଝାରସୁଗୁଡ଼ାରେ ବେଦାନ୍ତର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟରକୁ ସମର୍ଥନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହାକି ବିଶ୍ୱ ସ୍ତରରେ ସର୍ବବୃହତ ଏକକ-ସ୍ଥାନ ଆଲୁମିନିୟମ୍ ସ୍ମେଲ୍ଟିଂ ସୁବିଧା। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣୀ ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

# ଭାରତରେ ଟେସ୍‌ଲା ଖୋଲିବନି ପ୍ଲାଣ୍ଟ : କୁମାରସ୍ୱାମୀ

**ନୂଆଦିଲ୍ଲୀ,(ହି.ସ):** ଭାରତୀୟ ବଜାରରେ ବୈଦ୍ୟୁତିକ ଯାନ (ଇଭି) ଟେସଲାର ପ୍ରବେଶରେ ଏବେ ଗ୍ରହଣ ଲାଗିଛି। ସାମ୍ପ୍ରତିକ ବୟାନ ଅନୁଯାୟୀ, ଟେସ୍‌ଲା ଭାରତରେ କାର ଉତ୍ପାଦନ କରିବାକୁ ଚାହୁଁନାହିଁ। ସୋମବାର କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ଏହି ସୂଚନା ଦେଇଛନ୍ତି। ଟେସ୍‌ଲା କେବଳ ଭାରତରେ ଶୋରୁମ୍ ଖୋଲିବାକୁ ଚାହୁଁଛି ଏବଂ ଉତ୍ପାଦନ କରିବାକୁ ଚାହୁଁନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଟେସଲା ବିଷୟରେ କୁମାରସ୍ୱାମୀଙ୍କ ବୟାନ ପରେ ପ୍ରଶ୍ନ ଉଠୁଛି ଯେ ଟେସ୍‌ଲା କମ୍ପାନୀର ମାଲିକ ଏଲନ୍ ମସ୍କ ସରକାରରୁ ଇସ୍ତଫା ଦେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ରହିଛନ୍ତି କି। ଏଠାରେ ଉଲ୍ଲେଖନୀୟ ଯେ ଆମେରିକାରେ ପୁଣି କ୍ଷମତାକୁ ଆସିବା ପରଠାରୁ, ଡୋନାଲ୍ଡ ଟ୍ରମ୍ପ ଟିକସ ପ୍ରତି କଠୋର ହୋଇଛନ୍ତି। ଟ୍ରମ୍ପ ସରକାର ଚୀନ୍ ସମେତ ଅନେକ ଦେଶ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିଛି, ଯାହା ପରେ ଆପଲ୍ କମ୍ପାନୀ ଚୀନ୍‌କୁ ଭାରତକୁ ଉତ୍ପାଦନ ସ୍ଥାନାନ୍ତର କରିବାକୁ ବିଚାର କରୁଥିଲା, ସେତେବେଳେ ଟ୍ରମ୍ପ ଆପଲ୍ ସିଇଓଙ୍କୁ ଚେତାବନୀ ଦେଇଥିଲେ। କେବଳ ଏତିକି ନୁହେଁ, ଭାରତରେ ଏକ ଉତ୍ପାଦନ ୟୁନିଟ୍ ଖୋଲିବା ପାଇଁ ମସ୍କଙ୍କ ଟେସ୍‌ଲା ଯୋଜନା ଉପରେ ଟ୍ରମ୍ପ କହିଥିଲେ ଯେ ଭାରତରେ ଏକ କାରଖାନା ଖୋଲିବା




ପାଇଁ ଟେସ୍‌ଲାର ଯୋଜନା ଠିକ୍ ନୁହେଁ। ଏସବୁ ପରେ କୁମାରସ୍ୱାମୀଙ୍କ ସଦ୍ୟ ବୟାନ ଏହା ସ୍ପଷ୍ଟ କରୁଛି ଯେ, ଟ୍ରମ୍ପଙ୍କ ଭୟ ନା ଚାପ, ଯେଉଁ କାରଣ ପାଇଁ ମସ୍କ ଭାରତରେ ଟେସଲା କାର ଉତ୍ପାଦନ କରିବାକୁ ଚାହୁଁନାହାନ୍ତି। ଅପରପକ୍ଷେ ଟେସ୍‌ଲା ହଟିବା ପରେ ମର୍ସିଡିଜ୍-ବେଞ୍ଜ, ସ୍କୋଡା-ଫକ୍ସୱାଗନ୍, ହ୍ୟୁଣ୍ଡାଇ ଏବଂ କିଆ ପରି ଅନ୍ୟ ବିଦେଶୀ ଅଟୋମୋବାଇଲ୍ କମ୍ପାନୀଗୁଡିକ ଏବେ ଭାରତରେ ଇଭି ନିର୍ମାଣରେ କରିବାକୁ ଆଗ୍ରହ ଦେଖାଇଛନ୍ତି। ଶ୍ରୀ କୁମାରସ୍ୱାମୀ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଟେସଲା ଭାରତରେ କେବଳ ଦୁଇଟି ଶୋରୁମ୍ ଖୋଲିବାକୁ ଚାହୁଁଛି। କମ୍ପାନୀ ଭାରତରେ ଏକ ଉତ୍ପାଦନ ୟୁନିଟ୍ ଖୋଲିବା ଏବଂ ଭାରତରେ ଇଭି ନିର୍ମାଣ କରିବାକୁ ଆଗ୍ରହୀ ନୁହେଁ। ଟେସଲା ମାର୍ଚ୍ଚ ମାସରେ ମୁମ୍ବାଇରେ ଏହାର ପ୍ରଥମ ଶୋ'ରୁମ୍ ସ୍ଥାପନ ପାଇଁ ଏକ ଲିଜ୍ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷର କରିଥିଲା। ଶୋ'ରୁମ୍ ପାଇଁ ଜମି ଲିଜ୍ ଦେବା ପରେ, ଟେସ୍‌ଲା କମ୍ପାନୀର ଭାରତରେ ପ୍ରବେଶ ନିଶ୍ଚିତ ବୋଲି ବିବେଚନା କରାଯାଉଥିଲା। ଭାରତରେ କର୍ମଚାରୀ ନିଯୁକ୍ତି ପାଇଁ ଟେସ୍‌ଲା ଲିଙ୍କଡିନ୍‌ରେ ବିଭିନ୍ନ ନିଯୁକ୍ତି ପ୍ରକାଶ କରିଥିଲା। କିନ୍ତୁ ଟ୍ରମ୍ପଙ୍କ ଚେତାବନୀ ପରେ ମସ୍କ ଏବେ ତାଙ୍କ ନିଷ୍ପତ୍ତିରୁ ସମ୍ପୂର୍ଣ୍ଣ ଓହରି ଯାଇଛନ୍ତି। ଏବେ ଯଦି କେନ୍ଦ୍ର ମନ୍ତ୍ରୀ କୁମାରସ୍ୱାମୀଙ୍କ କଥାକୁ ବିଶ୍ୱାସ କରାଯାଏ, ଟେସଲା ଭାରତରେ କେବଳ ଦୁଇଟି ଶୋ'ରୁମ୍ ଖୋଲିବାକୁ ଆଗ୍ରହୀ। ଟେସ୍‌ଲା ଭାରତରେ ଏକ କାରଖାନା ଆରମ୍ଭ କରିବାରେ ଆଗ୍ରହୀ ନୁହେଁ ତାହା ସ୍ପଷ୍ଟ। ଏହି ବିଦେଶୀ କମ୍ପାନୀଗୁଡ଼ିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ଚାହୁଁଛନ୍ତି, ଯଦିଓ ଏଚ୍.ଡି କୁମାରସ୍ୱାମୀ ଭାରତରେ ଇଲେକ୍ଟ୍ରିକ୍ କାର ନିର୍ମାଣ ପାଇଁ ସ୍କୋଡା-ଫକ୍ସୱାଗନ୍, ହ୍ୟୁଣ୍ଡାଇ, ମର୍ସିଡିଜ୍ ବେଞ୍ଜ ଏବଂ କିଆ ଆଗ୍ରହ ଦେଖାଇବା କଥା ମନ୍ତ୍ରୀ କହିଛନ୍ତି।

# ଚାରି ଦଶନ୍ଧିରେ ବଦଳିଛି ଭାରତୀୟ ବିମାନ ଶିଳ୍ପ

**ନୂଆଦିଲ୍ଲୀ,(ହି.ସ):** ଦୀର୍ଘ ୪୦ ବର୍ଷ ପରେ ଭାରତରେ ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ)ର ବାର୍ଷିକ ସାଧାରଣ ବେଠକ ଆୟୋଜନ କରାଯାଇଛି। ଏହାପୂର୍ବରୁ ୧୯୮୩ରେ ଶେଷ ଥର ପାଇଁ ଏହି କାର୍ଯ୍ୟକ୍ରମ ଭାରତରେ ଆୟୋଜନ କରାଯାଇଥିଲା। ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଏହି ଚାରି ଦଶନ୍ଧିରେ ଭାରତୀୟ ବିମାନ ଶିଳ୍ପ ବହୁତ ବଦଳିଯାଇଛି। ପୂର୍ବାପେକ୍ଷା ଭାରତର ଆତ୍ମବିଶ୍ୱାସ ବହୁତ ବଢ଼ିଛି। ଭାରତୀୟ ବିମାନ ଶିଳ୍ପ ବିଶ୍ୱ ବିମାନ ପରିବହନ ଶିଳ୍ପର ଏକ ପ୍ରମୁଖ ଅଂଶ ପାଲଟିଛି। ସେ କହିଛନ୍ତି ଯେ ଭାରତ ହେଉଛି ବିଶ୍ୱର ତୃତୀୟ ବଡ଼ ଘରୋଇ ବିମାନ ଚଳାଚଳ ଶିଳ୍ପ। 'ଉଡାନ୍'




ସ୍କିମ୍‌ର ସଫଳତା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏକ ସୁବର୍ଣ୍ଣ ଅଧ୍ୟାୟ। ୨୦୧୪ ସୁଦ୍ଧା ଭାରତରେ ୭୪ଟି ବିମାନବନ୍ଦର କାର୍ଯ୍ୟକ୍ଷମ ଥିଲା। ବର୍ତ୍ତମାନ ସେହି ସଂଖ୍ୟା ୧୬୨ରେ ପହଞ୍ଚିଛି। ବିମାନବନ୍ଦରଗୁଡ଼ିକର କ୍ଷମତା ୫୦ କୋଟି ଯାତ୍ରୀଙ୍କୁ ପରିଚାଳନା କରିବା ଭଳି ସ୍ତରକୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର କିଛି ହାତଗଣତି ଦେଶ ଭିତରୁ ଅନ୍ୟତମ, ଯେଉଁଠାରେ ପ୍ରଯୁକ୍ତି ଜରିଆରେ ଯାତ୍ରୀ ଅନୁଭୂତିରେ ଉନ୍ନତି ଅଣାଯାଉଛି। ବିମାନ କମ୍ପାନୀଗୁଡ଼ିକ ଲାଗି ଭାରତ ହେଉଛି ଏକ ପ୍ରମୁଖ ନିବେଶ ସ୍ଥଳ।

# ଶୈଳେଶ ଏଫ୍‌ଏଆଇର ନୂଆ ଅଧ୍ୟକ୍ଷ

**ଭୁବନେଶ୍ୱର,(ହି.ସ):** ଫର୍ଟିଲାଇଜର ଆସୋସିଏସନ ଅଫ୍ ଇଣ୍ଡିଆ(ଏଫଏଆଇ)ର ନୂଆ ଅଧ୍ୟକ୍ଷ ଭାବେ ଉଦ୍ୟୋଗପତି ଶୈଳେଶ ସି. ମେହଟ୍ଟା ନିର୍ବାଚିତ ହୋଇଛନ୍ତି। ଏପରିକି ଏହି ଶିଳ୍ପରେ ଚାରି ଦଶନ୍ଧିରୁ ଅଧିକ କାଳ ଅଭିଜ୍ଞତା ଥିବା ମେହଟା ମଧ୍ୟ ଫର୍ଟିଲାଇଜର ଆସୋସିଏଶନ ଅଫ୍ ଇଣ୍ଡିଆ (ପଶ୍ଚିମାଞ୍ଚଳ)ର ଚେୟାରମ୍ୟାନ ଭାବେ ୫ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସେହିଭଳି ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କର୍ପୋରେଶନ ଲିମିଟେଡ ଏବଂ ମହାଧନ ଏଗ୍ରିଟେକ ଲିମିଟେଡର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶୈଳେଶ ସି. ମେହଟାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଏହି ପରିପ୍ରେକ୍ଷୀରେ ମେହଟ୍ଟା କହିଥିଲେ, ଭାରତର ଖାଦ୍ୟ ନିଅଣ୍ଟିଆ ସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବେ ଯାତ୍ରା ଉଲ୍ଲେଖନୀୟ ହୋଇଛି। ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସରକାର, ଶିଳ୍ପ ଏବଂ ଆମ କୃଷକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବାକୁ ନେଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ବିଶେଷକରି ବିଶ୍ୱ ମାନଚିତ୍ରରେ ଭାରତୀୟ କୃଷକ ଏବଂ କୃଷି ଉତ୍ପାଦିକତାକୁ ଉଚ୍ଚତର ସୋପାନକୁ ନେଇଯିବାରେ ଏକ ରୂପାନ୍ତରଣକାରୀ ଭୂମିକା ନିର୍ବାହ କରୁଛି। ଗତ ଦୁଇ ଦଶନ୍ଧିରେ ଭାରତର କୃଷି ଉତ୍ପାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉତ୍ପାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।



# ପିଓକେରେ ବଢୁଛି ଉତ୍ତେଜନା

**ନୂଆଦିଲ୍ଲୀ,(ହି.ସ):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍ଗିଟ୍-ବାଲ୍ଟିସ୍ତାନର ହଜାର ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି। ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶାସକ ଦଳ ପିଏମ୍‌ଏଲ୍(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରିଆସୁଛନ୍ତି। ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ ଅଭିହିତ କରିଛନ୍ତି। ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି। ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍ଗିଟ୍ ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦ ପାକ୍ ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି। ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍‌କୁ ନେଇ ଗିଲ୍ଗିଟ୍-ବାଲ୍ଟିସ୍ତାନରେ ଜୋରଦାର ବିକ୍ଷୋଭ ହୋଇଥିଲା। ଉକ୍ତ ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ବୃଦ୍ଧି ଲାଗିରହିଥିବା ବେଳେ ୨୦୨୩ ଅକ୍ଟୋବରରେ ଭାରତର କାର୍ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ।

## ଆଉ ଜଣେ ପାକ୍ ଗୁପ୍ତଚର ଗିରଫ

**ନୂଆଦିଲ୍ଲୀ,(ହି.ସ):** ପାକିସ୍ତାନ ପାଇଁ ଗୁପ୍ତଚର କାମ କରିବା ଅଭିଯୋଗରେ ପୁଣି ଜଣେ ଗିରଫ। ପାକ୍ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାମ କରୁଥିବା ବ୍ୟକ୍ତିକୁ ଗିରଫ କରିଛି ପଞ୍ଜାବ ପୋଲିସ। ଅଭିଯୁକ୍ତ ଭାରତୀୟ ସେନାର ଗତିବିଧି ଏବଂ ଅପରେସନ୍ ସିନ୍ଦୂର ବାବଦରେ ପାକିସ୍ତାନକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଥିଲା। ପାକିସ୍ତାନକୁ ଭାରତର ଗୁଇନ୍ଦା ସୂଚନା ପଠାଇବା ଅଭିଯୋଗ ଗଗନଦୀପ ସିଂହ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଛି ପଞ୍ଜାବ ପୋଲିସ। ଅଭିଯୁକ୍ତ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହ ଖଲିସ୍ତାନୀ ଆତଙ୍କୀ ଗୋପାଳ ସିଂହ ଚାୱଲାର ସମ୍ପର୍କରେ ଥିଲା। ସେ ଦୀର୍ଘ ସମୟ ଧରି ସୀମା ନିକଟରେ ଘଟୁଥିବା ସେନା ଗତିବିଧି ବିଷୟରେ ସୂଚନା ଦେଉଥିଲା। ଏପରିକି ତା ମଧ୍ୟରେ 'ଅପରେସନ୍ ସିନ୍ଦୂର'ର ସମ୍ବେଦନଶୀଳ ସୂଚନା ମଧ୍ୟ ରହିଛି। ସେନାର ମୁତୟନ, ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ବହୁ ସମ୍ବେଦନଶୀଳ ସୂଚନା ସେ ପ୍ରଦାନ କରୁଥିଲା। ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ କହିଛନ୍ତି, ପ୍ରାଥମିକ ତଦନ୍ତ ପରେ ଜଣାପଡିଛି ଗଗନଦୀପ ସିଂହ ଗତ ୫ ବର୍ଷ ହେବ ପାକିସ୍ତାନରେ ଥିବା ଖଲିସ୍ତାନୀ ଆତଙ୍କୀ ଗୋପାଳ ସିଂହର ସମ୍ପର୍କରେ ଥିଲା।

# ସତ ମାନିଲା ପାକିସ୍ତାନ : ଭାରତ ୨୦ ନୁହେଁ, ୨୮ଟି ସ୍ଥାନକୁ ଟାର୍ଗେଟ କରିଥିଲା

**ନୂଆଦିଲ୍ଲୀ,(ହି.ସ):** ପାକିସ୍ତାନର ଦସ୍ତାବିଜରୁ ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟଜନକ ତଥ୍ୟ। ଯେଉଁଥିରେ ଦାବି କରାଯାଇଛି ଯେ ଭାରତର ଅପରେସନ୍ ସିନ୍ଦୂର ମେ ୭ ତାରିଖରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଶିବିର ବ୍ୟତୀତ ଅନ୍ୟ ଆଠଟି ସ୍ଥାନରେ ଭାରତୀୟ ବାୟୁସେନା ଆକ୍ରମଣ କରି ଏହାକୁ ଧ୍ୱଂସ କରିଛି। ହେଲେ ପାକିସ୍ତାନ ପ୍ରଥମେ ପ୍ରଥମେ ଏହାକୁ ମାନିବାକୁ ନାରାଜ ଥିଲା। ପରେ କିଛି ସମୟ ଅପରେସନ ସିନ୍ଦୂର ନେଇ ଅନେକ ମିଛ କହି ଭାରତ ଦ୍ୱାରା ହୋଇଥିବା କ୍ଷତି ନେଇ କୁମ୍ଭୀର କାନ୍ଦଣା କାନ୍ଦିଲା। ଅପରେସନ ସିନ୍ଦୂର ସମ୍ପର୍କରେ ଏକ ବଡ଼ ଖୁଲାସା ହୋଇଛି। ଭାରତୀୟ ସେନା ଯାହା କହିଛି ତାହାଠାରୁ ପାକିସ୍ତାନ ଅଧିକ କ୍ଷତି ସହିଛି ବୋଲି ଦାବି କରାଯାଇଛି। ଭାରତ ଅପରେସନ ସିନ୍ଦୂର ସମୟରେ କେବଳ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା। କିନ୍ତୁ ଏହା ପରେ ପାକିସ୍ତାନୀ ସେନା ଏକ ମୋର୍ଚ୍ଚା ଖୋଲିଥିଲା। ଡ୍ରୋନ୍ ଏବଂ



ମିସାଇଲ୍ ମାଡ କରି ଭାରତର ସାଧାରଣ ନାଗରିକ ଏବଂ ଅନେକ ସହର ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଯଦିଓ ଭାରତୀୟ ସେନା ଏହାକୁ ବିଫଳ କରିଥିଲା। ହେଲେ ପ୍ରତିଶୋଧରେ ଏହା ପାକିସ୍ତାନର ଅନେକ ଏୟାରବେସ୍ ନଷ୍ଟ କରିଥିଲା। ପାକିସ୍ତାନର ସାମରିକ ଘାଟିକୁ ପ୍ରଚୁର କ୍ଷତି ସହିବାକୁ ପଡିଥିଲା। ଏହାକୁ ନେଇ ଏବେ ବଡ ଖୁଲାସା କରିଛି ନିଜେ ପାକିସ୍ତାନ। ଭାରତ ୨୦ ନୁହେଁ, ୨୮ଟି ସ୍ଥାନକୁ ଟାର୍ଗେଟ କରିଥିଲା। ପାକିସ୍ତାନର ଡୋଜିୟର ପ୍ରକାଶ କରିଛି ଯେ ଭାରତ ପ୍ରତିଶୋଧ ଅତ୍ୟନ୍ତ ଗଭୀର ଥିଲା। ଏହା ପାକିସ୍ତାନର ୨୦ଟି ସ୍ଥାନରେ ନୁହେଁ, ବରଂ ୨୮ ଟି ସ୍ଥାନରେ ଆକ୍ରମଣ କରିଥିଲା। ଭାରତୀୟ ସେନା ପ୍ରେସ ବ୍ରିଫିଂ ସମୟରେ ପାକିସ୍ତାନରେ ପ୍ରତିଶୋଧ ନିଆଯାଇଥିବା ସ୍ଥାନଗୁଡ଼ିକ ଉଲ୍ଲେଖ କରିନଥିଲା। କିନ୍ତୁ ଡୋଜିୟରରେ ଏହା ମଧ୍ୟ ପ୍ରକାଶ ପାଇଛି। ପେଶାୱାର, ସିନ୍ଧ, ଝାଙ୍ଗ, ଗୁଜରାନୱାଲା, ଭାୱଲନଗର ଏବଂ ଚୋର ସମେତ ଅନେକ ସ୍ଥାନ ଭାରି କ୍ଷତିଗ୍ରସ୍ତ ହୋଇଛି। ଭାରତ ପାକିସ୍ତାନର ଅନେକ ସାମରିକ ଘାଟିକୁ ଟାର୍ଗେଟ କରିଥିଲା। ଏହା ନୁର ଖାନ, ରଫିକି, ମୁରିଦକେ, ସୁକ୍କୁର, ସିଆଲକୋଟ, ପସରୁର, ଚୁନିଆନ ଏବଂ ସରଗୋଧା ସମେତ ମୋଟ ୧୧ଟି ଏୟାରବେସ୍ ଉପରେ ପ୍ରତିଶୋଧ ନେଇଥିଲା। ସମ୍ପ୍ରତି ମ୍ୟାକ୍ସର ଟେକ୍ନୋଲୋଜିଜ୍ ସାଟେଲାଇଟ୍ ଚିତ୍ର ଜାରି କରିଥିଲା। ଏହା ମାଧ୍ୟମରେ, ଅପରେସନ୍ ସିନ୍ଦୁର ସମୟରେ ପାକିସ୍ତାନର ସାମରିକ ଘାଟିକୁ ହୋଇଥିବା କ୍ଷତି ପ୍ରକାଶ କରାଯାଇଥିଲା। ଏଥିସହିତ ଭାରତ ବାହାବଲପୁରରେ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ଏବଂ ମୁରିଦକେରେ ଲସ୍କର-ଏ-ତୈବାର ତାଲିମ କେନ୍ଦ୍ର ସମେତ ନଅଟି ସ୍ଥାନରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ୍ ସିନ୍ଦୁର ଆରମ୍ଭ କରିଥିଲା। ଏହି ସମୟ ମଧ୍ୟରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ପାକିସ୍ତାନୀ ସେନାର ପ୍ରବେଶ ପରେ, ଅପରେସନ୍ ଏକ ବଡ଼ ରୂପ ନେଇଥିଲା।

# ସଫେଇ ନହେଲେ ଆଉଟସୋର୍ସିଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,(ହି.ସ.):** ସହରାଞ୍ଚଳରେ ସଫେଇ କାମ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ  କୃଷ୍ଣଚନ୍ଦ୍ର ମହାପାତ୍ର। ଯେଉଁଠି ସଫେଇ କାମ ନ ହେଉଛି, ଆଉଟସୋର୍ସିଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଟର୍ମିନେଟ୍ କରି ନୂଆ ସଂସ୍ଥାକୁ ନିଯୁକ୍ତି ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସହର ହେଉଛି ରାଜ୍ୟର ମୁଖଶାଳା। ସହର କିଭଳି ପରିଷ୍କାର ରହିବ, ଡ୍ରେନେଜ ସିଷ୍ଟମ କିଭଳି ଠିକ୍ ରହିବ, ମୁଖ୍ୟମନ୍ତ୍ରୀ ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାଣି ନିଷ୍କାସନ ଠିକ୍ ନହେଲେ ଜଳବନ୍ଦୀ ସମସ୍ୟା ଦେଖାଦେବ ଓ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବ। ଲୋକ ଅସୁବିଧାରେ ପଡ଼ିବେ। ଏବର୍ଷ ଅଧିକ ବର୍ଷା ସମ୍ଭାବନା ଥିବାରୁ ବିଭିନ୍ନ ସହର ସ୍ଥିତି ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ଗତକାଲି ମୁଁ କଟକ, ଭୁବନେଶ୍ୱରର ବିଭିନ୍ନ ୱାଟର ଲଗିଂ ପଏଣ୍ଟ ବୁଲି ଦେଖିଲି। ବର୍ଷା ଆସିବା ପୂର୍ବରୁ ଡ୍ରେନ କାମ ସାରିବାକୁ ତଦାରଖ କଲି। ଆଜି ସମସ୍ତ ୧୫ ଟି ଯାକ ୟୁଏଲବିର ସମୀକ୍ଷା କରାଯାଇଛି। ଯେମିତି କେଉଁଠି ବି ସମସ୍ୟା ନ ରହିବ, ଯାହା ବି ସଫେଇ ଦରକାର, ଡ୍ରେନ କାମ ଦରକାର ସବୁ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ବିଭାଗ ମିଳିତ ଭାବେ କାମ କରିବେ। ଏଇଟା ଏ ବିଭାଗର ଡ୍ରେନ, ସେଇଟା ସେ ବିଭାଗର ଡ୍ରେନ, କହିଲେ ଶୁଣାଯିବନି। ସବୁ ୟୁଏଲବିକୁ ନିର୍ଦ୍ଦେଶ ଯାଇଛି, ଖୁବ୍ ଜଲଦି ଡ୍ରେନ ସଫେଇ ଠାରୁ ଆରମ୍ଭ କରି ବ୍ଲକେଜ୍ ପର୍ଯ୍ୟନ୍ତ ସବୁ କାମ ସାରିବାକୁ। ଯଦି ସ୍ଥାୟୀ ସମାଧାନ ନ ହୋଇପାରୁଛି, ପମ୍ପ ସେଟ୍ ରଖି ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭିଏତ୍‌ନାମ ଗସ୍ତ ସମୟରେ ଓଡ଼ିଶା-ଦା ନାଙ୍ଗ ସମ୍ପର୍କ ସ୍ଥାପନ ପାଇଁ ପ୍ରସ୍ତାବ ଦେଲେ ରାଜ୍ୟପାଳ

**ଭୁବନେଶ୍ୱର,(ହିସ.):** ଭିଏତନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷକୁ (ରେଲିକ୍ସ) ଭାରତ ଫେରାଇ ଆଣିବା ପାଇଁ ଭିଏତନାମ ଗସ୍ତ କରିଥିବା ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓଡ଼ିଶା ଏବଂ ଭିଏତନାମର ଦା-ନାଙ୍ଗ ସିଟି ମଧ୍ୟରେ ପ୍ରଦେଶସ୍ତରୀୟ ସମ୍ପର୍କ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ସୋମବାର ଦିନ ଦା-ନାଙ୍ଗ ପିପୁଲ୍ସ କମିଟିର ଅଧ୍ୟକ୍ଷ ମହାମହିମ ଲେ ଟ୍ରୁଙ୍ଗ ଚିନ୍‌ହଙ୍କ ସହ ସାକ୍ଷାତ ସମୟରେ ରାଜ୍ୟପାଳ ଏହି ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ସମୃଦ୍ଧ ଇତିହାସ, ଦୃଢ଼ ସାଂସ୍କୃତିକ ପରମ୍ପରା ଏବଂ ଦ୍ରୁତ ଆର୍ଥିକ ଅଭିବୃଦ୍ଧିର ରାଜ୍ୟ। ଆମର ଅନେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ସ୍ଥଳ ମଧ୍ୟ ଅଛି ଓ ଯଦି ଡା-ନାଙ୍ଗ ଆଗ୍ରହୀ, ତେବେ ଆମେ ଆମର ଦୁଇ ଅଞ୍ଚଳ ମଧ୍ୟରେ ସମ୍ପର୍କ ସଂସ୍ଥାପନ କରିପାରିବା। ରାଜ୍ୟପାଳ ଡା-ନାଙ୍ଗକୁ ଏକ ସୁନ୍ଦର ଏବଂ ଐତିହାସିକ ସହର ଭାବରେ ପ୍ରଶଂସା କରିଛନ୍ତି । ଦା-ନାଙ୍ଗ ଏକ ପ୍ରମୁଖ ବନ୍ଦର, ଉଚ୍ଚ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ରବିନ୍ଦୁ, ଅର୍ଥ ଏବଂ ପର୍ଯ୍ୟଟନର କେନ୍ଦ୍ର ହେବାର ଅପାର ସମ୍ଭାବନା ଅଛି ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ପୁଣି କହିଛନ୍ତି ଯେ ମଧ୍ୟ ଭିଏତନାମରେ ଏକ ସ୍ପନ୍ଦନଶୀଳ ଉପକୂଳ ସହର ଭାବରେ ଦା-ନାଙ୍ଗର ଅବସ୍ଥିତି ଭାରତ ଏବଂ ଭିଏତନାମ ମଧ୍ୟରେ ଆର୍ଥିକ ଏବଂ ବାଣିଜ୍ୟିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ରାଜ୍ୟପାଳ ଭିଏତନାମ ସରକାର ଏବଂ ଡା-ନାଙ୍ଗର ଲୋକମାନଙ୍କୁ ସେମାନଙ୍କର ଭବ୍ୟ ଆତିଥ୍ୟ ଏବଂ ଭଗବାନ ବୁଦ୍ଧଙ୍କ ପବିତ୍ର କୀର୍ତି ପାଇଁ କରାଯାଇଥିବା ଉତ୍କୃଷ୍ଟ ବ୍ୟବସ୍ଥା ନିମନ୍ତେ ଧନ୍ୟବାଦ ଜଣାଇଥିଲେ। ଏହି କୀର୍ତି ଏବଂ ଅବଶେଷକୁ ଭାରତ ସରକାର ଯଥୋଚିତ ପ୍ରୋଟୋକଲ ପ୍ରଦାନ କରିଛନ୍ତି ଏବଂ ମୁଁ ବ୍ୟକ୍ତିଗତ ଭାବରେ ଏହି ସବୁକୁ ସାଙ୍ଗରେ ନେଇ ଫେରିବା ପାଇଁ ଯାତ୍ରା କରୁଛି ବୋଲି କହିଥିଲେ। ବୌଦ୍ଧ ଧର୍ମ ପ୍ରାୟ ୧୮୦୦ ବର୍ଷ ଧରି ଭାରତ ଏବଂ ଭିଏତନାମ ମଧ୍ୟରେ ଏକ ଦୃଢ଼ ସଂଯୋଗ ସ୍ଥାପନ କରି ଆସିଛି । ଭାରତ ଏହାର ବୌଦ୍ଧ ଐତିହ୍ୟକୁ ଗୁରୁତ୍ୱ ଦିଏ ଏବଂ ବୌଦ୍ଧ ସ୍ଥଳଗୁଡ଼ିକର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ପ୍ରାଥମିକତା ଦେଇଛି। ଭାରତ ଏବଂ ଭିଏତନାମ ମଧ୍ୟରେ ବଢୁଥିବା ସହଭାଗିତା ବିଷୟରେ ରାଜ୍ୟପାଳ ଅବତାରଣା କରିଥିଲେ । ଗତ ବର୍ଷ ଭିଏତନାମର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏବଂ ୨୦୨୪ରେ ନ୍ୟୁୟର୍କରେ ଭାରତର ପ୍ରଧାନମନ୍ତ୍ରୀ ଏବଂ ଭିଏତନାମ ରାଷ୍ଟ୍ରପତି ଏବଂ ପାର୍ଟି ମହାସଚିବ ଟୋ ଲାମଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ଉଲ୍ଲେଖ କରି ଏହା ଉଭୟ ଦେଶର ସମ୍ପର୍କକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି ବୋଲି ରାଜ୍ୟପାଳ କହିଥିଲେ । ବାଣିଜ୍ୟ, ପ୍ରତିରକ୍ଷା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଡିଜିଟାଲ୍ ଅର୍ଥନୀତି, ଶିକ୍ଷା ଏବଂ ସ୍ଥାୟୀ ବିକାଶ ଭଳି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବିସ୍ତାରିତ ହେଉଛି ବୋଲି ରାଜ୍ୟପାଳ କହିବା ସହିତ ଯୋଗ, ସାଂସ୍କୃତିକ ବିନିମୟ ଏବଂ ଶୈକ୍ଷିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ଦୂତାବାସ ସହିତ କାମ କରିବାରେ ଡା-ନାଙ୍ଗଙ୍କ ସମର୍ଥନକୁ ପ୍ରଶଂସା କରିଥିଲେ। ଏତତବ୍ୟତୀତ ଦୁଇ ଦେଶ ମଧ୍ୟରେ ଅଧିକ ସିଧାସଳଖ ବିମାନ ଚଳାଚଳ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବାରେ ସାହାଯ୍ୟ କରିଛି ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟପାଳ ଡ. କମ୍ଭମପାଟି କେନ୍ଦ୍ରୀୟ ଭିଏତନାମର ମାଇ ସନ୍ ଠାରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ପରିଦର୍ଶନ କରିବାର ଅଭିଜ୍ଞତା ବାଣ୍ଟିଥିଲେ। ପ୍ରାଚୀନ ମନ୍ଦିରଗୁଡ଼ିକର ପୁନରୁଦ୍ଧାର କରୁଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ଦଳର କାର୍ଯ୍ୟକୁ ପ୍ରଶଂସା କରି ଏହି ପ୍ରକଳ୍ପ ଭାରତ ଏବଂ ଭିଏତନାମ ମଧ୍ୟରେ ଘନିଷ୍ଠ ଐତିହାସିକ ଏବଂ ସାଂସ୍କୃତିକ ସଂଯୋଗର ଏକ ଦୃଢ଼ ପ୍ରତୀକ ସାଜିଛି ବୋଲି ରାଜ୍ୟପାଳ କହିଥିଲେ ।

# ଓଡ଼ିଶାର ସମୃଦ୍ଧ ଇତିହାସ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ : ସଂସ୍କୃତି ମନ୍ତ୍ରୀ




**ଭୁବନେଶ୍ୱର,(ହି.ସ):** ଓଡ଼ିଶାର ଇତିହାସ ହେଉଛି ସମୃଦ୍ଧ। ଏହି ସମୃଦ୍ଧ ଇତିହାସ ଯୁବବର୍ଗଙ୍କୁ ପ୍ରେରିତ କରୁ। ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଚିନ୍ତା ଚେତନାର ଉନ୍ମେଷ ନିମନ୍ତେ ଆମ ଇତିହାସ ଏକ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ। ଓଡ଼ିଆ ଜାତୀୟତାବାଦ କେବେ ହେଲେ ମଧ୍ୟ ଆଞ୍ଚଳିକତାବାଦ ମଧ୍ୟରେ ସୀମିତ ନୁହେଁ। ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା, ବିଚାର ଓ ବିତର୍କ କରି ନିଷ୍କର୍ଷରେ ଉପନୀତ ହେବା ହେଉଛି ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆଜି ଅନୁଷ୍ଠିତ ହେଉଥିବା କଳିଙ୍ଗ ଯୁଦ୍ଧ କର୍ମଶାଳାରେ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋଚନା କରାଯାଇ ଏହି ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ ଯାହାକି ଆମ ଉତ୍ତରପିଢ଼ିଙ୍କୁ ଆମ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବ। ଆଗାମୀ ଦିନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଆମ ଯୁବପିଢ଼ି ଏକ ବଳିଷ୍ଠ ନେତୃତ୍ୱ ନେବେ ଏବଂ କଳିଙ୍ଗର ଦାୟାଦ ଭାବରେ ସେମାନେ ଗର୍ବର ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆଜି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥ ନିବାସ ଠାରେ କଳିଙ୍ଗ ଯୁଦ୍ଧ କର୍ମଶାଳାର ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କର୍ମଶାଳାରେ ଯୋଗଦେଇ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ଓଡ଼ିଶାର ନୌସେନାର ଇତିହାସ, ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜି ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ଏହା ସହିତ ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଭାବେ ପ୍ରସ୍ତୁତ କରି ଏହାର ଯେପରି ସଠିକ ଭାବେ ଚିନ୍ତନ, ମନନ ଏବଂ ଅନୁଶୀଳନ କରାଯାଇପାରିବ ସେ ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଗୁରୁତ୍ୱାରୋପ କରିବା ନିମନ୍ତେ ମନ୍ତ୍ରୀ ମତପ୍ରକାଶ କରିଥିଲେ। ଆଜିର ଏହି କର୍ମଶାଳାରେ 'କଳିଙ୍ଗ ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାମରିକ ସ୍ଥିତି', 'କଳିଙ୍ଗ ଯୁଦ୍ଧ କାଳ ଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି', 'କଳିଙ୍ଗ ଯୁଦ୍ଧ ପରର କଳିଙ୍ଗର ସ୍ଥିତି' ଆଦି ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ, କଥାକାର, ସ୍ତମ୍ଭକାର ଓ ଇତିହାସ ବିଶେଷଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସୁସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ପରିଚାଳନା କମିଟିର ୫ମ ବୈଠକ



**ଭୁବନେଶ୍ୱର, (ହି.ସ.):** ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ପାଇଁ ରହିଥିବା ପ୍ରକଳ୍ପ ପରିଚାଳନା କମିଟିର ୫ମ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପକୁ ସହଜରେ ଓ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ସମନ୍ୱୟ ଭିତିରେ କାର୍ଯ୍ୟ କରିବାକୁ ସଂପୃକ୍ତ ବିଭିନ୍ନ ବିଭାଗ ଓ ଅଂଶୀଦାର ଅନୁଷ୍ଠାନମାନଙ୍କୁ ଉନ୍ନୟନ କମିଶନରଙ୍କ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବାଭୂ-ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ରେଳ ବିଭାଗ ସଂପର୍କିତ ଏବଂ ଅନ୍ୟ ଯେଉଁ ଯେଉଁ ଛୋଟ ଛୋଟ ସମସ୍ୟା ରହୁଛି, ସେସବୁକୁ ପାରସ୍ପରିକ ବିଭାଗୀୟ ସୁସମନ୍ୱୟ ପୂର୍ବକ ସମାଧାନ କରି ପ୍ରକଳ୍ପକୁ ସହଜରେଏବଂ ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି । ସେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ଆବଶ୍ୟକ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ ସହିତ ଯୋଗାଯୋଗ ରଖି ସମସ୍ୟାର ସମାଧାନ କରୁଥିବା ସଂପର୍କରେ ଆଲୋକପାତକରିଥିଲେ । ଆସନ୍ତା ମାସରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ସଂପୃକ୍ତ ସମସ୍ତଙ୍କୁ ରହିଥିବା ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଥିଲେ।

## ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ ସପ୍ତାହର ମଙ୍ଗଳବାର ବାତିଲ ରହିବ

**ଭୁବନେଶ୍ୱର,(ହି.ସ.):** ପୂର୍ବତଟ ରେଳପଥ ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସର ସାପ୍ତାହିକ ଛୁଟି ଦିବସରେ ପରିବର୍ତ୍ତନ ଘୋଷଣା କରିଛି। ୦୩ ଜୁନ୍ ଠାରୁ ଟ୍ରେନଟି ଏବେ ଶନିବାର ପରିବର୍ତ୍ତେ ମଙ୍ଗଳବାର ଦିନମାନଙ୍କରେ ବାତିଲ ରହିବ। ତଦନୁସାରେ, ଟ୍ରେନଟି ୦୭ ଜୁନ୍ ରୁ ପ୍ରତି ଶନିବାର ଦିନ ଚଳାଚଳ ଆରମ୍ଭ କରିବ। କୌଣସି ଷ୍ଟେସନରେ ଟ୍ରେନର ପୂର୍ବରୁ ଥିବା ସମୟ ଏବଂ ସ୍ଥିରୀକୃତ ରହଣିରେ କୌଣସି ପରିବର୍ତ୍ତନ ହୋଇନାହିଁ। ସଂଶୋଧିତ ସାପ୍ତାହିକ ଛୁଟିର ଲକ୍ଷ୍ୟ ଯାତ୍ରୀଙ୍କ ଚାହିଦା ଏବଂ ପରିଚାଳନାଗତ ଆବଶ୍ୟକତା ସହିତ ଭଲ ଭାବରେ ସମନ୍ୱୟ ସ୍ଥାପନ କରିବା। ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

# ଭୁବନେଶ୍ୱରରେ ଜଳ ନିଷ୍କାସନ ପ୍ରସ୍ତୁତି ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର,(ହିସ.):** ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହିତ, ଡକ୍ଟର ମହାପାତ୍ର ବ୍ୟକ୍ତିଗତ ଭାବରେ କୃଷ୍ଣା ଟାୱାର ନିକଟରେ ଇସ୍କନ୍ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ସ୍କୋୟାର, ରାଜୀବ ନଗର, ଭୋଇ ନଗରରେ ଡ୍ରେନ୍ ନମ୍ବର ୯, ଡ୍ରେନ୍ ନମ୍ବର ୪ ଏବଂ ଏସ୍ପ୍ଲାନେଡ୍ ମଲ୍ ଏବଂ ଦୁର୍ଗା ମଣ୍ଡପ ନିକଟ ବମିଖାଲ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଯାଞ୍ଚ କରିଛନ୍ତି। ମନ୍ତ୍ରୀ ପ୍ରମୁଖ ଏବଂ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକ ସମୀକ୍ଷା କରିଛନ୍ତି ଏବଂ ସଫେଇ କାର୍ଯ୍ୟରେ ଅବରୋଧ ଏବଂ ବିଳମ୍ବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍?ରୁ ପଙ୍କ ଉଦ୍ଧାର ଏବଂ ସଫା କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ମାନବସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ସେ ତୁରନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ଷେତ୍ର ପରିଦର୍ଶନ ପରେ, ଡକ୍ଟର ମହାପାତ୍ର ରାଜ୍ୟର ସାମଗ୍ରିକ ମୌସୁମୀ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା  ସହିତ ଏକ ଭିଡିଓ କନଫରେନ୍ସିଂ କରିଥିଲେ। ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ପରିମଳ, ଡ୍ରେନେଜ୍ ପ୍ରସ୍ତୁତି, ରାଜସ୍ୱ ଆଦାୟ, ହୋଲ୍ଡିଂ ଟିକସ ସଂଗ୍ରହ ଏବଂ ବିଭାଗୀୟ ପଦକ୍ଷେପର 'ଏକ ବର୍ଷ ପାଳନ' ପାଇଁ ପ୍ରସ୍ତୁତି ଯୋଜନା ଅନ୍ତର୍ଭୁକ୍ତ ଥିଲା। ସମୀକ୍ଷା ସମୟରେ, ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଜଳବନ୍ଦୀ କିମ୍ବା ଜନସାଧାରଣଙ୍କ ଅସୁବିଧା ପାଇଁ ଯେକୌଣସି ତ୍ରୁଟି କିମ୍ବା ଅବହେଳା କଠୋର କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରିବ। 'ମୌସୁମୀ ସମୟରେ ନାଗରିକଙ୍କ ସୁରକ୍ଷା ଏବଂ ସୁବିଧା ଆଲୋଚନାଯୋଗ୍ୟ ନୁହେଁ, ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ପୌରସଂସ୍ଥାଗୁଡିକୁ ବିଭାଗ ଦ୍ୱାରା ଜାରି ମାନକ ମାର୍ଗ ଦର୍ଶିକା କଠୋର ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଆବଶ୍ୟକ ସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। 'ଅଧିକାରୀମାନେ ସକ୍ରିୟ ରହିବା ସହିତ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ, ବୋଲି ସେ କହିଥିଲେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓଡ଼ିଶାର ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବା ଏବଂ ସହରାଞ୍ଚଳ ବନ୍ୟା ବିପଦକୁ କମ କରିବା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମୟୋଚିତ ପଦକ୍ଷେପ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି। ବୈଠକରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରକୁ ସିମନ୍ସ ବିୟୁଟିରେଷ୍ଟ ଆଣିଛି ଓପୁଲେଣ୍ଟ ଡେକୋର ବାଏ ହରିଆନା ହ୍ୟାଣ୍ଡଲୁମ୍‌ସ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପୂର୍ବ ଭାରତର ପ୍ରିମିୟମ ହୋମ ଫର୍ଣ୍ଣିଶିଙ୍ଗ ଡେଷ୍ଟିନେଶନ ଓପୁଲେଣ୍ଟ ଡେକୋର ବାଏ ହରିଆନା ହ୍ୟାଣ୍ଡଲୁମ୍‌ସ ଭୁବନେଶ୍ୱରର ଲକ୍ଷ୍ମୀ ବିହାରସ୍ଥିତ ଏହାର ଫ୍ଲାଗସିପ ଷ୍ଟୋରକୁ ବିଶ୍ୱବ୍ୟାପୀ ସୁପରିଚିତ ଲକ୍‌ଜରୀ ମ୍ୟାଟ୍ରେସ ବ୍ରାଣ୍ଡ ସିମନ୍ସ ବିୟୁଟିରେଷ୍ଟ ଆଣିଥିବା ସମ୍ପର୍କରେ ଘୋଷଣା କରିଛି। ଭିଏଫଆଇ ଗ୍ରୁପ ସହ ସହଯୋଗିତାରେ ଏହି ସହଭାଗିତା ଅଞ୍ଚଳ ପାଇଁ ଲକ୍‌ଜରୀ ସ୍ଲିପ ସେଗମେଣ୍ଟ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତକୁ ଚିହ୍ନିତ କରିଛି। ଭୁବନେଶ୍ୱରର ଜନପଥ ରୋଡଠାରେ ୧୯୭୦ରେ ଆରମ୍ଭ ହୋଇଥିବା ଏକ ବିରାସତ ସହିତ ହରିଆନା ହ୍ୟାଣ୍ଡଲୁମ୍‌ସ ହେଉଛି ହୋମ ଫର୍ଣ୍ଣିଶିଙ୍ଗ କ୍ଷେତ୍ରରେ ଓଡିଶାରୁ ସବୁଠାରୁ ପୁରାତନ ଓ ସମ୍ମାନିତ ନାମ। ଲାଜପତ ଚାୱଲାଙ୍କ ଦ୍ୱାରା ସ୍ଥାପିତ ଏହି ବ୍ରାଣ୍ଡ ତାଙ୍କ ପୁଅ ଗୌରବ ଚାୱଲାଙ୍କ ନେତୃତ୍ୱରେ ସାଧାରଣ ଦୋକାନରୁ ଏକ ବିସ୍ତୃତ ଡିଜାଇନ- ଭିତିକ ରିଟେଲ ଡେଷ୍ଟିନେଶନରେ ପରିଣତ ହୋଇଛି। ତାଙ୍କ ସ୍ୱପ୍ନର ପ୍ରକଳ୍ପ ଓପୁଲେଣ୍ଟ ଡେକୋର ଏବେ ପୂର୍ବ ଭାରତର ଅନ୍ୟତମ ସର୍ବବୃହତ ଓ ସବୁଠାରୁ ବିଳାସପୂର୍ଣ୍ଣ ଫର୍ଣ୍ଣିଶିଂ ଷ୍ଟୋର ଭାବେ ଉଭା ହୋଇଛି ନିକଟରେ ଓପୁଲେଣ୍ଟ ଡେକୋରରେ ଲଞ୍ଚ ହୋଇଥିବା ସିମନ୍ସ ବିୟୁଟିରେଷ୍ଟ ଏକ୍ସପେରିଏନ୍ସ ସେଣ୍ଟର୍ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡର ଆଇକୋନିକ ବିୟୁଟିରେଷ୍ଟ ବ୍ଲାକ କଲେକ୍ସନକୁ ପ୍ରଦର୍ଶିତ କରୁଛି, ଯାହାକି ଏହାର ଅତ୍ୟାଧୁନିକ ସ୍ଲିପ ଟେକ୍ନୋଲୋଜି ଓ କାରିଗରୀ ପାଇଁ ବିଶ୍ୱବ୍ୟାପୀ ସୁପରିଚିତ। ଏହି ଲଞ୍ଚ ସହିତ ଭୁବନେଶ୍ୱର ଆନ୍ତର୍ଜାତୀୟ ମାନର ଶୟନ ଅନୁଭୂତି ପ୍ରଦାନ କରୁଥିବା ସହରଗୁଡିକର ପ୍ରତିଷ୍ଠିତ ତାଲିକାରେ ସାମିଲ ହୋଇଛି। ଏହି ଷ୍ଟୋର୍‌ରେ ଭାରତୀୟ ଆରାମ ପାଇଁ ପ୍ରସ୍ତୁତ ଏହାର ଆଡଭାନ୍ସଡ ଏର୍ଗୋନୋମିକ ଟେକ୍ନୋଲୋଜି ପାଇଁ ପରିଚିତ ଏକ ବ୍ରାଣ୍ଡ ସ୍ପ୍ରିଙ୍ଗଫିଟ୍ ଏବଂ ପ୍ରାକୃତିକ ସୁସ୍ଥତା ଓ ସ୍ଥାୟିତ୍ୱ ପାଇଁ ଡିଜାଇନ କରାଯାଇଥିବା ଏକ ପ୍ୟୋର ଲାଟେକ୍ସ ଫୋମ୍ ମ୍ୟାଟ୍ରେସ ରେଞ୍ଜ ଅରଗାନାର ପ୍ରିମିୟମ ଉତ୍ପାଦ ଉପଲବ୍ଧ ରହିଛି। ଏହି ସ୍ୱତନ୍ତ୍ର ସ୍ଲିପ କଲେକ୍ସନ ସୁନିଶ୍ଚିତ କରୁଛି ଯେ, ଗ୍ରାହକମାନେ ସେମାନଙ୍କର ଆରାମ, ସୁସ୍ଥତା ଓ ଜୀବନଶୈଳୀ ଆବଶ୍ୟକତା ସହ ମେଳ ଖାଉଥିବା ଏକ ପର୍ସନାଲାଇଜଡ ସ୍ଲିପ ସଲ୍ୟୁଶନ ସନ୍ଧାନ କରିପାରିବେ। ଓପୁଲେଣ୍ଟ ଡେକୋରର ମାଲିକ ଓ ପରିଚାଳନା ନିର୍ଦ୍ଦେଶକ ଗୌରବ ଚାୱଲା କହିଛନ୍ତି, "ଏହା କେବଳ ବଜାରକୁ ଏକ ଉତ୍ପାଦ ଆଣିବା ପାଇଁ ନୁହେଁ , ବରଂ ଏହା ଆମର ଗ୍ରାହକଙ୍କ ପାଇଁ ସମଗ୍ର ନିଦ୍ରା ଅନୁଭୂତିକୁ ଉନ୍ନତ କରିବା ସହ ଜଡିତ। ଭିଏଫଆଇ ଗ୍ରୁପ ସହ ଆମର ସହଭାଗିତା ଗୁଣବତା, ବିଶ୍ୱାସ ଓ ଉତ୍କର୍ଷତା ପ୍ରତି ଏକ ପ୍ରତିଶ୍ରୁତିବଦ୍ଧତାର ମିଳିତ ମୂଲ୍ୟବୋଧ ଉପରେ ନିର୍ମିତ ଅଟେ।"

# ୩୨ଟି ଟ୍ରେନରେ ଅସ୍ଥାୟୀ ଭାବେ କୋଚ ସଂଯୋଗ

**ଭୁବନେଶ୍ୱର,(ହି.ସ.):** ଗ୍ରୀଷ୍ମ ଋତୁ ଛୁଟି ସମୟରେ ଟ୍ରେନ ଯାତ୍ରୀଙ୍କ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଜୁନ୍ ମାସରେ ୩୨ଟି ଟ୍ରେନ୍ (୧୬ ଯୋଡ଼ା) ଟ୍ରେନରେ ଅସ୍ଥାୟୀ ଭାବରେ ଅତିରିକ୍ତ କୋଚ୍ ସଂଯୋଗ କରିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ପ୍ରମୁଖ ମାର୍ଗ ଦେଇ ଦେଶର ବିଭିନ୍ନ ପ୍ରାନ୍ତକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉତମ ସୁବିଧା ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା। ଅସ୍ଥାୟୀ ଭାବେ କୋଚ୍ ସଂଯୋଗ ହେଉଥିବା ପ୍ରମୁଖ ଟ୍ରେନ୍ ଗୁଡିକ ମଧ୍ୟରେ ରହିଛି ୧୨୦୭୪/୧୨୦୭୩ ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ଜନ ଶତାବ୍ଦୀ ଏକ୍ସପ୍ରେସ। ୧ ଜୁନ୍ ରୁ ୩୦ ଜୁନ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ଗୋଟିଏ ଚେୟାର କାର କୋଚ୍ ସଂଯୋଗ କରାଯାଉଛି । ୨୨୮୨୩/୨୨୮୨୪ ଓ ୨୨୮୧୧/୨୨୮୧୨ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସର ପ୍ରତ୍ୟେକ ସେବାରେ ଗୋଟିଏ ଏସି ୨-ଟାୟାର କୋଚ୍ ସଂଯୋଗ କରାଯାଉଛି । ଭୁବନେଶ୍ୱରରୁ: ଜୁନ୍ ୧/୨ ରୁ ଜୁନ୍ ୨୯/୩୦ ପର୍ଯ୍ୟନ୍ତ ଏବଂ ନୂଆଦିଲ୍ଲୀରୁ: ୨/୩ ଜୁନ୍ ରୁ ୩୦ ଜୁନ୍/୧ ଜୁଲାଇ ପର୍ଯ୍ୟନ୍ତ। ୨୦୮୧୭/୨୦୮୧୮ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଭାୟା ସମ୍ବଲପୁର ସିଟି ରେ ଭୁବନେଶ୍ୱରରୁ ଗୋଟିଏ ଏସି ୨-ଟାୟାର କୋଚ୍: ୭ ରୁ ୨୮ ଜୁନ୍ ପର୍ଯ୍ୟନ୍ତ ଏବଂ ନୂଆଦିଲ୍ଲୀରୁ: ୮ ରୁ ୨୯ ଜୁନ୍ ୨୦୨୫ ପର୍ଯ୍ୟନ୍ତ। ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ୍ ର ଉଭୟ ପାର୍ଶ୍ୱରୁ ଗୋଟିଏ ସ୍ଲିପର କ୍ଲାସ କୋଚ୍: ୧ ରୁ ୩୦ ଜୁନ୍ ଭୁବନେଶ୍ୱରରୁ ଏବଂ ୨ ଜୁନ୍ ରୁ ୧ ଜୁଲାଇ ମଧ୍ୟରେ ଜୁନାଗଡ଼ ରୋଡ୍ ରୁ ।୧୨୮୮୨/୧୨୮୮୧ ପୁରୀ-ଶାଲିମାର-ପୁରୀ ଗରିବ ରଥ ଏକ୍ସପ୍ରେସ ର ଗୋଟିଏ ଏସି ୩-ଟାୟାର ଇକୋନୋମି କୋଚ୍: ୨ ଜୁନ୍ ରୁ ୩୦ ଜୁନ୍ ପର୍ଯ୍ୟନ୍ତ ପୁରୀରୁ ଏବଂ ୩ ଜୁନ୍ ରୁ ୧ ଜୁଲାଇ ମଧ୍ୟରେ ଶାଲିମାରରୁ । ୨୨୮୮୩/୨୨୮୮୪ ପୁରୀ-ଯଶୋବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସର ଗୋଟିଏ ଏସି ୩-ଟାୟାର ଇକୋନୋମି କୋଚ୍: ୬ ରୁ ୨୭ ଜୁନ୍ ମଧ୍ୟରେ ପୁରୀରୁ ଏବଂ ୭ ରୁ ୨୮ ଜୁନ୍ ମଧ୍ୟରେ ଯଶବନ୍ତପୁରରୁ । ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋସି-ପୁରୀ ଏକ୍ସପ୍ରେସ ର ଗୋଟିଏ ଚେୟାର କାର କୋଚ୍: ୧ ରୁ ୩୦ ଜୁନ୍ ମଧ୍ୟରେ ପୁରୀରୁ ଓ ୨ ଜୁନ୍ ରୁ ୧ ଜୁଲାଇ ମଧ୍ୟରେ ବାଙ୍ଗିରିପୋଷିରୁ । ୦୮୪୩୯/୦୮୪୪୦ ପୁରୀ-ପାଟନା-ପୁରୀ ସ୍ୱତନ୍ତ୍ର ର ଦୁଇଟି ଏସି ୩-ଟାୟାର କୋଚ୍ ଏବଂ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍: ୭ ରୁ ୨୮ ଜୁନ୍ ମଧ୍ୟରେ ପୁରୀରୁ ଏବଂ ୮ ରୁ ୨୯ ଜୁନ୍ ମଧ୍ୟରେ ପାଟନାରୁ। ୨୦୮୦୯/୨୦୮୧୦ ସମ୍ବଲପୁର-ନାନ୍ଦେଡ଼-ସମ୍ବଲପୁର ଏକ୍ସପ୍ରେସର ଗୋଟିଏ ଏସି ୩-ଟାୟାର ଏବଂ ଗୋଟିଏ ସ୍ଲିପର କ୍ଲାସ କୋଚ୍: ୨ ରୁ ୩୦ ଜୁନ୍ ମଧ୍ୟରେ ସମ୍ବଲପୁରରୁ ଏବଂ ୩ ରୁ ୧ ଜୁଲାଇ ମଧ୍ୟରେ ନାନ୍ଦେଡ଼ରୁ । ୦୮୩୧୧/୦୮୩୧୨ ସମ୍ବଲପୁର-ଇରୋଡ୍-ସମ୍ବଲପୁର ସ୍ୱତନ୍ତ୍ର ଏକ୍ସପ୍ରେସ୍ ର ଗୋଟିଏ ଏସି ୩-ଟାୟାର ଏବଂ ଗୋଟିଏ ସ୍ଲିପର କ୍ଲାସ କୋଚ୍: ୪ ରୁ ୨୫ ଜୁନ୍ ମଧ୍ୟରେ ସମ୍ବଲପୁରରୁ ଓ ୬ ରୁ ୨୭ ଜୁନ୍ ମଧ୍ୟରେ ଇରୋଡ୍ । ୫୮୫୦୬/୫୮୫୦୫ ବିଶାଖାପାଟନମ୍-ଗୁଣୁପୁର-ବିଶାଖାପାଟନମ୍ ପାସେଞ୍ଜରର ଗୋଟିଏ ସ୍ଲିପର କ୍ଲାସ କୋଚ୍: ଜୁନ୍ ୧ ରୁ ୩୦ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ । ୫୮୫୦୧/୫୮୫୦୨ ବିଶାଖାପାଟନମ୍ - କିରାଣ୍ଡୁଲ - ବିଶାଖାପାଟନମ୍ ପାସେଞ୍ଜରର ଗୋଟିଏ ସ୍ଲିପର କ୍ଲାସ କୋଚ୍: ୧ ରୁ ୩୦ ଜୁନ୍ ମଧ୍ୟରେ ବିଶାଖାପାଟଣାରୁ ଏବଂ ୨ ଜୁନ୍ ରୁ ୧ ଜୁଲାଇ ମଧ୍ୟରେ କିରାଣ୍ଡୁଲରୁ ।୦୮୫୮୧/୦୮୫୮୨ ବିଶାଖାପାଟନମ୍ - ବେଙ୍ଗାଲୁରୁ - ବିଶାଖାପାଟନମ୍ ସ୍ପେଶାଲ୍ ର ଗୋଟିଏ ଏସି ୩-ଟାୟାର କୋଚ୍: ୧ ରୁ ୨୯ ଜୁନ୍ ମଧ୍ୟରେ ବିଶାଖାପାଟଣାରୁ ଓ ୨ ରୁ ୨୯ ଜୁନ୍ ମଧ୍ୟରେ ବେଙ୍ଗାଲୁରୁରୁ ।୦୮୫୪୭/୦୮୫୪୮ ବିଶାଖାପାଟନମ୍ - ତିରୁପତି - ବିଶାଖାପାଟନମ୍ ସ୍ପେଶାଲ୍ ର ଗୋଟିଏ ଏସି ୩-ଟାୟାର କୋଚ୍: ୪ ରୁ ୨୫ ଜୁନ୍ ମଧ୍ୟରେ ବିଶାଖାପାଟଣାରୁ ଏବଂ ୫ ରୁ ୨୬ ଜୁନ୍ ମଧ୍ୟରେ ତିରୁପତିରୁ । ୦୮୫୭୯/୦୮୫୮୦ ବିଶାଖାପାଟଣା-ଚେରଲାପାଲି-ବିଶାଖାପାଟଣା ସ୍ପେଶାଲ୍ ର ଗୋଟିଏ ଏସି ୩-ଟାୟାର କୋଚ୍: ୬ ରୁ ୨୭ ଜୁନ୍ ମଧ୍ୟରେ ବିଶାଖାପାଟଣାରୁ ଏବଂ ୭ ରୁ ୨୮ ଜୁନ୍ ମଧ୍ୟରେ ଚେରଲାପାଲିରୁ। ଏହି ଅସ୍ଥାୟୀ ଅତିରିକ୍ତ କୋଚ ସଂଯୋଗ ଗ୍ରୀଷ୍ମ ଛୁଟି ସମୟରେ ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ପୂରଣ କରିବା ପାଇଁ କେବଳ ଜୁନ୍ ମାସ ପାଇଁ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ନୂଆଦିଲ୍ଲୀ, ହାଓଡ଼ା, ଯଶବନ୍ତପୁର, ପାଟନା, ତିରୁପତି, ବେଙ୍ଗାଲୁରୁ, ଜୁନାଗଡ଼ ରୋଡ଼ ଏବଂ କିରାଣ୍ଡୁଲ ଭଳି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରି ବିଭିନ୍ନ ବର୍ଗରେ ଅତିରିକ୍ତ ବର୍ଥ ଯୋଗାଇ ଦିଆଯାଉଛି । ଯାତ୍ରୀମାନେ ଅତିରିକ୍ତ କୋଚ ସଂଯୋଗ ସମ୍ବନ୍ଧରେ ଏବଂ ସଂରକ୍ଷଣ ଉପଲବ୍ଧତା ପାଇଁ ରେଳବାଇ ୱେବସାଇଟ୍ କିମ୍ବା ନିକଟସ୍ଥ ରେଳବାଇ ଅନୁସନ୍ଧାନ କେନ୍ଦ୍ର ମାନଙ୍କରେ ସୂଚନା ପାଇବାକୁ ପରାମର୍ଶ ଦିଆଯାଇଛି ।

## ସମ୍ପାଦକୀୟ

# ମୌସୁମିର ବିକଳ୍ପ ଜରୁରୀ

ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ଚଳିତ ବର୍ଷ ସଅଳ ଆସିଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ପୂର୍ବାନୁମାନ ସତ୍ୟ ହୋଇଥିଲାବେଳେ ମୌସୁମି ବାୟୁ କେରଳ ଉପକୂଳରେ ୮ ଦିନ ପୂର୍ବରୁ ପହଁଚିଛି। ଚଳିତ ବର୍ଷ ମୌସୁମି ବର୍ଷା ଦେଶର ସବୁଆଡେ ସୁଷମ ହେବ ଓ ୧୦୫ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରାଯାଇଛି। ବାସ୍ତବରେ ଏହା ମୌସୁମି ବାୟୁର ଗତି ଉପରେ ନିର୍ଭର କରେ। ଆଜିକୁ ୧୬ ବର୍ଷ ପୂର୍ବେ ୨୦୦୯ରେ ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ଦେଶରେ ସଅଳ ପ୍ରବେଶ କରିଥିଲା। ସେତେବେଳେ ମଧ୍ୟ ପୂର୍ବାନୁମାନ କରାଯାଇଥିଲା ଯେ ମୌସୁମି ବର୍ଷା ସ୍ୱାଭାବିକ ଠାରୁ ଅଧିକ ହେବ ଓ ଦେଶରେ ସବୁ ପ୍ରାନ୍ତରେ ସମାନ ଭାବରେ ବରଷିବ; କିନ୍ତୁ ତାହା ସେତେବେଳେ ହୋଇନଥିଲା। ୨୦୦୯ରେ ମୌସୁମି ବର୍ଷା ସ୍ୱାଭାବିକ ଠାରୁ ୨୩ ପ୍ରତିଶତ କମ୍ ହୋଇଥିଲା ଓ ଦେଶର ୬୦ ପ୍ରତିଶତ ଜିଲ୍ଲା ଏହି କମ୍ ବୃଷ୍ଟିପାତ ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଚଳିତ ବର୍ଷ ୨୦୦୯ ପରି ହୋଇପାରେ ବୋଲି ଭାବନା ଚାଷୀଙ୍କ ମନରେ ରହିଛି। ଯଦି ସେହିପରି ହୁଏ ତେବେ ଚାଷୀକୂଳ ବ୍ୟାପକ ଭାବେ ପ୍ରଭାବିତ ହେବେ ଏବଂ ଏହା ରାଜ୍ୟ ତଥା ଦେଶର କୃଷି ଅର୍ଥନୀତିକୁ କ୍ଷତି ପହଁଚାଇବା ସହିତ ସରକାରଙ୍କ ଉପରେ ମଧ୍ୟ ପ୍ରଭାବ ପକାଇବ।

ଯେତେବେଳ ଚାଷୀମାନେ ବର୍ଷା ପାଇଁ ମୌସୁମି ବାୟୁ ଉପରେ ନିର୍ଭର କରୁଛନ୍ତି ଓ ମୌସୁମି ବାୟୁ ପ୍ରଭାବ ଜୁନ୍‌ରୁ ସେପ୍ଟେମ୍ବର ଏହି ଚାରିମାସ ପାଇଁ କୃଷି ଅନୁକୂଳତା ରହିଥାଏ ସେତେବେଳ ଅତିବୃଷ୍ଟି ବା ସ୍ୱଳ୍ପବୃଷ୍ଟି କୃଷି ତଥା କୃଷକ ପାଇଁ କ୍ଷତିକାରକ ହୋଇଅଛି। ମୌସୁମି ଆଧାରିତ କୃଷି ସବୁବେଳେ ଲାଭକାରୀ ହୋଇପାରୁ ନଥିଲାବେଳେ ଏହାର ବିକଳ୍ପ ବ୍ୟବସ୍ଥା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି। କୃଷି ଓ କୃଷକର ବିକାଶ ପାଇଁ ଏକ ବୈଜ୍ଞାନିକ ଦୃଷ୍ଟିକୋଣର ଆବଶ୍ୟକତା ମଧ୍ୟ ରହିଛି। କୃଷକ ଆଧାରିତ ବ୍ୟବସ୍ଥା ବା ଯୋଜନା ହେବା ଉଚିତ। ଯେଉଁ ବ୍ୟବସ୍ଥା ଏ ଦେଶରେ କାମ କରୁଛି ଏବଂ ଯେଉଁ ଯୋଜନାମାନ ସରକାର କରୁଛନ୍ତି ତାହା ତ ଚାଷୀଙ୍କ ନାମରେ ହେଉଛି, କିନ୍ତୁ ଲାଭ ଅନ୍ୟ କେହି ନେଇ ଯାଉଥିବାପରି ପ୍ରତୀୟମାନ ହେଉଛି। ଯାହା ଫଳରେ କୃଷି ଯୋଜନା ଦ୍ୱାରା ଚାଷୀମାନେ ଉପକୃତ ହେଉନଥିଲାବେଳେ ଅନ୍ୟମାନେ ଉପକୃତ ହୋଇ ଚାଲିଛନ୍ତି। ବିଚରା ଚାଷୀ ପ୍ରତିବର୍ଷ ଚାଷ କରି କରି ନୟାନ୍ତ ହୋଇ ଚାଲିଥିବ ହେଲେ ତା'ର ପେଟ ପୂରିବ ନାହିଁ। ସେ ଉତ୍ପାଦନ କରୁଥିବା ଫସଲ ଉପରେ ଅନ୍ୟମାନେ ଅୟସ କରିବେ। ସେ ସରକାରଙ୍କ ହାତ ଟେକା ମାଗଣା ଚାଉଳକୁ ଅନେଇ ବସିଥିବ। ଅନ୍ନଦାତା ଅନ୍ନ ସନ୍ଧାନରେ ଯେତେବେଳେ ଉହଳ ବିକଳ ହେଉଛି ସେତେବେଳେ ସରକାର କୃଷି ଓ କୃଷକର କି ଉନ୍ନତି କରୁଛନ୍ତି ତାହା ସମୀକ୍ଷା କରିବା ଆବଶ୍ୟକ। ସେହିପରି ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନର ମାନ୍ୟତା ଦେବାପାଇଁ ଦାବି ହେଉଛି। କିନ୍ତୁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନର ମାନ୍ୟତା ଦେବାକୁ ରାଜି ନୁହଁନ୍ତି କାହିଁକି ? ଭାରତୀୟ କୃଷିକୁ ଓ କୃଷକକୁ ମାରିବା ପାଇଁ ଯୋଜନା ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରା କୋଷ, ଆଇଡିବିଆଇ ଓ ବିଶ୍ୱ ବାଣିଜ୍ୟ ସଂଗଠନ ପରି ବିଶ୍ୱ ସଂସ୍ଥାମାନେ କରୁଛନ୍ତି। ଏହି ଯୋଜନା ଆଧାରରେ ଭାରତ ଖାଦ୍ୟ ସାମଗ୍ରୀ ପାଇଁ ବିଶ୍ୱ ବଜାର ଉପରେ ନିର୍ଭର କରିବ, ଯାହାକୁ ବହୁରାଷ୍ଟ୍ରୀୟ କମ୍ପାନୀ ଓ କର୍ପୋରେଟମାନେ ନିୟନ୍ତ୍ରଣ କରୁଛନ୍ତି। ଆମ ସରକାର ଭାରତକୁ ଆତ୍ମନିର୍ଭର କରିବାକୁ କହୁଛନ୍ତି, କିନ୍ତୁ ଭାରତ ବିଦେଶୀଙ୍କ ଉପରେ ଦିନକୁ ଦିନ ଅଧିକରୁ ଅଧିକ ନିର୍ଭରଶୀଳ ହୋଇଯାଇଛି। ଚାଷୀ ଏବେ ବିହନ, ସାର, କିଟନାଶକ ଆଦି ଉପରେ ଅନ୍ୟ ଉପରେ ନିର୍ଭରଶୀଳ। ପୂର୍ବରୁ ଚାଷୀ କେବଳ ପାଣି ପାଇଁ ମୌସୁମି ବର୍ଷା ଉପରେ ନିର୍ଭର କରୁଥିଲା। ଏବେ ପାଣି ସହିତ ଅନ୍ୟ ଚାଷ ଉପକରଣ ପାଇଁ ବି ତାକୁ ପର ଉପରେ ନିର୍ଭର କରିବାକୁ ହେଉଛି। ଏଥିସହିତ ପ୍ରକୃତିର କୋପ ବି ରହିଛି। ଓଡ଼ିଶା ପରି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଚିର ସହଚର। କେବେ ବନ୍ୟାରେ ଫସଲ ହାନୀ ହେଉଛି ତ ଆଉ କେବେ ମରୁଡି ଯୋଗୁଁ ଫସଲ ନଷ୍ଟ ହୋଇଯାଇଛି। ଗଜା ମରୁଡି ବି ଚାଷୀ ପାଇଁ କାଳ ହୋଇଛି। କେବେ କେବେ କ୍ଷତିକାରକ ପୋକ ବି ଫସଲକୁ ନଷ୍ଟ କରୁଛନ୍ତି। ଏସବୁ ଦାଉ ଧକ୍କାକୁ ସାମନାକରି ଚାଷୀ ତା'ର ଶ୍ରମର ମୂଲ୍ୟ ପାଇପାରୁ ନାହିଁ। କୃଷିମନ୍ତ୍ରୀ ଓ ସରକାରଙ୍କ ହିସାବ ତାହା ପୋଥି ବାଇଗଣ ହୋଇ ଥିଲାବେଳେ ବାସ୍ତବରେ ଚାଷୀଭାଇ ତା'ର ବାଡି ବାଇଗଣ ହିସାବ ଆଧାରରେ କ୍ଷତି ହିଁ ସହିଚାଲିଛି। ଯଦି ଭାରତ ସରକାରଙ୍କର ଚାଷୀଙ୍କ ପ୍ରତି ଦରଦ ଥାଏ ଓ କୃଷିର ଉନ୍ନତି ପାଇଁ କାମ କରୁଥାନ୍ତି ତେବେ ସବୁ ଖେତକୁ ପାଣି ଯୋଗାଇ ଦିଅନ୍ତୁ। କୃଷିପାଇଁ ଅନ୍ୟ ଆବଶ୍ୟକ ସାମଗ୍ରୀ ଚାଷୀ ନିଜେ ଯୋଗାଡ କରିନେବେ। ତାହା ନକରି ସର୍ବନିମ୍ନ ସହାୟକ ମୂଲ୍ୟ କିଛି କିଛି ବଢାଇଲେ ତାହା ଚାଷୀର କାମରେ ଲାଗିବ ନା ଚାଷର ଉନ୍ନତି ହେବ ? ଚାଷୀମାନେ ମୌସୁମିକୁ ଭରସାକରି ରହିଥିବେ ଓ ମୌସୁମି ବାୟୁର ଗତି ଦ୍ୱାରା ପ୍ରଭାବିତ ହୋଇଚାଲିଥିବେ। ମୌସୁମିକୁ ଭରସା ନକରି ଚାଷ ପାଇଁ ଜଳ ଯୋଗାଣର ବିକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଜରୁରୀ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଏକବିଂଶ ଶତାବ୍ଦୀରେ ଗଣମାଧ୍ୟମର ସ୍ଥିତି ଓ ଗତି


ହିମାଂଶୁ ଶେଖର ଆଚାର୍ଯ୍ୟ

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ। ସେମାନେ ହେଲେ - ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ। ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ। ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ। ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି। ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି। ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତାର ସ୍ଥାନ ବଜାୟ ରଖିଛି। ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ। ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି। ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ। ପୂର୍ବକାଳରେ ଏ ସୁବିଧା ନଥିଲା। ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା। ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି। ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ। ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା। ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢିଛି। ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି। ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ। ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା। ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର। ଏଥି ସହିତ ସମାଜର ନିଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି। ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ। ସେଇଥିପଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ। ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ। ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ । ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି। ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ୍ୟ ପାଆନ୍ତି ନାହିଁ। ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍‌ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି। ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି। ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି ।

ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢିବାରେ ଲାଗିଛି। ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି । ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି। ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି। କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ। ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିବେନି। ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳାକାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍‌ଫଣ୍ଡ୍ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ। ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ। କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେ ନାହିଁ ଓ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ। ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ ।

ଖାଲି ସେତିକି ନୁହେଁ ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି। ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି। ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକି ଆଣୁଛେ। ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢିବାରେ ଲାଗିଛି। ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି। ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି। ଫଳରେ ଏହା କେତେବେଳେ ଜଣକୁ 'ଜିରୋ' ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ' ରୁ 'ଜିରୋ' କରିଦେଉଛି। ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି। ଗଣମାଧ୍ୟମ ଏବେ ସରକାରୀ କଳର ହାତବାରସି ହେବାକୁ ଲାଗିଲେଣି। ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଗଣମାଧ୍ୟମକୁ ସୁରକ୍ଷା ଦେବାପାଇଁ ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍ କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧଭାବେ କାର୍ଯ୍ୟକାରୀ ହୋଇଥିଲା। ଉଦ୍ଦେଶ୍ୟଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷାଦେବା। ଏସବୁ ସତ୍ତ୍ୱେ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ବେଳେବେଳେ ପ୍ରଶ୍ନବାଚୀ ଉଠୁଛି। ତେଣୁ ଏ ଦିଗରେ ଗଣମାଧ୍ୟମ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ଅଛି। ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର। ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ। କିଏ ବା ନଜାଣିଛି ଏକଥା - "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ। ଗଣମାଧ୍ୟମ ତାର ଉତ୍ତରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ।

**ସଭାପତି ସାରସ୍ୱତ, ପରିଷଦ,**
**ଜଗତସିଂହପୁର, ମୋ - ୯୯୩୭୧୫୧୦୫୨**

# ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ହେଉ


ସୌଭାଗ୍ୟ ରଂଜନ ମହାନ୍ତି

ଜାତିଗତ ଦଙ୍ଗା ଉପଦ୍ରୁତ ଉତର-ପୂର୍ବାଂଚଳ ରାଜ୍ୟ ମଣିପୁରରେ ରାଷ୍ଟ୍ରପତି ଶାସନ ଇତି ମଧ୍ୟରେ ୩ମାସ ଅତିକ୍ରାନ୍ତ କରିଥିବାବେଳେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଘଟିଥିବା ନେଇ ଯେ କେହି ସ୍ୱୀକାର କରିବେ। କହିବା ବାହୁଲ୍ୟ ଯେ, ରାଜ୍ୟରେ ଯେତେବେଳେ ବିଜେପି ନେତୃତ୍ୱାଧୀନ ଏନ.ବିରେନ ସିଂହଙ୍କ ସରକାର କ୍ଷମତାସୀନ ଥିଲା, ସେତେବେଳେ ଗଲା ୨୦୨୩ ମସିହା ମେ' ମାସ ୪ତାରିଖଠାରୁ ଆରମ୍ଭ ହୋଇଥିବା ଜାତିଗତ ଦଙ୍ଗାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଏବେ କିନ୍ତୁ ରାଷ୍ଟ୍ରପତି ଶାସନ ନିୟନ୍ତ୍ରଣାଧୀନ ଥିବାବେଳେ ରାଜ୍ୟରେ ଗୁଳିକାଣ୍ଡ ଏବଂ ପୋଡାଜଳା ଘଟଣା ଆଶାତୀତ ଭାବେ ହ୍ରାସ ପାଇଛି। ଯାହା ରାଷ୍ଟ୍ରପତି ଶାସନ ଫଳପ୍ରଦ ହୋଇଥିବା ସଂକେତ ପ୍ରଦାନ କରେ। ଏହି ଅବଧି ମଧ୍ୟରେ କେବଳ ଉତେଜନା ହ୍ରାସ ନୁହେଁ, ପୋଲିସ ଅସ୍ତ୍ରାଗାରରୁ ଲୁଟ୍ କେତେକ ଅସ୍ତ୍ରଶସ୍ତ୍ର ଫେରି ଆସିଥିବାବେଳେ ଉଗ୍ରପନ୍ଥୀ ମାନେ ପୂର୍ବରୁ ଯେପରି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଜାତିଆଣ ହିଂସାକାଣ୍ଡକୁ ଆହୁରି ବ୍ୟାପକ ଓ ତେଜିୟାନ କରୁଥିଲେ, ସେଥିରେ ମଧ ଶିଥିଳତା ପଡିଛି। କିନ୍ତୁ ଏହାର ଅର୍ଥ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରିଥିବା କୁହାଯାଇପାରିବ ନାହିଁ। ପାର୍ବତ୍ୟାଂଚଳ, ଉପତ୍ୟକା ଏବଂ ଜାତୀୟ ରାଜପଥଗୁଡିକରେ ଜନସାଧାରଣ ମୁକ୍ତ ଓ ନିରାପଦ ଚଳାଚଳ ଏବଂ ବିଭିନ୍ନ ସାମଗ୍ରୀର ଅବାଧ ପରିବହନ ବାଧାବିଘ୍ନ ମୁକ୍ତ ନୁହେଁ। ସେହିପରି ରାଜ୍ୟର ଦୁଇ ପ୍ରଭାବଶାଳୀ ସଂପ୍ରଦାୟ ମୈତ୍ରେଇ ଏବଂ କୁକି-ଯୋ ମଧ୍ୟରେ ସମ୍ପର୍କରେ ଉନ୍ନତି ଘଟିଥିବା ମନେହୁଏ ନାହିଁ, ଯାହାକି ଦୀର୍ଘ ଦୁଇବର୍ଷ ଧରି ଉତେଜନାର କେନ୍ଦ୍ର ବିନ୍ଦୁ ଥିଲା। ଆହୁରି ମଧ ଜାତିଆଣ ଦଙ୍ଗା ଜନିତ ହିଂସାକାଣ୍ଡ ବେଳେ ଘରଦ୍ୱାର ଛାଡି ଅନ୍ୟତ୍ର ପଳାୟନ କରିଥିବା ଲୋକମାନେ ଏବେ ବି ନିଜ ଘରକୁ ପ୍ରତ୍ୟାବର୍ତନ କରିପାରିନାହାଁନ୍ତି। ଏହା ନିସନ୍ଦେହ ଯେ, ଗତ ୩ମାସ ମଧ୍ୟରେ ରାଜ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ଫେରିନଥିବାବେଳେ ସ୍ୱାଭାବିକ ମୁହାଁ ହୋଇଛି ବୋଲି କୁହାଯାଇପାରିବ। ଗଲା ଫେବୃୟାରୀ ୧୩ତାରିଖରେ ରାଷ୍ଟ୍ରପତି ଶାସନ ଜାରି ପରଠାରୁ ରାଜ୍ୟରେ କୌଣସି ବଡଧରଣର ହିଂସାକାଣ୍ଡର ରିପୋର୍ଟ ମିଳିନାହିଁ। କିନ୍ତୁ ରାଜ୍ୟରେ ପାର୍ବତ୍ୟ ଏବଂ ଉପତ୍ୟାକା ଅଂଚଳରେ ସମ୍ପୂର୍ଣ୍ଣ ସ୍ୱାଭାବିକ ସ୍ଥିତି ପୁନଃ ପ୍ରତିଷ୍ଠା ଲାଗି ବିଭିନ୍ନ ଅଂଚଳରେ ସକ୍ରୀୟ ଥିବା ଉଗ୍ରପନ୍ଥୀ ଏବଂ ଅତି ଜାତିଆଣବାଦୀ ଗୋଷ୍ଠୀକୁ ନିରସ୍ତ୍ର କରିବାକୁ ହେବ, ଯାହାକି କେନ୍ଦ୍ର ସରକାରଙ୍କ ପଇଁ ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରାଷ୍ଟ୍ରପତି ଶାସନ ନିୟନ୍ତ୍ରଣାଧୀନ ମଣିପୁର ଏବେ ସ୍ୱାଭାବିକ ମୁହାଁ ହେଉଥିବାବେଳେ ରାଜ୍ୟରେ ବିଧାନସଭାକୁ ପୁନଃ ସକ୍ରୀୟ କରାଇବା ସହ ଏକ ଲୋକପ୍ରିୟ ସରକାର ଗଠନ ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ବିଧାୟକ ଦଳ ଦାବି କରିବା ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। ନିକଟରେ ଏନଡିଏ ନେତୃତ୍ୱାଧୀନ ବିଜେପିର ୧୦ଜଣିଆ ପ୍ରତିନିଧିଦଳ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ରାଜ୍ୟରେ ଏକ ଲୋକପ୍ରିୟ ସରକାର ଗଠନ ପାଇଁ ୪୪ଜଣ ଏନଡିଏ ବିଧାୟକ ପ୍ରସ୍ତୁତ ଥିବା ଦାବି ଉପସ୍ଥାପିତ କରିଛନ୍ତି। ରାଜ୍ୟରେ ରାଷ୍ଟ୍ରପତି ଶାସନ ବଳବତର ଥିବା ସତ୍ତ୍ୱେ ବିଧାନସଭା ଭଙ୍ଗ ହୋଇନାହିଁ। ବିଧାନସଭାକୁ ନିଲମ୍ବିତ ରଖାଯାଇଛି। ରାଷ୍ଟ୍ରପତି ଶାସନ ଉଚ୍ଛେଦ ପରେ ବିଧାନସଭାକୁ ଯେକୌଣସି ସମୟରେ ପୁନଃଜୀବିତ କରାଯାଇପାରିବ। ଏହାଦ୍ୱାରା ରାଜ୍ୟରେ ଏକ ଲୋକପ୍ରିୟ ସରକାର ଗଠନ କରାଯାଇ ପାରିବ। ଆହୁରି ମଧ ରାଜ୍ୟର ୨୧ଜଣ ଏନଡିଏ ବିଧାୟକ ଗଲା ଏପ୍ରିଲ ମାସରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ପୃଥକ ପୃଥକ ଭେଟି ଅନୁରୂପ ଦାବି କରିଛନ୍ତି। ଏହା ନିସନ୍ଦେହ ଯେ, ପାହାଡିଆ ରାଜ୍ୟ ମଣିପୁରକୁ ଦୀର୍ଘ କାଳ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ନିୟନ୍ତ୍ରଣାଧୀନ ରଖିବାକୁ ଅନୁମତି ଦିଆଯାଇପାରିବ ନାହିଁ। ରାଜ୍ୟରେ ଏକ ଲୋକପ୍ରିୟ ଲୋକ ପ୍ରତିନିଧିମୂଳକ ଶାସନ ପ୍ରତିଷ୍ଠା କରିବାର ଅଛି, ଯାହାକି ଜନସାଧାରଣଙ୍କ ଆଶା-ଆକାଙ୍କ୍ଷା ପୁରଣ କରିପାରିବ। କିନ୍ତୁ ଏହି ଲୋକପ୍ରିୟ ସରକାର ରାଜ୍ୟର ସମସ୍ତ ସମ୍ପ୍ରଦାୟକୁ ନେଇ ଗଠିତ ହେବା ଜରୁରୀ। ଉଲ୍ଲେଖ କରାଯାଇପାରେ ଯେ, ବିଦାୟୀ ମୁଖ୍ୟମନ୍ତ୍ରୀ ବିରେନ ସିଂହଙ୍କ ପକ୍ଷପାତମୂଳକ ଶାସନ ଯୋଗୁଁ ହିଂସାକାଣ୍ଡରେ ରାଜ୍ୟରେ ୨୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ଲୋକ ଘରଦ୍ୱାର ଛାଡି ପଡୋଶୀ ରାଜ୍ୟଗୁଡିକରେ ଆଶ୍ରୟ ନେଇଛନ୍ତି। ସେହିପରି ବ୍ୟାପକ ପୋଡାଜଳାରେ ହଜାର ହଜାର ଲୋକ ବାସହରା ହୋଇପଡିଛନ୍ତି। ତେବେ ରାଜ୍ୟରେ ଏକ ଲୋକପ୍ରିୟ ସରକାର ପୁନଃ ପ୍ରତିଷ୍ଠା କ୍ଷେତ୍ରରେ କେନ୍ଦ୍ର ସରକାର କି ଅଭିମୁଖ୍ୟ ଗ୍ରହଣ କରୁଛନ୍ତି, ତାହାକୁ ଏବେ ଅପେକ୍ଷା।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୭୯୭୮୬୬୬୪୦୩**

# ପ୍ରତିଫଳନ - ଏକ ବହୁମୁଖୀ ସଂଜ୍ଞା

**ବିଜୟ କୁମାର ଦାଶ**

ପ୍ରତିଫଳନ କହିଲେ ଏକ ଶବ୍ଦରେ ଏକ ପ୍ରତିଛବି, ଏକ ଆଇନା, ଏକ ଜାଗୃତି, ଏକ ପାର୍ଶ୍ୱ ଓ ସମପ୍ରତିକ୍ରିୟା। ପ୍ରତିଫଳନ ସର୍ବଦା ଏକ ସଚେତନତାର ବାହକ ସାଜି ଗୋଟିଏ ପାର୍ଶ୍ୱରେ ଗୁଣାତ୍ମକ ଓ ସୃଜନାତ୍ମକ ମାନର ଏକ ପ୍ରତିରୂପ ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱରେ ସଂହାରର ଏକ ବିକଟାଳ ତଥା ଐଶୁରିକ ମାନସିକତାର ଚିତ୍ରକୁ ମଧ୍ୟ ଉପସ୍ଥାପନ କରିଥାଏ। ସମାଜରେ ଅନେକ କାର୍ଯ୍ୟ ସଚେତନତାର ବାର୍ତ୍ତା ବହନ କରିଥିବାବେଳେ ଅନୁରୂପ ସମୟରେ କିଛି ଭୁଲ ସନ୍ଦେଶ ସହ ପାଶ୍ୱ ଓ ବିପରୀତ ପ୍ରତିକ୍ରିୟା ମଧ୍ୟ ଦେଖା ଯାଇଥାଏ। ପ୍ରତିଫଳନ କହିଲେ ସାଧାରଣତଃ ଏକ ଏଭଳି ଶବ୍ଦ ଯାହାର ସର୍ବଦା ଦୁଇଟି ଦିଗ ରହିଥାଏ। ଗୋଟିଏ ଯୁକ୍ତାତ୍ମକ ଓ ଅନ୍ୟଟି ବିଯୁକ୍ତାତ୍ମକ। ସର୍ବଦା ଗୋଟିଏ ଲୋକକଥା ରହିଛି ଯେଉଁଭଳି ଗଛ ଲଗାଇବା ସେହିଭଳି ଫଳ ମଧ ପ୍ରାପ୍ତ କରିବ। ଏହାରମାନେ ହେଉଛି ଯଦି ଆମେ ଗୋଟିଏ କାର୍ଯ୍ୟକୁ ଠିକ ଭାବେ ସମ୍ପାଦନା କରିବ ତାହେଲେ ତାହାର ପ୍ରତ୍ୟୁତ୍ତର ଭାବେ ଯୁକ୍ତାତ୍ମକ ଓ ଆଶାନୁରୂପ ଫଳ ପାଇବ ନୋଚେତ ଏହାର ପାର୍ଶ୍ୱ ପ୍ରତିକ୍ରିୟା ସଦୃଶ୍ୟ ବିଯୁକ୍ତାତ୍ମକ ଭାବେ ଏକ ନିରାଶଜନକ ତଥା କ୍ଷତି ସମ୍ପନ୍ନ ଫଳପ୍ରଦ ହେବ। ବିଭିନ୍ନ ସମୟରେ ବିଭିନ୍ନ ବୁଦ୍ଧିଜିବୀ, ଶିକ୍ଷାବିତ, ଲେଖକ ଏହି ପ୍ରତିଫଳନକୁ ନେଇ ଭିନ୍ନ ଭିନ୍ନ ଅର୍ଥରେ ଉପସ୍ଥାପନ କରିଥାଆନ୍ତି। କିନ୍ତୁ ଏହି ଶବ୍ଦର ଯଦିଓ ସଠିକ୍ ଭାବେ ଅନୁସନ୍ଧାନ କରିବା ତାହେଲେ ଏହା ନିଶ୍ଚିତ ଭାବେ କରିଥିବା କର୍ମର ଆଶାନୁରୂପ ବ୍ୟବସ୍ଥା ବା ଛିଟ। ପ୍ରତିଫଳନର ସାଙ୍କେତିକ ବ୍ୟବହାର ଅନେକ। କିନ୍ତୁ ଯେତେବେଳେ ଆମେ ଏହି ପ୍ରତିଫଳନର ବ୍ୟବହାରିକ ସଂଜ୍ଞାକୁ ଚର୍ଚ୍ଚାକୁ ନେଇଥାଉ ସେତେବେଳେ ଏହା କେବଳ ଯେ ଏକ ପ୍ରତିଛବି କିମ୍ବା ଅପରୂପ ସଦୃଶ୍ୟ ନହୋଇ ଏହା କୁତ୍ସିତ ମାର୍ଗକୁ ମଧ ଦର୍ଶାଇଥାଏ। ଏହାର ଠିକ୍ ଭାବେ ଯଦିଓ ଉପସ୍ଥାପନା କରାଯାଏ ତାହେଲେ ପ୍ରତିଫଳନ ଏକ ଅମିମାଂସିତ ସଂରଚନାକୁ ଦର୍ଶାଇଥାଏ। ପ୍ରତିଫଳନ ଏକ ସୁସ୍ଥ ରୂପକୁ ମଧ ଇଙ୍ଗିତ କରିବା ସହ ଏକ ବିଧର୍ମୀ ପରିଭାଷାର ମର୍ମ ମଧ ହୋଇପାରେ।

**ସାମ୍ବାଦିକ**

# ଗୁଣ୍ଡିଚା ମନ୍ଦିରରେ ବାବନା ଭୂତ


ଡାକ୍ତର ସମ୍ରାଟ କର

ଆଜିର ସମୟରେ ପୁରୁଣା ବୁଢ଼ୀ ମାଆ ଅସୁରୁଣୀ କାହାଣୀ ଗପ ପରି ଭୂତ ସେ ପୁଣି ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ମାଉସୀ ମାଆ ଘରେ ଅର୍ଥାତ୍ ଗୁଣ୍ଡିଚା ମନ୍ଦିରରେ!! ଏମିତିରେ କହିଲେ ଭୂତ ହେଉଛି ଏକ ପ୍ରକାର ମାନସିକ କଳ୍ପନା ଓ ଏହା ଜଣଙ୍କର ମାନସିକ ଦୁଃସ୍ଥିତିର ତଥା ଅସୁସ୍ଥତାର ଗୁରୁତର ଲକ୍ଷଣ। ତେବେ ଆମ ଓଡ଼ିଆ ଲୋକଚଳଣି ଓ ବିଭିନ୍ନ ଆଲୋଖ୍ୟରେ ଭୂତକୁ ନେଇ ଅନେକ ଆଲୋଚନା, କାହାଣୀ, ତର୍କବିତର୍କ ସବୁ ରହିଛି। ଭୂତକୁ ନେଇ ଉପନ୍ୟାସ, ଭୂତ ଉପରେ ସିନେମାର ଏବେ ବି ଚାହିଦା ରହିଛି। କିନ୍ତୁ ବାସ୍ତବ କଥା ହେଉଛି ଭୂତ ହେଉଛି ମାନସିକ ପ୍ରସୂତ ଏକ ଚରିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ଦୁର୍ବଳ ମାନସିକତାରୁ ହିଁ ଭୂତର ଆବିର୍ଭାବ ହୋଇଥାଏ। ପରବର୍ତ୍ତୀ ସମୟରେ ଏହି ଭୂତ କାହାଣୀ ବିଭିନ୍ନ ବାଟରେ, ବିଭିନ୍ନ ଢ଼ଙ୍ଗରେ ଚାରିଆଡ଼କୁ ଖେଳିଯାଏ। ସହଯେ ଅନେକଙ୍କର ମାନସିକତାରେ ଗୁଜବ ଏକ ଅଭୂତ ମାଦକତା ଓ ବିଚିତ୍ର ଆନନ୍ଦ ପାଇଥାନ୍ତି। ତେଣୁ ଭୂତ କାହାଣୀ ସହିତ ଗୁଜବ ମିଶିଗଲେ ସମାଜରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେବେ ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ମାଉସୀ ମାଆ ଘର ଅର୍ଥାତ୍ ଗୁଣ୍ଡିଚା ମନ୍ଦିରରେ ପୁଣି ବାବନା ଭୂତ ନିଶ୍ଚିନ୍ତ ଭାବରେ ଏହି ଆଲେଖ୍ୟଟି ଅନେକଙ୍କ ଭିତରେ ଆନ୍ଦୋଳିତ କରୁଥିବ।

ଶ୍ରୀଜୀଉଙ୍କ ନବଦିନ ବ୍ୟାପୀ ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାରେ ମାଉସୀ ମାଆ ଘରକୁ ଯାଇଥାନ୍ତି ପୁଣି ଫେରିଥାନ୍ତି ରତ୍ନବେଦୀକୁ। ବର୍ଷ ସାରା ସେଠାରେ ମହାପ୍ରଭୁ ଲୀଳାଖେଳା କରୁଥିବାବେଳେ ଖାଲି ପଡ଼ିଥାଏ ମହାବେଦୀ ଓ ଗୁଣ୍ଡିଚା ମନ୍ଦିର ଶୁନଶାନ ପରିବେଶ ଭିତରେ ଥାଏ। ଏହାକୁ ଅନେକ ପୁରୁଣା ଓ ବର୍ଷିୟାନ ପୁରୀର ବାସିନ୍ଦା କୁହନ୍ତି ଯେ ବର୍ଷେକାଳ ନିବୁଜ ହୋଇ ରହୁଥିବା ଜନ୍ମବେଦୀରେ ପଶିଯାଏ ବାବନା ଭୂତ। ଏହା ଏକ ଲୋକକଥା ହେଲେ ମଧ ଏହା ପଛରେ ରହିଛି ଏକ ପରମ୍ପରା। ୧୫୦୦ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ଦଶକରେ ମହାପ୍ରଭୁଙ୍କ ପରମ ଭକ୍ତ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥାନ୍ତି। ସେ ସମୟରେ ବଡ଼ଦାଣ୍ଡର କିଛି ବାଟ ପରେ ଥିଲା ମାଳିନୀ ନଦୀ। ନିକାଞ୍ଚନ ଅଞ୍ଚଳ, ଚାରିଆଡ଼େ ବାଲି ଆଉ ଘଞ୍ଚ ଜଙ୍ଗଲ। ଶୁନଶାନ ମନ୍ଦିର ଓ ଖାଁ ଖାଁ ପରିବେଶ ଭିତରେ ଏକ ପ୍ରକାର ନିର୍ଜନ ଅଞ୍ଚଳ ଲାଗୁଥିଲା। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ତଥା ବିଶିଷ୍ଟ ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ସେ ସମୟରେ ଶ୍ରୀଚଡେନ୍ୟ ଆଗକୁ ଯିବାବେଳେ ତାଙ୍କୁ ଲାଗୁଥିଲା ଯେପରି ଏଠାରେ ଭୂତ ବସା କରିଛି। ତେବେ ଜନ୍ମବେଦୀ ଦେଖି ସେ ବ୍ୟଥିତ ହୋଇଥିଲେ ଏବଂ ଧୂଳି ଧୂଷର ପରିବେଶ, ଫଡ଼ ଫଡ଼ ହୋଇ ଉଡୁଥିଲେ ପକ୍ଷୀ ଏବଂ ଏହା ଏକ ଭୂତ ଘର ଭଳି ଲାଗୁଥିଲା। ସେତେବେଳେ ଗଜପତି ଥିଲେ ପ୍ରତାପରୁଦ୍ର ଦେବ। ସେ ଶ୍ରୀଚୈତନ୍ୟଙ୍କୁ ଅନୁମତି ଦେବା ପରେ ଶ୍ରୀଚୈତନ୍ୟ ଗୌଡ଼ୀୟ ସାଧୁସନ୍ଥଙ୍କୁ ଧରି ଆଡ଼ପ ମଣ୍ଡପ ଓ ମହାପ୍ରଭୁଙ୍କ ଆଗମନ ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ସଫା କରିବାରେ ଲାଗିପଡ଼ିଥିଲେ। କେହି କେହି କୁହନ୍ତି ଯେ ଶ୍ରୀଚୈତନ୍ୟ ନିଜ କାନ୍ଧ ବସ୍ତ୍ରରେ ମହାପ୍ରଭୁଙ୍କ ଆସନକୁ ପୋଛି ଦେଇଥିଲେ। ସାଧୁ ସନ୍ଥଙ୍କ ଉପସ୍ଥିତି ଓ ନାମ ସଂକୀର୍ତ୍ତନରେ ସେହି ସ୍ଥାନର ନୀରବ ଭୌତିକ ପରିବେଶ ଧାର୍ମିକ ଐଶ୍ୱରିକ ପରିବେଶରେ ପରିବର୍ତ୍ତନ ହୋଇଗଲା। ପରବର୍ତ୍ତୀ ସମୟରେ ମହାପ୍ରଭୁ ଆଗମନ କରିଥିଲେ ଶ୍ରୀଗୁଣ୍ଡିଚା ମନ୍ଦିରକୁ। ମହାବେଦୀକୁ ଚତୁର୍ଦ୍ଧାମୂର୍ତ୍ତି ଫେରିବା ପରେ ଶୁନଶାନ ହୋଇଯାଇଥିଲା ଶରଧା ବାଲି। ନୀରବତା ସାଙ୍ଗକୁ ରାତିର ଘନ ଅନ୍ଧକାରର ରାଜୁତି ଚାଲିଥିଲା ଖାଁ ଖାଁ ଲାଗୁଥିଲା ଶରଧା ବାଲି ଓ ଗୁଣ୍ଡିଚା ମନ୍ଦିର। ଅଗମ୍ୟ ସେହି ଗୁଣ୍ଡିଚା ମନ୍ଦିରରୁ ପ୍ରଭୁ ଆସିବା ପରେ ଅଲୋଡ଼ା ହୋଇପଡ଼ିଥିଲା ସେଠାକାର ନୀରବତା ଓ ଅନ୍ଧାର ଭୌତିକ ପରିବେଶକୁ ଆମନ୍ତ୍ରିତ କରିଥିଲା। ଲାଗୁଥିଲା ସତେ ଯେପରି ପୁଣି ଫେରିଆସୁଥିଲା ବାବନା ଭୂତ।

ଆଜି ବି କିଛି ମାସ ଘରଟିଏ ଖାଲି ପଡ଼ିଲେ ବା ବନ୍ଦ ହୋଇ ନିବୁଜ ଅବସ୍ଥାରେ ପଡ଼ିଲେ, ସେଥିରେ ଭୂତ ରହୁଥିବା ଲୋକେ କୁହନ୍ତି। ଦୀର୍ଘଦିନ ବନ୍ଦ ରହିବା ପରେ ଘର ଖୋଲିଲେ ସମସ୍ତଙ୍କୁ ସେହି ଭାବନା ଆସିଥାଏ। ବିଜ୍ଞାନ ଯେତେ ଆଗକୁ ଯାଉ, ଏହି ଭାବନା କେବେ ବଦଳି ନାହିଁ। ଏହି ଭାବନା ପୂର୍ବକାଳରେ ଥିଲା। ବର୍ତ୍ତମାନ ବିଦ୍ୟୁତ ଆଲୋକର ପ୍ରଭାବ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସତ୍ତ୍ୱେ ଏପରି ଭାବନା ଆସୁଥିବାବେଳେ ପୂର୍ବ କାଳର ସ୍ଥିତି କେବଳ ଅନୁମାନ କରାଯାଇପାରିବ। ରଥଯାତ୍ରାର ଇତିହାସ ସ୍ପଷ୍ଟ ହୋଇନାହିଁ। କିନ୍ତୁ ରଥଯାତ୍ରାରେ ମହାପ୍ରଭୁ ଯାଇ ଆଡ଼ପମଣ୍ଡପରେ ବିଜେ କରନ୍ତି ଓ ବାହୁଡ଼ାରେ ବାହୁଡ଼ି ଆସନ୍ତି। ବର୍ଷ ସାରା ଶ୍ରୀଗୁଣ୍ଡିଚା ମନ୍ଦିର ଖାଲି ରହିଥାଏ। ୧୩୦୦ ମସିହାରୁ ପରମ୍ପରା ଚାଲିଥିବା ତଥ୍ୟ ମିଳିଛି। ତେବେ ସେତେବେଳେର ଭୌଗୋଳିକ ଓ ସାମାଜିକ ସ୍ଥିତିକୁ ଅନୁଧ୍ୟାନ କଲେ ଦେଖାଯାଏ, ବର୍ଷସାରା ଏତେବଡ଼ ଏକ ମନ୍ଦିର ଖାଲି ପଡ଼ିଥାଏ। ସେଠାକୁ ଯାତାୟାତ ନଥାଏ। ମାନବ ଚଳପ୍ରଚଳରୁ ବହୁ ଦୂରରେ ରହୁଥିବା ସ୍ଥାନର ପରିବେଶ ଭିନ୍ନ ହୋଇଥାଏ। ନଦୀ ପାର ହୋଇ ଗୌଡ଼ୀୟ ଭକ୍ତମାନେ ଜଙ୍ଗଲରେ ପ୍ରବେଶ କରିବା, ସର୍ପ ସଂକୁଳ ରାସ୍ତାରେ ଯାଇ ଆଡ଼ପମଣ୍ଡପରେ ପହଞ୍ଚିବା ଓ ଦୁର୍ଗମ ଅଞ୍ଚଳକୁ ଯାତ୍ରା ପାଇଁ ପ୍ରସ୍ତୁତ କରିବା ଥିଲା ଅତ୍ୟନ୍ତ କଷ୍ଟଦାୟକ। ସେଥିପାଇଁ ସେଠାରେ ଭୂତ ବିରାଜମାନ କରୁଥିବା ଲୋକେ କହନ୍ତି। ତେବେ ଲୋକକଥାକୁ ନେଇ ରାଜ ସ୍ୱୀକୃତ ପରମ୍ପରା ହେବା ଏକ ଅନନ୍ୟ ଘଟଣା। ସେତେବେଳେ ଏହା ବହୁ କଷ୍ଟକର ଥିଲା। ଯାହାକୁ ଆଜି ଝାଳି ଯାତ୍ରା ବୋଲି କୁହାଯାଉଛି। ଏହି ଝାଳିଯାତ୍ରାରେ ଯାଉଥିବା ଭକ୍ତମାନେ ମହାପ୍ରଭୁଙ୍କ ଆସ୍ଥାନ ସଫା କରିବା ପରେ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନ କରି ଆଇତୋଟାରେ ରାଜାଙ୍କ ପ୍ରଦତ୍ତ ଖଞ୍ଜାର ପ୍ରସାଦ ସେବନ କରିଥାନ୍ତି। ସେହି ଆଇତୋଟା ପଛରେ ଏକ ଅନନ୍ୟ ରହସ୍ୟ ରହିଛି। ଆଇତୋଟାର ରହସ୍ୟ ହେଉଛି, ଗୌଡ଼ୀୟ ବୈଷ୍ଣବଙ୍କ ମତରେ ବୃନ୍ଦା ହେଉଛନ୍ତି 'ଆଇ'। ବୃନ୍ଦାବନର ତତ୍କାଳୀନ ଭାଷା ଅନୁଯାୟୀ ଆଇର ଅର୍ଥ ମାଆ। ମାଆର ତୋଟାଟି ଦୁଇ ଭାଗରେ ବିଭକ୍ତ, ରାଧାକାନ୍ତ ମଠର ଆଇତୋଟା ଓ ଏବଂ ଝାଞ୍ଜପିଟା ମଠର ଆଇତୋଟା।

ମାତ୍ର ସମୟର ପରିବର୍ତ୍ତନ ସହ ସଭ୍ୟତା ବଦଳିଛି। ଦିନେ ନିର୍ଜନ ଓ ଅଗମ୍ୟ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଏବେ ଲୋକାରଣ୍ୟ ହୋଇଯାଇଛି। ଚାରିଆଡ଼େ ଉଜ୍ଜ୍ୱଳ ଆଲୋକ ରହିଛି। ତଥାପି ବାହୁଡ଼ା ଦିନ ତିନିରଥ ଶରଧାବାଲିରୁ ଆସିବା ପରେ ସେହି ଅଞ୍ଚଳ ଏବେ ବି ଖାଁ ଖାଁ ଲାଗୁଛି। ସେହି ବିଶ୍ୱାସ ଅଛି, ଠାକୁର ବାହୁଡ଼ିଲେ ବର୍ଷସାରା ସିଂହାସନକୁ ଜଗି ରହୁଥିବା ବାବନା ଭୂତ ପୁଣି ଫେରି ଆସୁଛି।

ତେବେ ଆଡ଼ପ ମଣ୍ଡପ ଓ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା କରିବାର ପରମ୍ପରା ଏବେ ବି ରହିଛି। ଗୌଡ଼ୀୟ ସମ୍ପ୍ରଦାୟର ସାଧୁସନ୍ଥମାନେ ଘଣ୍ଟି ଘଣ୍ଟା ଖୋଳ,ମର୍ଦ୍ଦଳର ତାଳେ ତାଳେ ନାମ ସଂକୀର୍ତ୍ତନ କରି ହାତରେ ଝାଡୁ ଓ ମାଠିଆ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରୁଛନ୍ତି। ମନ୍ଦିରର ନୀରବ ପରିବେଶକୁ ଧାର୍ମିକ ପରିବେଶରେ ପରିଣତ କରୁଛନ୍ତି। ଏହି ପରମ୍ପରାରେ ଅନେକ ଭକ୍ତମାନେ ମାର୍ଜନା ପରମ୍ପରାରେ ସାମିଲ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ କରୁଛନ୍ତି କିନ୍ତୁ ଆଜିକା ସମୟକୁ ଦେଖିଲେ ବାସ୍ତବରେ ସେହି ରହସ୍ୟମୟ ବାବନା ଭୂତକୁ ଅନେକ କିନ୍ତୁ ଖୋଜି ବୁଲୁଛନ୍ତି!!

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**

# ସରିଲା ମହାନତାର ମହାପର୍ବ ଶୀତଳଷଷ୍ଠୀ : ମନ୍ଦିରକୁ ବାହୁଡିଲେ ଦେବଦମ୍ପତି



**ସମ୍ବଲପୁର,(ଡିକେ ନ୍ୟୁଜ୍):** ମାନବୀୟ ରୀତିନୀତିରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ପଡିଲା ହାତଗଣ୍ଠୀ। ସରିଲା ବିବାହ। ମନ୍ଦିର ପ୍ରବେଶ କରି ଦେଲେ ଯୁଗଳ ଦର୍ଶନ। କିନ୍ତୁ ଚଳିତ ବର୍ଷର ଶୀତଳ ଷଷ୍ଠି ଯାତ୍ରାର ବିଶେଷତ୍ୱ ଖୁବ ନିଆରା ଓ ଆଦର୍ଶର ପ୍ରତିବିମ୍ବ ଛାଡି ଦେଇଛି। ସତେ ଯେପରି ଏହି ମାନବୀୟ ରୀତିନୀତିର ଶୀତଳ ଷଷ୍ଠି ଯାତ୍ରା ଚଳିତ ବର୍ଷ ଦେଖାଇ ଦେଇଛି ମାନବୀୟ ମହାନତାର ମହାପର୍ବ। ସବୁ ଶ୍ରେଣୀ, ବର୍ଗର ଲୋକଙ୍କୁ ଏକାଠି କରି ସମ୍ବଲପୁର ଅକ୍ଷୁର୍ଣ୍ଣ ରଖିଛି ତାର ମାନବୀୟ ଶକ୍ତିର ମହାନ ପରାମ୍ପରା। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଭବ୍ୟ ସାଂସ୍କୃତିକ ପରିବେଶରେ ମନ୍ଦିର ପ୍ରବେଶ କରି ଶୀତଳ ଷଷ୍ଠି ଯାତ୍ରା ଚଳିତ ବର୍ଷ ଛାଡି ଦେଇଛି ନିଜର ମହାନ ଝଲକ। ଅନ୍ୟ ବର୍ଷ ଠାରୁ ଶୀତଳ ଷଷ୍ଠି ଯାତ୍ରା ଥିଲା ଅନନ୍ୟୟଜନ ସମୁଦ୍ରରେ ପରିଣତ ହୋଇଥିବା ଏହି ଯାତ୍ରା ଥିଲା ନିଆରା ଓ ଭାବାବେଗରେ ଉଠିଥିଲା ମହକି। ସବୁ ବର୍ଷକୁ ଅତିକ୍ରମ କରି ଚଳିତ ବର୍ଷ ୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ, ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିବା ଆକଳନ କରାଯାଇଛି। ଏଥିପାଇଁ ପୋଲିସ ପ୍ରଶାସନ ନାକେଦମ ହୋଇଥିଲଲେ ବି ଶାନ୍ତି ଶୃଙ୍ଖଳା ସହିତ ସମ୍ବଲପୁରର ଶୀତଳ ଷଷ୍ଠି ଯାତ୍ରା ଦେଖାଇଛି ତାର ନିଦର୍ଶନ। ଝାଡୁଆପଡା ଲୋକନାଥ ବାବା, ମୁଦିପଡାର ଜାଗେଶ୍ୱର ବାବା, ନନ୍ଦପଡାର ବମ ବରାଡ଼ ବାଲୁଙ୍କେଶ୍ୱର ବାବା, ବଡ଼ବାଜାରର ଶୀତଳେଶ୍ୱର ବାବା, ଶଙ୍କର ମଠର ସ୍ୱପ୍ନେଶ୍ୱର ବାବା, ଠାକୁର ପଡାର ଗୁପ୍ତେଶ୍ୱର ବାବାବାଲିବନ୍ଧା ସୋମନାଥ ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବାଙ୍କ ସହ ଜିଲ୍ଲାର ସମସ୍ତ ଦେବ ବିବାହ ସମ୍ପନ୍ନ ହୋଇ ରବିବାର ରାତିରୁ ଲୋକନୃତ୍ୟ, ଲୋକଗୀତ, ଲୋକ ସଂସ୍କୃତି, ସଂକୀର୍ତ୍ତନ, ଘଣ୍ଟ, ବାଦ୍ୟ ତାଳେ ତାଳେ ଯୁଗଳ ଦର୍ଶନ ଶୋଭଯାତ୍ରା ବାହାରିଥିଲେ। ଏଥିପାଇଁ ସାରା ସମ୍ବଲପୁର ହୋଇଛି ଚଳଚଞ୍ଚଳ। ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଜନ ସମାଗମରେ ସମ୍ବଲପୁରର ଶୀତଳ ଷଷ୍ଠି ଚଳିତ ବର୍ଷ ପାଇଁ ନୂଆଁ ରେକର୍ଡ କରିଛି। ରବିବାର ରାତି ଓ ସୋମବାର ଦିନ ସାରା ଯୁଗଳ ମୂର୍ତ୍ତି ନଗର ପରିକ୍ରମା କରି ସନ୍ଧ୍ୟା ବେଳକୁ ମନ୍ଦିର ପ୍ରବେଶ କରି ଯୁଗଳ ଦର୍ଶନ ଦେଇଛନ୍ତି। ଶନିବାର ବିଳମ୍ବିତ ରାତି ପ୍ରାୟ ୧୧ଟା ପରେ ମହାଆଳତି ଓ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା କନ୍ୟା ଘର ଅଭିମୁଖେ ବାହାରିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିଲେ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁଙ୍କ ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପାରମ୍ପରିକ ଲୋକ କଳାକାର ଦଳ। ଦର୍ଶକଙ୍କ ମନ ମୋହିଥିଲେ ବିଭିନ୍ନ ସ୍ଥାନରୁ ଆସିଥିବା ଆଧୁନିକ ନୃତ୍ୟ ଦଳ। ପାରମ୍ପରିକ ଲୋକ କଳାକାରଙ୍କ ନୃତ୍ୟ, ଗୀତ ଓ ବାଦ୍ୟରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଘଣ୍ଟ, ଘଣ୍ଟା, ଶଙ୍ଖ, ମୃଦଙ୍ଗ ଶବ୍ଦ ପରିବେଶକୁ ଆଧ୍ୟାତ୍ମିକ କରି ଦେଇଥିଲା। ଭୋର ସକାଳ ଯାଏ ବରଯାତ୍ରୀ ଶୋଭାଯାତ୍ରା ଚାଲିଥିଲା । ରାତି ପ୍ରାୟ ସାଢେ ୩ ଟାରେ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା ପାର୍ବତୀଙ୍କ ପିତାମାତାଙ୍କ ଘରେ ପହଞ୍ଚିଥିଲା। କନ୍ୟାପକ୍ଷ ମହାଦେବଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ବାଟବରଣ, ମହା ଆଳତୀ, ଲବଣ ଚାମୁରୀ ନୀତି ସହ ମହାଦେବ କନ୍ୟା ଘରକୁ ପ୍ରବେଶ କରିଥିଲେ। ଏହା ପରେ ଭୋର ୪ ଟାରୁ ଦେବ ବିବାହ ପ୍ରକ୍ରିୟା ଆରମ୍ଭ ହୋଇ ସକାଳ ସାଢେ ୮ ଟା ବେଳକୁ ସମ୍ପନ୍ନ ହୋଇଥିଲା। ଏଥର ଝାଡୁଆପଡା ଅରଣ୍ୟକ ଶୀତଳଷଷ୍ଠୀ ଯାତ୍ରାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ତାଙ୍କ ଧର୍ମପତ୍ନୀ କନ୍ୟା ପିତାମାତାର ଦାୟିତ୍ୱ ନିର୍ବାହ କରିଥିବା ବେଳେ ବିବାହରେ ସେ କନ୍ୟାଦାନ କରିଥିଲେ। ଏହି ଅବସରରେ ଶ୍ରୀ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ଆଜି ସମ୍ବଲପୁରରେ ସତ୍ୟ ଯୁଗର ପରିବେଶ ସୃଷ୍ଟି ହୋଇଛି ।ମାତା ପାର୍ବତୀ ଯିଏ କି ଜଗତ ଜନନୀ ଅଟନ୍ତି ସେ ଆମ ଘରକୁ ପୁତ୍ରୀ ହୋଇକି ଆସିଛନ୍ତି। ବୈଦିକ ରୀତି ଅନୁସାରେ କନ୍ୟାଦାନ ମହା ଦାନ ଅଟେ । ଆଉ ଜଗତ ଜନନୀଙ୍କ କନ୍ୟାଦାନ ମହାଦେବଙ୍କୁ କରିବା ଏକ ନିଆରା ସୁଯୋଗ ଆମେ ପାଇ ନିଜକୁ ଗୌରବ ମନେ କରୁଛୁ। ଅନ୍ୟପଟେ ଝାଡୁଆପଡାର ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରାର ଦେବ ବିବାହରେ ରାଜ୍ୟ ବାଣିଜ୍ୟ, ପରିବହନ, ଷ୍ଟିଲ, ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ମଧ୍ୟ ସାମିଲ ହୋଇଥିଲେ ।ଏହି ଅବସରରେ ସେ କହିଥିଲେ ଯେ, ଶିବ ବିବାହରେ ମୁଁ ଅନେକ ଥର ସାମିଲ ହୋଇଛି କିନ୍ତୁ ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ପ୍ରଥମ ଥର ପାଇଁ ଆସିଛି । ଏହା ଦେବ ବିବାହ ହେଲେ ମଧ୍ୟ ସମ୍ପୂର୍ଣ୍ଣ ମାନବୀୟ ରୀତିନୀତି ରେ ହୋଇଥାଏ, ତେଣୁ ଏହା ଆମର ଭଳିଆ ଲାଗିଥାଏ। ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚଳିତ ବର୍ଷ ସମ୍ପୂର୍ଣ୍ଣ ସମୟ ଦେଇଥିଲେ ଶୀତଳ ଷଷ୍ଠି କୁୟ ସମ୍ବଲପୁର ସହର ସହିତ ଜିଲ୍ଲାର କୋଣ ଅନୁକୋଣରେ ଅନୁଷ୍ଠିତ ହୋଇଥିବା ସମସ୍ତ ଯାତ୍ରାରେ ନିଜର ଉପସ୍ଥିତି ଜାହିର କରି ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ କାମନା କରି କେବଳ ଜିଲ୍ଲା କାହିଁକି ରାଜ୍ୟ ଓ ରାଷ୍ଟ୍ରବାସୀଙ୍କ ସୁଖ ସମୃଦ୍ଧି କାମନା କରି ନିଜର ମହାନତା ଦେଖାଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ଙ୍କ ପରି କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ତାଙ୍କର ପୂର୍ଣ୍ଣ ସମୟ ଦେଇଛନ୍ତି ଶୀତଳ ଷଷ୍ଠି କୁୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ କନ୍ୟା ପିତା ହେବା ସହିତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯାତ୍ରା ପ୍ରତି ନିଜର ଯୋଗଦାନ ଚଳିତ ଶୀତଳ ଷଷ୍ଠି ଯାତ୍ରା ପାଇଁ ଏକ ଅପୂର୍ବ ଜନ ସମାଗମର ଅନନ୍ୟ ଆକର୍ଷଣ ବୋଲି କୁହାଯିବ। ଗ୍ରୀଷ୍ମ ପ୍ରବାହ ଓ ଗୁଳଗୁଳି ଅତି ପ୍ରଖର ଥିଲେ ବି ଶୀତଳ ଷଷ୍ଠିରେ ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏହା ସ୍ପର୍ଶ କରିପାରିନଥିଲା। ଅବଶ୍ୟ ସହରର ଏମୁଣ୍ଡରୁ ସେମୁଣ୍ଡ, କୋଣ ଅନୁକୋଣରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି, ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ସମିତି, ଟ୍ରଷ୍ଟ, ବ୍ୟବସାୟୀ ପ୍ରତିଷ୍ଠାନ, ସଂଘ, ସମାଜ, ରାଜନୈତିକ ଦଳ ଏପରିକି ବ୍ୟକ୍ତିଗତ ସେବା ଭଳି ଯୋଗଦାନ ଅପୂର୍ବ ସଫଳତାର ଆଉ ଏକ ନିଦର୍ଶନ କୁହାଯିବ। ସାରା ସହର ରେ ଏହି ସବୁ ଅନୁଷ୍ଠାନ ପକ୍ଷରୁ, ବିଭିନ୍ନ ଖାଦ୍ୟ, ପାନୀୟ, ବିଶ୍ରାମ, ଆଶ୍ରୟ, ଶୀତଳ ସ୍ଥାନ, ଛୋଟ ବଡ଼ ଉପହାର ଭଳି ସେବା ଦେଇ ସମସ୍ତ ଯାତ୍ରା କମିଟି, ସମ୍ବନ୍ୱୟ କମିଟି ସହିତ ସମଗ୍ର ସମ୍ବଲପୁର ସକ୍ରିୟ ଅନୁଷ୍ଠାନ, ସାମାଜିକ କର୍ମୀ ଭଳି ଲୋକଙ୍କ ଯୋଗଦାନରେ ଶୀତଳ ଷଷ୍ଠି ସାଜିଥିଲା ମାନବୀୟ ମହାନତାର ମହାପର୍ବ।

## ପଲିଥିନ ତଳେ ବିତୁଛି ପ୍ରଭାତୀଙ୍କ ଜୀବନ



**ସାଲେପୁର,(ଡିକେ ନ୍ୟୁଜ୍):** ସଦର ବ୍ଲକ୍ ଅନ୍ତର୍ଗତ ଧରିଣା ପଞ୍ଚାୟତ ଧରିଣା ଗ୍ରାମର ପ୍ରଭାତୀ ରାଉତ ଜଣେ ସହାୟକ ପାଚିକାୟ ମାସକୁ ସ୍ୱଳ୍ପ ଦରମା। ତାହା ବି ପ୍ରତ୍ୟେକ ମାସରେ ମିଳିବା କିଛି ଗ୍ୟାରେଣ୍ଟି ନାହିଁ। ଧରିଣା ହାଇସ୍କୁଲରେ ରୋଷେଇ କରି ଶହ ଶହ ପିଲାଙ୍କୁ ଖାଇବା ବାଢୁଥିବା ପ୍ରଭାତୀଙ୍କ ପରିବାର ଓଳିଏ ଖାଇଲେ ଓଳିଏ ଉପାସ। ସ୍ୱାମୀ ଅରବିନ୍ଦ ରାଉତଙ୍କ ମାନସିକ ଅସୁସ୍ଥତା କାରଣରୁ କିଛି ରୋଜଗାର କରିବା ତାଙ୍କ ପକ୍ଷେ ଅସମ୍ଭବ। ଅର୍ଥ ଅଭାବ ହେତୁ ଏକମାତ୍ର ପୁଅର ଭବିଷ୍ୟତ ମଧ୍ୟ ଅନ୍ଧକାର ଆଡ଼କୁ ଗତି କରୁଛି। ଏପଟେ ପକ୍କା ଘରଟିଏ ନଥିବା ହେତୁ ପଲିଥିନ ତଳେ ବିତୁଛି ଜୀବନ। ଶୀତ ଖରା ବର୍ଷାରେ ଅବସ୍ଥା ଦୟନୀୟ ହୋଇ ପଡୁଛି। ଝଡ ବାତ୍ୟାକୁ ବି ଭୟ। ପରିସ୍ଥିତିକୁ ଦେଖିଲେ ଜଣାପଡ଼େ, ପ୍ରଭାତୀଙ୍କ ପରିବାର ବାସ୍ତବିକ୍ ସରକାରୀ ଗୃହ ପାଇବା ପାଇଁ ପ୍ରଥମ ହକଦାର୍। ହେଲେ ସମୟ ଗଡି ଚାଲିଛି ପ୍ରଭାତୀଙ୍କ ଘର ପାଇବା ସ୍ୱପ୍ନ, ସ୍ୱପ୍ନରେ ରହିଯାଇଛି। ଆଗକୁ ବର୍ଷା ମାଡି ଆସୁଛି। କେତେବେଳେ କଚ୍ଚା ଘରର ମାଟି ଅତଡ଼ା ଖସି ସମସ୍ତଙ୍କ ଜୀବନ ଚାଲିଯିବ ତାହା କହିବା କଷ୍ଟକର ବ୍ୟାପାର। ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ଯୋଗାଇ ଦେବାକୁ କଟକ ସଦର ବିଧାୟକ ତଥା ମାଟିର ପୁଅ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସହାୟକ ପାଚିକା ପ୍ରଭାତୀ ରାଉତ ଏବଂ ତାଙ୍କ ପରିବାର ଗୁହାରୀ କରିଛନ୍ତି।

## ରଥଖଳା ହାଲଚାଲ ୩୪ ଦିନ : ତିନି ରଥର ସମସ୍ତ ଚକ ସହ ଅଖ ସଂଯୋଗ ହୋଇ ଡେରାଗଲା

**ପୁରୀ, (ହି.ସ.) :** ମଙ୍ଗଳବାର ୩୪ ତମ ଦିବସରେ ତିନି ରଥର ସମସ୍ତ ଚକ ସହ ଅଖ ସଂଯୋଗ କରାଯାଇଛି । ଏହାସହ ଦିଗନିର୍ଣ୍ଣୟ କାର୍ଯ୍ୟ ଶେଷ ହୋଇଛି । ଦଣ୍ଡା ଫ୍ରେମ ଗୁଡିକ ନମ୍ବରିଂ କରାଯାଇଛି । ପଞ୍ଚ ଦଣ୍ଡାରେ କାପ, କଳସା ଓ ବିନ୍ଧ କାମ ଶେଷ ହୋଇଛି । ପ୍ରତି ରଥର ଧ୍ୱଜବତା କାର୍ଯ୍ୟ ଶେଷ ହୋଇଛି । ନନ୍ଦିଘୋଷ ଓ ତାଳଧ୍ୱଜ ରଥର ଦୁଇଟି ପୋଲ ଗୟଳ ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦର୍ପଦଳନ ରଥର ୨୦ ଫୁଟିଆ ଧୂଳି ଦଣ୍ଡା ଚଉପଟ ଓ ଗୋଲେଇ କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବକ ମାନେ ବେଦି ସିଂହାସନ ଓ ମୁହାଁଟରେ କୁମ୍ଭ, ମତ୍ସ୍ୟ ଓ ଡାଳିଲଟା ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି । ତିନିରଥର ନାଟ ଗୋଡରେ ଗନ୍ଧର୍ବ ରୂପ ଚିତ୍ରାଙ୍କନ କାର୍ଯ୍ୟ ଚାଲୁରହିଛି । ଦୋଳବେଦି କୋଣ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଗରଗରା କଣ୍ଟା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରଥଖଳାରେ ତିନିରଥର ମହାରଣା ସେବକ, ଭୋଇ ସେବକ, କରତୀ ସେବକ, ରୂପକାର ସେବକ, ଦୁଇ ଜଣ ତୁମ୍ବ ବିନ୍ଧ କାରୀଗର, ତିନିଜଣ ପାହି ମହାରଣା ଓ ଓଝା ସେବକ ମାନେ ରଥନିର୍ମାଣ କାର୍ଯ୍ୟରେ ନିମଗ୍ନ ଅଛନ୍ତି ।

## ମୃତ ଯୁବକଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାର ଲୋକଙ୍କୁ ସହାୟତାର ହାତ ବଢ଼ାଇଲା ଗରିବ ସେବାସଦନ

**ଘଟଗାଁ,(ହି.ସ):** ବଡ଼ପୁଅ ଦୃଘଟଣାରେ ମୃତ୍ୟୁ ବରଣ କରିଥିବା ପରେ ସାନପୁଅର ସନ୍ଦେହ ଜଣକ ମୃତ୍ୟୁକୁ ନେଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ସମୟ ସମୟରେ ବେଢ଼ି ଉପରେ କୋରୋଡା ପଡିଲା ଭଳି ଦଣ୍ଡ ଭଗବାନ ଦେଇଥାନ୍ତି । ସେହିଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଘଷିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ ତାଳଗାଁର ସୁରେନ୍ଦ୍ର ମହାକୁଡ଼ଙ୍କ ପରିବାରରେ । ଗତ ୯ଦିନ ପୂର୍ବରୁ ସାନପୁଅ ବିପିନ ମହାକୁଡ଼(୨୫) ଗ୍ରାମର କିଛି ଯୁବକ ମାନଙ୍କ ସହ ହରିଚନ୍ଦନପୁର ଅଞ୍ଚଳକୁ ରଙ୍ଗ କାମ କରିବା ପାଇଁ ଯାଇ ଆଉ ଫେରିନାହାନ୍ତି । ଏକ ସନ୍ଦେହ ଜଣକ ମୃତ୍ୟୁ ଖବର ପରିବାର ଲୋକେ ପାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ଖବର ପାଇ ଶାଳପଡା ଗରିବ ସେବା ସଦନର ସଭାପତି ଡ଼ଃ ଶମ୍ଭୁନାଥ ରାଉତ ଏବଂ ସଦନର ସଦସ୍ୟ ସଦସ୍ୟା ଘଟଣା ସ୍ଥଳରେ ପହଞ୍ଚି ମୃତ ଯୁବକର ଶୁଦ୍ଧିକ୍ରିୟା ପାଇଁ ପରିବାର ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି । ଘରେ ବାପା, ମାଆ ,ବିଧବା ଭାଉଜ ,ପୁତୁରା ୪ଜଣ ଅସହାୟ ହୋଇପଡ଼ିଛନ୍ତି ।ମୁଣ୍ଡ ଗେଂଜିବା ପାଇଁ ପକ୍କା ଘର ଖଣ୍ଡିଏ ନାହିଁ ବର୍ଷା ପବନରେ ଚାଳ ଛପର ଭଙ୍ଗା ପଡିଥିବା ବେଳେ ଭଙ୍ଗା ଘରେ ଜୀବନ କାଟୁଛନ୍ତି ପରିବାର ଲୋକେ । ଏହି ଘଟଣା ପାଇବା ପରେ ଘଷିପୁରା ବିଡିଓ ଏବଂ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିଛନ୍ତି ଡ଼ଃ ରାଉତ । ଏଥିସହ ପରିବାର ଲୋକେ କିପରି ସରକାରୀ ସୁଯୋଗ ସୁବିଧା ପାଇପାରିବେ ଏଥିପ୍ରତି ଗମ୍ଭୀରତା ସହ ଗ୍ରହଣ କରାଯିବ ବୋଲି ଡ଼ଃ ରାଉତ ପ୍ରତିଶ୍ରୁତି ବଦ୍ଧ ହୋଇଛନ୍ତି।

## ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ



**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ଆଜି ଲୋକସଭା ଭବନ କନଭେନସନ ହଲରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଭାସି ଜରିଆରେ ଏକ ବୈଠକ ପାରାଦୀପ ସ୍ଥିତ ଓଡ଼ିଶା ମାରିଟାଇମ୍ ଏକାଡେମୀ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଡ଼କ ସୁରକ୍ଷାର ବିଭିନ୍ନଦିଗ ଉପରେ ଆଲୋଚନା କରିଥିଲେ। ଏହାର ପ୍ରତିକାର ପାଇଁ ସର୍ବଦା ଗାଡ଼ି ନେଇ ଗଲାବେଳେ ହେଲମେଟ ପିନ୍ଧିବା, ନିଶାସକ୍ତ ହୋଇ ଗାଡ଼ି ନ ଚଳାଇବା,ଗାଡ଼ି ଚଳାଇବା ବେଳେ ମୋବାଇଲ୍ ଫୋନ ବ୍ୟବହାର ନ କରିବା, ଚାରି ଚକିଆ ଯାନ ଚଳାଇବା ବେଳେ ସିଟ ବେଲ୍ଟ ବାନ୍ଧିବା ଇତ୍ୟାଦି ଦିଗ ଉପରେ ଆଲୋଚନା କରିଥିଲେ ଏବଂ ଦୁର୍ଘଟଣାକୁ ଶୂନ୍ୟ କରିବା ପାଇଁ ମାସ୍କଟ ସୁରକ୍ଷାର ଲୋକାର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଜିଲ୍ଲାର ପାରାଦୀପ ସ୍ଥିତ 'ଓଡ଼ିଶା ମାରିଟାଇମ୍ ଏକାଡେମୀ' ରେ ସିମୁଲେଟର ଦ୍ୱାରା ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ପାରାଦ୍ୱୀପ - କଟକ, ପାରାଦ୍ୱୀପ - ଦୈତାରୀ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ, ଜଗତି ଭୂତମୁଣ୍ଡାଇ ଠାରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥା, ୪୮୫ କି.ମି ଦୈର୍ଘ୍ୟର ଦିଶା-୨ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। ଏହି ଆଭାସି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ ସୋନାଲ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ଅଧକ୍ଷ,ପାରାଦୀପ ପୌର ପରିଷଦ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ, ପାରାଦୀପ ଅଭିଷେକ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ଡିସି, ପାରାଦୀପ ବନ୍ଦର ପ୍ରାଧିକରଣ ଅଲେଖ ଚନ୍ଦ୍ର ସାହୁ,ଅଧକ୍ଷ, ମାରିଟାଇମ ଏକାଡେମୀ ପାରାଦୀପ ଶ୍ରୀ ମାନସ ରଞ୍ଜନ ବେହେରା, ଲକ୍ଷ୍ମୀକାନ୍ତ ବେହେରା, କାଉନସିଲର (୯ ନଂ) ସୁବ୍ରତ ପ୍ରଧାନ, ମାନ୍ୟବର ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ଛାତ୍ର ଛାତ୍ରୀ ଏବଂ ଗଣ ମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

## ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଫଳ ପ୍ରକାଶ

**ଭଦ୍ରକ,(ହି.ସ.):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ର ସ୍ନାତକ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ସ୍ନାତକ ରେ ୧୦୧୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିଲା ବେଳେ ୭୮୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ ହାର ୭୭.୪% ହୋଇଛି। କଳା ବିଭାଗ ରେ ୮୭.୪%, ବାଣିଜ୍ୟ ବିଭାଗ ରେ ୬୫.୫% ,ବିଜ୍ଞାନ ବିଭାଗ ରେ ୭୨.୭% ଏବଂ ସେଲ୍ଫ ଫାଇନାନ୍ସ ବିଭାଗ ରେ ୮୧.୧% ପାସ ହାର ହୋଇଛି। କଳା ବିଭାଗ ରେ ଗୃହ ବିଜ୍ଞାନ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ୮୭.୭% ,ବିଜ୍ଞାନ ବିଭାଗ ରେ ରସାୟନ ବିଭାଗର ଛାତ୍ରୀ ସୁଶ୍ରୀ ଦେବୀଦତ୍ତା ଦିବ୍ୟଜ୍ୟୋତି ୮୯.୧୩% ,ବାଣିଜ୍ୟ ବିଭାଗ ରେ ଅନୁଶ୍ରୀ ଗୁପ୍ତା ୮୮.୪୪% ଏବଂ ସେଲ୍ଫ ଫାଇନାନ୍ସ ବିଭାଗରେ ବିସିଏ ବିଭାଗର ଛାତ୍ର ରୁଦ୍ରଦେବ ବେହେରା ୮୬.୧୮% ରଖି ଟପ୍ପର ହୋଇଛନ୍ତି ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଶ୍ରେଷ୍ଠ ସ୍ନାତକ ଭାବରେ ବିଜ୍ଞାନ ବିଭାଗର ରସାୟନ ବିଭାଗ ଛାତ୍ରୀ ସୁଶ୍ରୀ ଦେବୀଦତ୍ତା ଦିବ୍ୟଜ୍ୟୋତି ବିବେଚିତ ହୋଇଛନ୍ତି ବୋଲି ଅଧକ୍ଷ ଡ଼ ଦୁର୍ଗା ଶଙ୍କର ଦାସ ସୂଚନା ଦେଇଛନ୍ତି।

## ବଡବିଲରେ ଡ୍ରଗ୍ସ ର୍ୟାକେଟ୍‌ର ଫର୍ଦ୍ଦାଫାସ : ୩ ଗିରଫ

**ଯୋଡ଼ା, (ହି.ସ.):** ବଡବିଲ ପୋଲିସ ବେଲକୁଣ୍ଡି ଫୁଟବଲ୍ ପଡିଆ ନିକଟରେ ଗୋଟିଏ ବଡ ଡ୍ରଗ୍ସ ରାକେଟ ର ଫର୍ଦ୍ଦାଫାସ କରି ତିନି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ୫୦ କିଲୋ ୩୦୫ ଗ୍ରାମ ପୋପି ଡୋଡା ପାଉଡର , ଏକ ମୋବାଇଲ୍ ଫୋନ୍ ଏବଂ ଅଭିଯୁକ୍ତଙ୍କ ଠାରୁ ନଗଦ ଏକ ହଜାର ଟଙ୍କା ଜବତ କରିଛି। ଗିରଫ ହୋଇଥିବା ଡ୍ରଗ୍ସ ପେଡଲରମାନେ ଝାଡ଼ଖଣ୍ଡ ରାଜ୍ୟର ସାଢ଼େଇକଳା ଓ ପଶ୍ଚିମ ସିଂହଭୂମ ଜିଲ୍ଲାର ପବନ ମହତୋ (୫୩), ଭୋଲାନାଥ ମଣ୍ଡଳ (୨୬) ଓ ସୁରୁ ଦାସ୍ (୫୦) ବୋଲି ଜଣାପଡ଼ିଛି। ଏହି ଅଭିଯୁକ୍ତମାନେ ପେସାଦାର ଡ୍ରଗ୍ସ ପେଡଲର୍ ବୋଲି ପୁଲିସ କହିଛି, ଯେଉଁମାନେ ସ୍ଥାନୀୟ ଡ୍ରଗ୍ ବ୍ୟବସାୟୀଙ୍କୁ ଡୋଡା ପାଉଡର ବିକ୍ରିକରିବା ଯୋଜନା କରୁଥିଲେ। ସୂଚନା ଅନୁଯାୟୀ, କୌଣସି ବିଶେଷ ସୂତ୍ରରୁ ପୁଲିସକୁ ସୂଚନା ମିଳିଥିଲା ଯେ, କିଛି ଡ୍ରଗ୍ସ ପ୍ୟାଡଲର ବେଲକୁଣ୍ଡି ଫୁଟବଲ୍ ପଡିଆ ନିକଟରେ ଡୋଡା ପାଉଡର ସହିତ ରହିଛନ୍ତି । ଏହାକୁ ଆଧାର କରି ବଡ଼ବିଲ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅତର୍କିତ ଚଢ଼ଉ କରି ଅଭିଯୁକ୍ତଙ୍କୁ ମାଡି ବସିଥିଲା ।

## ବେଦାନ୍ତ ଆଲୁମିନିୟମ୍ ପାଳନ କଲା ବିଶ୍ୱ ତମାଖୁ ବର୍ଜନ ଦିବସ



**ଝାରସୁଗୁଡ଼ା,(ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡ଼ାରେ ଏହାର କାର୍ଯ୍ୟକ୍ଷମ ନିକଟସ୍ଥ କେଲଡାମାଲ, ବରହାମୁଣ୍ଡା ଏବଂ ଗୁଡିଗାଁ ଗ୍ରାମରେ ସଚେତନତା ଶିବିର ଆୟୋଜନ କରି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରିଛି। କମ୍ପାନୀର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ପ୍ରକଳ୍ପ ମାଧ୍ୟମରେ ଆୟୋଜିତ, ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ତମାଖୁ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା। ଏହି ପଦକ୍ଷେପରେ ୨୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଅଭିଯାନର ଏକ ଅଂଶ ଭାବରେ, ବେଦାନ୍ତର ଏମଏଚୟୁ ପ୍ରକଳ୍ପର ଚିକିତ୍ସା ବିଶେଷଜ୍ଞମାନେ ଧୂମପାନ ଏବଂ ଧୂମମୁକ୍ତ ତମାଖୁ ଉଭୟ ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ବିପଦ ଉପରେ ଅଧିବେଶନ ପରିଚାଳନା କରିଥିଲେ। ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଆଇଇସି (ସୂଚନା, ଶିକ୍ଷା ଏବଂ ଯୋଗାଯୋଗ) ସାମଗ୍ରୀ ସହିତ ବିକଶିତ ସଚେତନତା ପତ୍ରଗୁଡ଼ିକ ସମ୍ପ୍ରଦାୟ ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ପ୍ରୟାସ ବିଷୟରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତରେ, ଆମର ସାମାଜିକ ହସ୍ତକ୍ଷେପ ସମ୍ପ୍ରଦାୟଗୁଡ଼ିକୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସମ୍ବଳ ଏବଂ ଉପକରଣ ସହିତ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହିପରି ଲକ୍ଷ୍ୟ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ଆଚରଣଗତ ପରିବର୍ତ୍ତନକୁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖୁଛୁ ଯାହା ଏକ ସୁସ୍ଥ, ତମାଖୁମୁକ୍ତ ଭବିଷ୍ୟତକୁ ବିଶେଷକରି ଆମର ଯୁବପିଢ଼ିଙ୍କ ପାଇଁ ପ୍ରୋତ୍ସାହିତ କରେ । ଏକ ଚିକିତ୍ସା ଦୃଷ୍ଟିକୋଣ ଯୋଡ଼ି, ବେଦାନ୍ତ ଆଲୁମିନିୟମ ଏମଏଚୟୁର ଚିକିତ୍ସା ଅଧିକାରୀ ଡକ୍ଟର ଜୟନାରାୟଣ ପୂଜାରୀ କହିଛନ୍ତି, ତମାଖୁ ବ୍ୟବହାର କର୍କଟ, ହୃଦରୋଗ ଏବଂ ଫୁସଫୁସ ରୋଗ ସମେତ ବିଭିନ୍ନ ଗମ୍ଭୀର ରୋଗ ସହିତ ଜଡିତ। ସଚେତନତା ହେଉଛି ପ୍ରତିରୋଧ ଦିଗରେ ପ୍ରଥମ ପଦକ୍ଷେପ। ଏହି ଅଧିବେଶନ ମାଧ୍ୟମରେ, ଆମେ ବ୍ୟକ୍ତିମାନଙ୍କୁ ସୁଚିନ୍ତିତ ସ୍ୱାସ୍ଥ୍ୟ ନିଷ୍ପତ୍ତି ନେବା ପାଇଁ ଜ୍ଞାନ ସହିତ ସଜ୍ଜିତ କରିବାକୁ ଲକ୍ଷ୍ୟ ରଖୁଛୁ। ବେଦାନ୍ତ ଝାରସୁଗୁଡ଼ାର ମୋବାଇଲ୍ ହେଲ୍ଥ ୟୁନିଟ୍‌ଗୁଡ଼ିକ ଝାରସୁଗୁଡ଼ାର ୨୮ଟି ଗ୍ରାମରେ ବାର୍ଷିକ ୧,୦୦,୦୦୦ରୁ ଅଧିକ ଲୋକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରେ। ତମାଖୁ ନିଷେଧ ଦିବସ ସଚେତନତା ଅଭିଯାନ କମ୍ପାନୀର ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ଉପରେ କେନ୍ଦ୍ରିତ ବ୍ୟାପକ ସମ୍ପ୍ରଦାୟ ବିକାଶ ପୋର୍ଟଫୋଲିଓର ଏକ ଅଂଶ ଅଟେ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣୀ ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମ୍‌ର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

### ଅସାବଧାନ ହେଲେ ଘଟିବ ଦୁର୍ଘଟଣା

## ଗଞ୍ଜାମ ଆର୍ଯ୍ୟପଲ୍ଲୀ ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଆର୍ଯ୍ୟପଲ୍ଲୀ ସମୁଦ୍ର ବେଳାଭୂମିରେ ଅପରାହ୍ନ ହେଲେ ଲାଗୁଛି ପର୍ଯ୍ୟଟକଙ୍କ ଭିଡ଼। ସମୁଦ୍ର ପବନ ଖାଇବାକୁ ଯଦିଓ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି କିନ୍ତୁ ସମୁଦ୍ର ବେଳାଭୂମିକୁ ନଯାଇ ଅଧିକାଂଶ ପର୍ଯ୍ୟଟକ ପଥରବନ୍ଧ ଉପରକୁ ଯାଉଥିବା ଦେଖିବାକୁ ମିଳିଛି । ପଥରବନ୍ଧକୁ ବଡ଼ ବଡ଼ ପଥର ପକାଇ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ କରାଯାଇଥିବା ବେଳେ ମଧ୍ୟ ସେହି ବଡ଼ ବଡ଼ ପଥର ଉପରେ ଚଢ଼ି ବିପଦଜନକ ଭାବେ ପଥରବନ୍ଧକୁ ଯାଉଛନ୍ତି ପର୍ଯ୍ୟଟକ । କେବଳ ଏତିକି ନୁହେଁ ବରଂ ବଡ଼ ବଡ଼ ପଥର ଉପରେ ଠିଆ ହୋଇ ଅତ୍ୟନ୍ତ ବିପଦ ଜନକ ଭାବେ ସେଲଫି ଉଠାଇବା ସହିତ ରିଲସ୍ ମଧ୍ୟ କରୁଛନ୍ତି । ପଥରବନ୍ଧର ଶେଷ ମୁଣ୍ଡ ନିକଟରେ ବଡ଼ବଡ଼ ଜୁଆର ଆସୁଥିବା ଯୋଗୁଁ ସେଠାରେ ଭଲ ଫଟୋ ଉଠାଇଲେ ଭଲ ଦେଖାଯିବା ଭାବନା ନେଇ ପର୍ଯ୍ୟଟକ ମାନେ ସେଠାକୁ ଚାଲିଯାଉଛନ୍ତି । ବଡ଼ ବଡ଼ ପଥର ଉପରେ ବିଭିନ୍ନ ଗୀତରେ ନାଚି ନାଚି ରିଲସ୍ କରୁଛନ୍ତି ପର୍ଯ୍ୟଟକ ମାନେ। ଏଭଳି ରିଲସ୍ କରିବା ହେଉ ଅଥବା ସେଲଫି ଉଠାଇବା ଏହି ସମୟରେ ଯଦି ସାମାନ୍ୟତମ ଅସାବଧାନତା ହୁଏ ତେବେ ସମୁଦ୍ରରେ ପଡ଼ିବେ ନଚେତ ବଡ଼ ବଡ଼ ପଥରରେ ଶରୀର ବିଭିନ୍ନ ଅଙ୍ଗ ମାଡ଼ ହେବା ଥୟ। ତଥାପି ମଧ୍ୟ ଜୀବନକୁ ବାଜି ଲଗାଇ ପର୍ଯ୍ୟଟକ ମାନେ ଯାଉଛନ୍ତି । ଆର୍ଯ୍ୟପଲ୍ଲୀ ସମୁଦ୍ର ବେଳାଭୂମିରେ ପୂର୍ବରୁ ପଥରବନ୍ଧ ନିକଟରେ ଅନେକ ଦୁର୍ଘଟଣା ହୋଇ ମୃତାହତ ମଧ୍ୟ ହୋଇଛନ୍ତି। ଏଭଳି ପର୍ଯ୍ୟଟକମାନେ ବୁଲିବାକୁ ଆସି ମୃତ୍ୟୁମୁଖରେ ସମ୍ମୁଖୀନ ହେଉଥିବା ବେଳେ ସମୁଦ୍ର କୂଳରେ ପଥରବନ୍ଧ ଉପରକୁ ନଯିବା ନିମନ୍ତେ ସୂଚନା ଫଳକ ଲଗାଯିବା ନିମନ୍ତେ ବାରମ୍ବାର ସ୍ଥାନୀୟ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନ ଓ ପୁଲିସକୁ ଜଣାଇଥିଲେ ସୁଦ୍ଧା କେଣସି ସୁଫଳ ସେମାନେ କହିଛନ୍ତି। ସେପଟେ ପର୍ଯ୍ୟଟକ ମାନଙ୍କୁ ବହୁବାର ପଥରବନ୍ଧ ଉପରକୁ ନଯିବା ନିମନ୍ତେ କୁହାଯାଇଥିଲା । କିନ୍ତୁ କେଣସି ପର୍ଯ୍ୟଟକ ପୁଲିସର କଥାକୁ ଶୁଣିନାହାନ୍ତି । ତେଣୁ ଖୁବଶୀଘ୍ର ସମୁଦ୍ର କୂଳରେ ପର୍ଯ୍ୟଟକଙ୍କ ନିମନ୍ତେ ପଥରବନ୍ଧକୁ ନୋ ଏଣ୍ଟ୍ରିର ସୂଚନା ଫଳକ ଲଗାଯିବ। ଏହାସହିତ କିଛି ପୁଲିସକୁ ମଧ୍ୟ ଦୁଇଟି ସିଫ୍ଟରେ ସମୁଦ୍ର ଉପକୂଳରେ ନିୟୋଜିତ କରାଯିବ ବୋଲି ସୂଚନା ଦେଇଛନ୍ତି ଛତ୍ରପୁର ଏସଡ଼ିପିଓ।

# ‘ଡୁମାଣୀ ଖବର’ର ମହାପ୍ରଭାବ, ବାଜିଲା ଖବର, ଚେତିଲା ପ୍ରଶାସନ



**କୋଟପାଡ଼,(ଡିକେ ନ୍ୟୁଜ):** ସନ୍ଧ୍ୟା ହେବା କ୍ଷଣି କିଟିମିଟି ଅନ୍ଧାର ଯୋଗୁଁ ବାହାରକୁ ବାହାରିବାକୁ ଭୟ କରୁଥିଲେ ଅଞ୍ଚଳବାସୀ। ଅଚଳ ହୋଇ ପଡିଥିଲା ଅଞ୍ଚଳର ୩୦ ପ୍ରତିଶତ ଷ୍ଟ୍ରିଟ୍ ଲାଇଟ୍। ବହୁ ସମୟ ଧରି ସ୍ଥାନୀୟ ପ୍ରଶାସନ ଅଣଦେଖା କରିଆସୁଥିଲା। ଯାହାକୁ ନେଇ ଗତ ମେ ୨୯ ତାରିଖ ଦିନ ‘ଡୁମାଣୀ ଖବର’ ଦୈନିକ ଖବର କାଗଜରେ ଖବର ପ୍ରସାରଣ ହୋଇଥିଲା। ଏହା ପରେ କୁମ୍ଭକର୍ଣ୍ଣ ନିଦ୍ରାରେ ସୋଇଥିବା ପ୍ରଶାସନର ନିଦ ଭାଙ୍ଗିଥିବା ଜଣାଯାଇଛି। ଯାହା ପରେ ପ୍ରଶାସନ ଦ୍ୱାରା ଖରାପ ହୋଇଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ ଗୁଡ଼ିକୁ ମରାମତି କରାଯାଉଥିବା ଦେଖିବାକୁ ମିଳିଛି। ସେ ପ୍ରଶାସନର ଆନ୍ତରିକତାର ଅଭାବ ହେଉ ଅବା ଜନପ୍ରତିନିଧିମାନଙ୍କ ଇଚ୍ଛାଶକ୍ତି ଓ ଅବହେଳାର କାରଣ ହେଉ ଯେଉଁଥିପାଇଁ ଅଞ୍ଚଳବାସୀ ବହୁ ସମୟ ଧରି ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରଶାସନର ତ୍ୱରିତ ପଦକ୍ଷେପକୁ ଅଞ୍ଚଳବାସୀଙ୍କ ଦ୍ୱାରା ସାଧୁବାଦ ଜଣାଇବା ସହ ପ୍ରଶାସନକୁ ନିଦରୁ ଉଠାଇଥିବା ‘ଡୁମାଣୀ ଖବର’ କାଗଜକୁ ଧନ୍ୟବାଦ ଜଣାଇଛନ୍ତି।

## ସହିଦ୍ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବକ୍ରପାତ ଦିବସ



**କୋରାପୁଟ,(ଡିକେ ନ୍ୟୁଜ୍):** କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଅସ୍ଥି ଶଲ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାଲ ସୁରକ୍ଷା ଓ କିୟୁ ଇଣ୍ଡିଆର ସହଯୋଗରେ ମେଡିକାଲ୍ ପରିସରରେ ବକ୍ରପାତ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ବାଲ ମୁଖ୍ୟ ଅତିଥି ଭାବେ ମେଡ଼ିକାଲ କଲେଜ ହସ୍ପିଟାଲର ଅଧିକ୍ଷକ ଡାକ୍ତର ଶୁଶାନ୍ତ କୁମାର ସାହୁ ଯୋଗଦେଇ ଥିବା ବେଳେ ଅନ୍ୟ ଅତିଥି ଭାବେ ଡାକ୍ତର ଚିନ୍ମୟୀ ସାହୁ ଡାକ୍ତର ସନ୍ଦୀପ ଭେଲଗେଡାଙ୍କ ସମେତ ଅନ୍ୟାନ ଡାକ୍ତର ଉପସ୍ଥିତ ଥିଲେ। ଏହି ରୋଗ ଶିଶୁର ଜନ୍ମରୁ ଆରମ୍ଭ ହେବା ପରେ ଏହାର ଚିକିତ୍ସା ଛଅ ସପ୍ତାହ ମଧ୍ୟରେ ହୋଇପାରିବ। ତା ସହିତ ଛୋଟ ଶିଶୁର ଗୋଡ ପ୍ଲାଷ୍ଟର ମାଧ୍ୟମରେ ହୋଇପାରିବ ସେଥି ପାଇଁ ଛଅ ଥର ପ୍ଲାଷ୍ଟରର ଜରୁରୀ ରହିଛି। ମା’ ବାଙ୍ଗରା ହୋଇଥିଲେ ତଥା ଗର୍ଭାଶୟରେ ଶିଶୁ ବୁଲି ନ ପାରିଲେ ଏହି ରୋଗ ଦେଖାଦେବ ବୋଲି ଡାକ୍ତର କହିଛନ୍ତି। ସବୁଠୁ ବଡ କଥା ହେଲା ୨୦୧୩ରୁ ୨୦୨୫ମଧ୍ୟ ରେ ୫୫୫ଜଣ ଶିଶୁଙ୍କୁ ଚିକିତ୍ସା କରଯାଇଥିବା ଜଣାପଡ଼ିଛି। ଶିଶୁ ଜନ୍ମ ହେବା ପରେ ଯଦି ଜଣା ପଡୁଛି ଶିଶୁର ବକ୍ରପାତର ଶିକାର ହୋଇଛି । ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ କୁହାଯାଇଛି।

## ଜନ ଅଭିଯୋଗ ଶୁଣାଣିରେ ସମାଧାନ ହୋଇ ପାରୁନି ଜନ ସମସ୍ୟା

**ରେଙ୍ଗାଲି ,(ଡିକେ ନ୍ୟୁଜ୍):** ସରକାର ଜନ ସମସ୍ୟା ଗୁଡିକର ସମାଧାନ ତଥା ନିରାକରଣ ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜନ କରୁଛନ୍ତି । ତେବେ ରେଙ୍ଗାଲି ବ୍ଲକରେ ବିଗତ ଦିନରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରକୁ ଆସିଥିବା ଅନେକ ସାମୂହିକ ଜନଅଭିଯୋଗର ସମାଧାନ ହୋଇପାରି ନାହିଁ। ଫଳରେ ଏହି ଶିବିର ଉପରେ ଜନସାଧାରଣଙ୍କ ଆସ୍ଥା କମିବାରେ ଲାଗିଛି । ରେଙ୍ଗାଲି ବ୍ଲକ ପରିସରରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ରେଙ୍ଗାଲି ତହସିଲ ଛକରେ ଫ୍ଲାଏଓଭର ନିର୍ମାଣ, ଅସମ୍ପୂର୍ଣ୍ଣ ହୋଇ ପଡିଥିବା ଏସଡ଼ିଏ ପାର୍କ ନିର୍ମାଣ ସମ୍ପୂର୍ଣ୍ଣ କରିବା, ସପ୍ନେ ସେତୁ ଦେଇ ଲଖନପୁର ଓ ଛତିଶଗଡ଼କୁ ସଂଯୋଗ କରୁଥିବା ରାସ୍ତାର ରେଙ୍ଗାଲି ରେଲଲାଇନ୍ ଉପରେ ଓଭରବ୍ରିଜ୍ ନିର୍ମାଣ, ସପ୍ନେ ସେତୁ ପାଖରେ ନିର୍ମିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା, ରେଙ୍ଗାଲି ପିଏଚ୍‌ସିକୁ ସିଏଚ୍‌ସିର ମାନ୍ୟତା ଦେବା, ରେଙ୍ଗାଲି ସହରର ଡ୍ରେନେଜ୍ ସମସ୍ୟାର ସମାଧାନ, ରେଙ୍ଗାଲି ସବ୍‌ଡିଭିଜନ ଓ ଲଇଡ଼ା ବ୍ଲକ ଗଠନ, ଲପଙ୍ଗା ଛକରେ ଫ୍ଲାଏଓଭର ନିର୍ମାଣ, ଭେଡେନ ନଦୀରେ ବୃହତ୍ ଜଳସେଚନ ଯୋଜନା କାର୍ଯ୍ୟକ୍ଷମ କରିବା, ଖଣି ଓ କାରଖାନାରେ ସ୍ଥାନୀୟ ନିଯୁକ୍ତି, ଏନ୍‌ଏଲ୍‌ସି କୋଇଲାଖଣି ବିସ୍ଥାପିତଙ୍କ ଥଇଥାନ, ଖଣି ପ୍ରଭାବିତ ତଲାବିରା ଗ୍ରାମର ବିସ୍ଥାପନ ସମସ୍ୟା ଆଦି ସାମୂହିକ ଜନସମସ୍ୟାର ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ। ଏସବୁ ସମସ୍ୟା ସମ୍ପର୍କରେ ଅନେକଥର ଜନଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏସବୁ ଜନସମସ୍ୟା ସମାଧାନ ହୋଇପାରି ନାହିଁ। ଏହି ସମସ୍ୟା ଗୁଡିକର ସମାଧାନ କ’ଣ ଅସମ୍ଭବ ବୋଲି ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି। ଆଉ କାହାକୁ କେତେଥର ଦାବିପତ୍ର ଦେଲେ ଜନସମସ୍ୟାର ସମାଧାନ ହୋଇପାରିବ ବୋଲି ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି। ସରକାର ଏହି ସମସ୍ୟା ଗୁଡିକର ଶୀଘ୍ର ସମାଧାନ କରିବେ ବୋଲି ରେଙ୍ଗାଲିବାସୀ ଆଶାବାଦୀ ରହିଛନ୍ତି।

## ଶୀତଳଷଷ୍ଠୀ ଅବସରରେ ଜଳ ବଣ୍ଟନ ଓ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁରର ନେତାଜୀ ସୁଭାଷଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନଏସଏସ ୟୁନିଟ୍ ତରଫରୁ ଶୀତଳଷଷ୍ଠୀ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜନସାଧାରଣ ପାଇଁ ଜଳ ବଣ୍ଟନ ଓ ସ୍ୱାସ୍ଥ୍ୟ ଶିବିର ଚାଲୁ କରାଯାଇଥିଲା। ଏହି ସୁସଂଗଠିତ ସେବା କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା (ସିଏଚଏସଇ ଓଡ଼ିଶା)ର ଏନଏସଏସ ବ୍ୟୁରୋର କାର୍ଯ୍ୟକ୍ରମ ସମନ୍ୱୟକ ଡ଼. ବିଶ୍ୱ ମୋହନ ଜେନା ଉପସ୍ଥିତ ଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସାମାଜିକ ସେବା ପ୍ରତି ଆଗ୍ରହ ବଢ଼ାଇବାକୁ ପ୍ରେରଣା ଦେଇଥିଲେ। ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ମିଲି ସାହୁ ଏବଂ ସହକାରୀ ପ୍ରୋଗ୍ରାମ ଅଫିସର ବିଶ୍ୱଜିତ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ପି.କେ. ହାରିପାଲ ଏହି ଉଦ୍ୟମର ପ୍ରଶଂସା କରି ଏନଏସଏସ ସେବକମାନଙ୍କ ଉତ୍ସାହ ବଢ଼ାଇଥିଲେ। ଏନ୍‌ଏସଏସ ସେବକ ମସୁଦ, ସୁଶାନ୍ତ, ସାହିଲ, ସୋନୁ, ନୂରାନି, ଅପରାଜିତା, ସବ୍ୟସାଚୀ, ଗୋପରଞ୍ଜନ, ବିକାଶ, ସିଦ୍ଧାର୍ଥ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ସେବା କାର୍ଯ୍ୟରେ ସକ୍ରିୟ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ମାନବିକତାର ଉଦାହରଣ ସୃଷ୍ଟି କରିଛି ଓ ନବଯୁବକମାନେ ସମାଜିକ ଦାୟିତ୍ୱ ପ୍ରତି ଅନୁପ୍ରେରିତ ହୋଇଛନ୍ତି।

# ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି ୨୫ ପରିବାର

**ଅସ୍ତରଙ୍ଗ,(ଡିକେ ନ୍ୟୁଜ୍):** ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ଆଦିକନ୍ଦ ପୁର ଗ୍ରାମ। ଯେଉଁଠି ବାସ କରୁଛନ୍ତି ୨୫ ବ୍ରାହ୍ମଣ ପରିବାର। ଦୀର୍ଘ ଦିନ ଧରି ଗ୍ରାମ ପାଣି ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନ ଦ୍ୱାରା କିଛି ସ୍ଥାୟୀ ସମାଧାନ କରାନଯିବାରୁ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଗ୍ରାମରେ ଅନେକ ନଳକୂପ ଅଛି କିନ୍ତୁ ସେ ସବୁରୁ ଆଇରନ ମିଶା ଲୁଣି ପାଣି ବାହାରୁ ଥିବାରୁ ପାଇପ ସପ୍ଲାଇ ଏବଂ ଗ୍ରାମରେ ଥିବା ଏକ ମାତ୍ର ପୋଖରୀ ଉପରେ ସମସ୍ତେ ନିର୍ଭର କରିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ କି ଗ୍ରାମକୁ ପିଇବା ପାଣି ରେଗୁଲାର ଯାଉନଥିବା ବେଳେ ପୋଖରୀଟି ସମ୍ପୂର୍ଣ୍ଣ ଅଳିଆ ଏବଂ ଘାସ ଲଟାରେ ପରିପୂର୍ଣ୍ଣ ହୋଇ ଅଦରକାରୀ ହୋଇପଡ଼ିଥିବାରୁ ଗାଧୋଇବା ଶୌଚ ହେବା ପାଇଁ ପାଣି ଟୋପେ ନ ପାଇ ହନ୍ତସନ୍ତ ହେଉଛନ୍ତି। ପୋଖରୀଟି ପ୍ରତି ତିନି ବର୍ଷରେ ପଞ୍ଚାୟତ ତରଫରୁ ନିଲାମ ଡକାଯାଉଥିଲେ ମଧ୍ୟ ପଞ୍ଚାୟତ



ରକ୍ଷଣାବେକ୍ଷଣ ପାଇଁ କିଛି ପଦକ୍ଷେପ ନେଉନାହାଁନ୍ତି। ଯାହା ଫଳରେ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ତୁରନ୍ତ ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରି ପିଇବା ପାଣି ନିୟମିତ କରିବା ସହିତ ପୋଖରୀ ଟିକୁ ସଫା କରି ଖନନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ଆନ୍ତଃଶାଖା ସାଂସ୍କୃତିକ ମହୋତ୍ସବ



**ପାରାଦୀପ,(ଡିକେ ନ୍ୟୁଜ୍):** ଇଫକୋ ପାରାଦୀପ ୟୁନିଟ୍‌ରେ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ ୨୦୨୫ ଜୁନ ୨ ତାରିଖ ଠାରୁ ମହା ସମାରୋହରେ ଆରମ୍ଭ ହୋଇଛି। ସାତଦିନ ବ୍ୟାପି ଏହି ମହୋତ୍ସବ ପ୍ରଥମ ଥର ପାଇଁ ପାରାଦୀପ ଠାରେ ଆୟୋଜିତ ହେଉଅଛି। ଏହି ସାଂସ୍କୃତିକ ମହୋତ୍ସବକୁ ଇଫକୋ ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀ ଏବଂ ତାଙ୍କ ସହଧର୍ମିଣୀ ଗୀତା ବେନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ସମେତ ଅନ୍ୟ ଅଧିକାରୀମାନେ ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରି ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ସାଙ୍ଘାନୀ ନିଜ ବକ୍ତବ୍ୟରେ କହିଥିଲେ ଯେ ଇଫ୍‌କୋ ଆନ୍ତଃ ଶାଖା ମଧ୍ୟରେ ଏହି ସାଂସ୍କୃତିକ ମହୋତ୍ସବ ପରସ୍ପର ସଂସ୍କୃତି ବିନିମୟ ଓ ଐକ୍ୟବଦ୍ଧତା ସୃଷ୍ଟି କରିବ। ଏହି ଉତ୍ସବ ପାଳନ ଦ୍ୱାରା ଇଫ୍‌କୋ ପରିବାର ସୁଦୃଢ଼ ହେବା ସହ ଆମ ମଧ୍ୟରେ ଆତ୍ମୀୟତା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ କହିଥିଲେ। ସେ କହିଥିଲେ ଯେ ଇଫ୍‌କୋ କେବଳ ଅର୍ଥ ଉପାର୍ଜନ କରିବାର ଏକ ସଂସ୍ଥା ନୁହେଁ, ଏହା ଭାରତ ସରକାରଙ୍କ ସହଯୋଗରେ କୃଷକଙ୍କ ସେବା ଓ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ନିମିତ୍ତ ଏକ ଅନୁଷ୍ଠାନ। ତେବେ ପ୍ରଥମେ ଇଫ୍‌କୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡ଼ିଏପି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରି ଭାରତ ପାଇଁ ଗୌରବ ଆଣିବା ସହିତ ଏହାର ପ୍ରୟୋଗ କୃଷକମାନଙ୍କ ପାଇଁ ବେଶ ଉପାଦେୟ ହୋଇପାରିଛି। ଏହି ଅବସରରେ ଇଫକୋର ପ୍ରତିଷ୍ଠାତା ଡ଼ଃ. ୟୁ.ଏସ. ଅବସ୍ତିଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ଦୂରଦୃଷ୍ଟି ଓ ଦିଗଦର୍ଶନ ଇଫକୋକୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ଇଫକୋ ଅଧ୍ୟକ୍ଷ ଶ୍ରୀ ସାଙ୍ଘାନୀ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଫ୍‌କୋ ଫୁଲପୁର ୟୁନିଟ ମୁଖ୍ୟ ସଞ୍ଜୟ କୁଦେଶିଆ ସପତ୍ନୀକ ଯୋଗଦେଇଥିବା ବେଳେ ପାରାଦୀପ ଇଫ୍‌କୋ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅଧିକାରୀ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ପାରାଦୀପ ଇଫ୍‌କୋ ସମେତ ଫୁଲପୁର, କଲୋଲ, ଆଓଁଲା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଙ୍ଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## ଲକ୍ଷ୍ମୀପୁର ବ୍ଲକର ୯ ଟି ପଞ୍ଚାୟତକୁ ଗଡ଼ିଲା ‘ମୋ ଜମି ମୋ ଚାଷ’ର ଭ୍ରାମ୍ୟମାଣ ସଚେତନତା ରଥ

**କୋରାପୁଟ,(ଡିକେ ନ୍ୟୁଜ):** କୋରାପୁଟ ଆଦିବାସୀ ଅଧ୍ୟୁଷିତ ଲକ୍ଷ୍ମୀପୁର ବ୍ଲକରେ ହୋର୍ଷା ଟ୍ରଷ୍ଟ ଦ୍ୱାରା ବ୍ଲକର ୯ ଟି ପଞ୍ଚାୟତକୁ ନେଇ କୃଷକମାନଙ୍କୁ ଚାଷ ଉନ୍ନତି ଆଣିବା ସହ ସ୍ୱାବଲମ୍ବୀ କରିବା ଏବଂ ତାଙ୍କ ଚାଷରେ ଅମଳ ହେଉଥିବା ଦ୍ରବ୍ୟ ଗୁଡ଼ିକ ବଜାରେ ଉଚିତ୍ ମୂଲ୍ୟରେ ବିକ୍ରୀ କରାଇବା ନିମନ୍ତେ ହୋର୍ଷା ଟ୍ରଷ୍ଟ ଦ୍ୱାରା ମଙ୍ଗଳବାର ଦିନ ହୋର୍ଷା ଟ୍ରଷ୍ଟ ଦ୍ୱାରା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଯୁବ ଇଂଜିନିୟର ବିଧାୟକ ପବିତ୍ର ସାଉଁନ୍ତା ଶୁଭାରମ୍ଭ କରିଥିଲେ। ଏହି ସମୟରେ ଲକ୍ଷ୍ମୀପୁର ବ୍ଲକ ଅଧ୍ୟକ୍ଷା ସୁଆଇ କୁଲେସିକା, ଉପାଧ୍ୟକ୍ଷ ଆରତୀ କୁଲଦୀପ, ଲକ୍ଷ୍ମୀପୁର ବ୍ଲକ ଦାୟିତ୍ୱରେ ଥିବା ଦଶମନ୍ତପୁର ବିଡ଼ିଓ ମିଲୋନ କୁମାର ଝାଙ୍କର, ସମସ୍ତ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ପତାକା ଦେଖାଇ ଭ୍ରାମ୍ୟମାଣ ଗାଡ଼ି ଆରମ୍ଭ କରିଥିଲେ। ଏହି ଗାଡ଼ି ୯ ଟି ପଞ୍ଚାୟତର ପ୍ରତ୍ୟେକ ଗାଁ ଗାଁ ଯାଇ ବାଦ୍ୟଯନ୍ତ୍ର ସାହାଯ୍ୟରେ ହୋର୍ଷା ଟ୍ରଷ୍ଟର କର୍ମଚାରୀମାନେ ଚାଷୀମାନଙ୍କୁ ଜମି ପ୍ରସ୍ତୁତି ତାଲିମ, ବିହୀନ ଚୟନ, ନର୍ସରୀ ପ୍ରସ୍ତୁତି, ଜୈବିକ ଚାଷ ଓ ଛେଳି, କୁକୁଡ଼ା ପାଳନ ଉପରେ ସଚେତନତା କରାଇବା ସହ ବିଷ ମୁକ୍ତ ଗ୍ରାମ ଗଠନ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଜନହିତକର ଯୋଜନା ଉପରେ ପହଞ୍ଚାଇବା ମୂଳ ଲକ୍ଷ୍ୟ ବୋଲି ହୋର୍ଷା ଟ୍ରଷ୍ଟର ବ୍ଲକ ପ୍ରୋଗ୍ରାମ ଲିଡର ଧ୍ରୁବ ଚରଣ କୁଲମ ପେଦା ପ୍ରକାଶ କରିଛନ୍ତି। ଏହି ସମୟରେ ଟିମାଝୋଲା ହଳଦୀ ଫାର୍ମାସ ପ୍ରଡୁସର କମ୍ପାନୀ ଲିମିଟେଡର ସିଇଓ ଦେବ ପ୍ରସାଦ ମହାନନ୍ଦିଆ ଓ ହୋର୍ଷା ଟ୍ରଷ୍ଟର ସମସ୍ତ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହୀଳା ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲ୍ୟୁ ଏନର୍ଜି (ଉତ୍କଳ) ଲିମିଟେଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ





**ସମ୍ବଲପୁର,(ଡିକେ ନ୍ୟୁଜ୍):** ଝାରସୁଗୁଡ଼ା ଜିଲ୍ଲା ସାହାଜବାହାଲ ଠାରେ ଅବସ୍ଥାପିତ ଜେଏସଡବ୍ଲ୍ୟୁ ଏନର୍ଜି (ଉତ୍କଳ) ଲିମିଟେଡ ପକ୍ଷରୁ ମଙ୍ଗଳବାର ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ ନରୱାନେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସନ୍ତୁଳିତ ପରିବେଶର ସୁରକ୍ଷା ପାଇଁ କମ୍ପାନୀ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ମୁଖ୍ୟ ଆର.ପେଦେନା, ବ୍ୟବସାୟିକ ମୁଖ୍ୟ ଅଶେଷ ପାଢୀ, ପରିବେଶ ସୁରକ୍ଷା ବିଭାଗ ମୁଖ୍ୟ ଅମିତ ସୋନି, ମାନବ ସମ୍ବଳ ବିକାଶର ମୁଖ୍ୟ ରଜତ ନାଏକ, ଲଖନପୁର ତହସିଲଦାର ପ୍ରସନ୍ନ ପଟେଲ ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରୋପଣ କରାଯାଇଥିବା ବୃକ୍ଷଗୁଡିକର ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। କମ୍ପାନୀ ପରିସରରେ ୫୦୦ ବୃକ୍ଷରୋପଣ କରାଯାଇଥିବା ବେଳେ ଚଳିତ ମାସ ୧୦ ହଜାର ବୃକ୍ଷରୋପଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ରମ୍ପେଲା, ତିଳିଆ, କୁମ୍ଭାରବନ୍ଧ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟାଙ୍କ ସହ କମ୍ପାନୀ ଆଖପାଖ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବିଶ୍ୱ ସାଇକେଲ ଦିବସରେ ପରିବେଶ ସୁରକ୍ଷା ବାର୍ତ୍ତା




**ପାରାଦୀପ,(ଡିକେ ନ୍ୟୁଜ୍):** ବିଶ୍ୱ ସାଇକେଲ ଦିବସରେ ପରିବେଶ ସୁରକ୍ଷାର ବାର୍ତ୍ତା, ସାଇକେଲ ଚଳାଇ ନିଜକୁ ସୁସ୍ଥ ରଖିବା ସହ ପ୍ରଦ୍ୟୁଷଣରୁ ପରିବେଶକୁ କିପରି ରକ୍ଷା କରିବା, ସେନେଇ ଏକ ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ଛାତ୍ରମାନଙ୍କୁ ନେଇ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ପରିବେଶ ପ୍ରେମୀ ବାପି ଗୋଛାୟତ। ଆଜି ହେଉଛି ଜୁନ୍ ୩ତାରିଖ ବିଶ୍ୱ ସାଇକେଲ ଦିବସ। ଏହି ସାଇକେଲ ଦିବସରେ ସାଇକେଲ ଚଳାଇ ନିଜକୁ ସୁସ୍ଥ ରଖିବା ଶହ ଅତି ଆବଶ୍ୟକ ପଡ଼ିଲେ ଗାଡ଼ି ଚଲେଇବା ଆଖ ପାଖ ଅଞ୍ଚଳକୁ ଯାତାୟାତ କରିବା ପାଇଁ ଗାଡ଼ି ବଦଳରେ ସାଇକେଲ ବ୍ୟବହାର କରିବା। ଏହା ଦ୍ୱାରା ପରିବେଶ ପ୍ରଦୂଷିତକୁ ରୋକାଯିବା ଶହ ନିଜେ ସୁସ୍ଥ ରହିବା । ବିଶ୍ୱ ସାଇକେଲ ଦିବସରେ ଲୋକମାନେ ସେମାନଙ୍କର ଶାରୀରିକ ସୁସ୍ଥତା ବଜାୟ ରଖିବା ସହ ସୁସ୍ଥ ଜୀବନଶୈଳୀରେ ବଞ୍ଚିବାକୁ ସହାୟକ ହୁଏ। ଏପରିକି ପ୍ରତିଦିନ ନିୟମିତ ସାଇକେଲ ଚଳାଇବା ଦ୍ୱାରା ମଧୁମେହ, ହୃଦରୋଗ, ମାନସିକ ରୋଗ, ଗଣ୍ଠି ରୋଗ ଭଳି ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ଏ ନେଇ ଜନସାଧାରଣ ମାନଙ୍କୁ ସଚେତନର ବାର୍ତ୍ତା ଦେବାପାଇଁ ପାରାଦ୍ୱୀପ ସମୁଦ୍ର ବେଳାଭୁମିରୁ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ନିଆରା ବାର୍ତ୍ତା ଦେଇଛନ୍ତି ପରିବେଶ ପ୍ରେମୀ ବାପି ଗୋଚ୍ଛାୟତ।

## ଉଖୁଣ୍ଡା ଓ ଚମ୍ପୁଆ ସେକ୍ସନରେ ୩୮ ହାତୀଙ୍କ ଉପଦ୍ରବ

**ଚମ୍ପୁଆ, (ହି.ସ.):** ଚମ୍ପୁଆ ବନାଞ୍ଚଳ ଅଧୀନସ୍ଥ ଉଖୁଣ୍ଡା ସେକ୍ସନ ବନିକା ବିଟ୍ ରଙ୍ଗାମାଟିଆ ପଞ୍ଚାୟତ ରରୁଆଁଗୋଡା ଗ୍ରାମ ନିକଟ ଇଉକାଲି ପଟାସ ଜଙ୍ଗଲରେ ୨୭ଟିକିଆ ହାତୀ ପଲ ଆଜକୁ ପ୍ରାୟ ଦୁଇଦିନ ଧରି ଉପଦ୍ରବ ଜାରୀ ରଖିବା ସହ ଅଞ୍ଚଳ ବାସୀଙ୍କ ନିଦ ହଜେଇ ଦେଇଛନ୍ତି। ଏହି ହାତୀ ପଲ ମୟୂରଭଞ୍ଜ ପଟୁ ବୈତରଣୀ ନଦୀ ପାର ହୋଇ ପଦ୍ମପୁର ଦେଇ ବିଭିନ୍ନ ଗ୍ରାମରେ ଚାଷୀ କରିଥିବା ଖରାଟିଆ ଧାନ ଓ ପନିପରିବାକୁ ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି। ଯାହାକୁ ନେଇ ଚାଷୀ ମାନେ ଏବେ ଚିନ୍ତାରେ ପଡିଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ରେଙ୍ଗାଳ ବେଡା, କେମୁଣ୍ଡିଆ, ରରୁଆଁ ଗୋଡା ଆଦି ଗ୍ରାମରେ ଏକର ଏକର ପାଚିଲା ଧାନ ଫସଲ ଓ ପନିପରିବା ସବୁ ନଷ୍ଟ କରିବା ସହିତ ଏକ ମନ୍ଦିର ପାଚେରୀ ଭାଙ୍ଗିଛନ୍ତି।

## ନିଶାଦ୍ରବ୍ୟ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା

**ମାଲକାନଗିରି, (ହି.ସ.):** ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ। ବିଶେଷ ଭାବେ ଯୁବଶକ୍ତି ଏହାର କୁପରିଣାମର ଶିକାର ହେଉଛନ୍ତି। ତେଣୁ ଏହି ରଥ ଜିଲ୍ଲାରେ ଯୁବପିଢ଼ିଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ। ଏହି ରଥ ଜିଲ୍ଲାର ସାତଟି ବ୍ଲକ୍‌ର ୧୧୧ଟି ଗ୍ରାମପଞ୍ଚାୟତ ପରିଭ୍ରମଣ କରିବ।

# ବିଶ୍ୱପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାକୁ କେନ୍ଦ୍ରୀୟ ମାନ୍ୟତା ଦାବି

**ସମ୍ବଲପୁର,(ଡିକେ ନ୍ୟୁଜ୍):** ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ପୂର୍ବତନ ମନ୍ତ୍ରୀ ତଥା ସଭାପତି ଇଂ ରୋହିତ ପୂଜାରୀ ବିଶ୍ୱ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ସମ୍ବଲପୁର ସହରର ବିଭିନ୍ନ ଶୈବ ଦେବଦେବୀ ପୀଠ ଦର୍ଶନ କରି ଯୁଗଳ ମୂର୍ତ୍ତିଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସେ ଦେବ ଦେବ ମହାଦେବ ଏବଂ ଜଗତ ଜନନୀ ମାଁ ପାର୍ବତୀଙ୍କ ନିକଟରେ ସମ୍ବଲପୁର ଜିଲ୍ଲାର ତଥା ପଶ୍ଚିମାଞ୍ଚଳର ଚାଷ, କୃଷକଙ୍କ ଜୀବନ ଜୀବିକା କିଭଳି ଭାବରେ ଉନ୍ନତ ମାନର ହେଉ ଏବଂ ସଠିକ୍ ସମୟରେ ବର୍ଷାର ଆଗମନ ହେଉ, କୃଷକମାନଙ୍କୁ ସାହାଯ୍ୟ କରିବା ସହିତ ରାଜ୍ୟର ଅଭିବୃଦ୍ଧିରେ ପ୍ରଗତି ହେଉ ବୋଲି ସେ ମନାସି ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇଂ ପୂଜାରୀ ବିଭିନ୍ନ ଯାତ୍ରା କମିଟି ଏବଂ ଶୈବ ପୀଠ ଗୁଡ଼ିକ ଯଥା ଭୂତନାଥ ବାବା ମନ୍ଦିର ଭୂତାପଡ଼ା, ସୋମନାଥ ବାବା ମନ୍ଦିର ବଳିବନ୍ଧା, ଶିତଳେଶ୍ୱର ବାବା ମନ୍ଦିର ବଡ଼ବଜାର, ନୀଳକଣ୍ଠେଶ୍ୱର ବାବା ମନ୍ଦିର ହୀରାକୁଦ, ଝାଡୁଆପଡା ଲୋକନାଥ ବାବା ମନ୍ଦିର, ମୁଦିପଡ଼ା ଜଗେଶ୍ୱର ବାବା ମନ୍ଦିର, ଖେତରାଜପୁର ମହାଦେବ ମନ୍ଦିର ଦର୍ଶନ କରିବା ସହ ମହା ଆରତୀ କରିଥିଲେ। ଅନୁରୂପ ଭାବେରେ ଶଙ୍କର ମଠ ଭତରା, ଗୁଡେଶ୍ୱର ବାବା, କୁଲୁଥକାନି ଶିବ ମନ୍ଦିର, ବୁଢ଼ାରଜା ପାହାଡ଼େଶ୍ୱର ବାବା ଏବଂ ନନ୍ଦପଡାର ଭବ୍ୟ ମଙ୍ଗଳ ଆରତୀ କାର୍ଯ୍ୟକ୍ରମରେ ଯୋଗଦାନ କରି ଯୁଗଳ ଦର୍ଶନ କରିବା ସହ ବିଭିନ୍ନ ଆୟୋଜକ କମିଟିମାନଙ୍କ ସହ ଶୀତଳ ଷଷ୍ଠୀର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ପରିଶେଷରେ ନିଜ ଜନ୍ମ ମାଟି ଓ ମାଁ ଙ୍କୁ ସମ୍ମାନ ଜଣାଇବା ପାଇଁ ଏବଂ ବିଶ୍ୱ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ମହତ୍ତ୍ୱ କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଦେବ ଦମ୍ପତିଙ୍କର ନଗର ପରିକ୍ରମା ସମୟରେ ଇଂ ପୂଜାରୀଙ୍କ ଉଦ୍ୟମ କ୍ରମେ



ବିଜୁ ଜନତା ଦଳ ତରଫରୁ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ଥାନୀୟ ଗୋଲବଜାର ଛକ ଠାରେ ଏକ ଷ୍ଟଲ୍ ମାଧ୍ୟମରେ ଜଳ ଏବଂ ଦହି ସରବତ ବ୍ୟବସ୍ଥା କରାଯାଇ ବିତରଣ କରାଯାଇଥିଲା। ଇଂ ପୂଜାରୀ ଏହି କାର୍ଯ୍ୟକ୍ରମରେ ନିଜେ ଉପସ୍ଥିତ ଥିବା ସହ ବିଜୁ ଜନତା ଦଳର ସଂଯୋଜକ ଭାବରେ ସତ୍ୟେନ୍ଦ୍ର କୁମାର ଦାସ, ବସନ୍ତ ମିଶ୍ର, ସୁରୁବାବୁ ମେହେର, ସଂଜୀବ ଷଡ଼ଙ୍ଗୀ, ବିଜୟ ଅଜମେରିଆ, ଅଶୋକ ପଟେଲ, ଗୋକୁଳ ମେହେର, ଦେବାଶିଷ ପରିଡ଼ା, ଧର୍ମରାଜ୍ ମରେଇ, ଅନ୍ମୋଲ ଦାସ, ପ୍ରଫୁଲ୍ଲ ଦାସ, ପ୍ରହଲ୍ଲାଦ ଗୁରୁ, ଦୁଲାଳ ରାୟ, ସୋନୁ ବାରିକ, ଶେଷଦେବ ଗୁରୁ, ବିକ୍ରମାଦିତ୍ୟ ପଣ୍ଡା, ସୁକେଶ୍ ସିଂ, ରାଜେଶ ପଣ୍ଡା, ଓଁକାର ନାୟକ, ହିମାଂଶୁ ପ୍ରଧାନ, ଜଗନ୍ନାଥ ବାରିକ, ପ୍ରଶାନ୍ତ ନାୟକ, ଗଣେଶ କରାଲି, ତପନ ମେହେର, ବିଜୁ ମହିଳା ଜନତା ଦଳର ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ନନ୍ଦିନୀ ପ୍ରଧାନ, ସୁରେଖା ସାହୁ, ରେଣୁବାଳା ମରେଇ, ଲିଳିମା ମଲ୍ଲିକ, ପୁଷ୍ପାଞ୍ଜଳି ପଣ୍ଡା, ସରିତା ଦାସ, ମାମି ଆୟନ୍, ଯାହିଦା ବେଗମ୍ , ଜସ୍ମିନ୍ ଖାନ, ସ୍ୱେତା ନାୟକ, ରଶ୍ମିତା ତ୍ରିପାଠୀ, ହସୀନା ବେଗମ୍, ଫରିଦା ବେଗମ୍, ମମତା ପଣ୍ଡା, ସୁଭାଷିନୀ ଓରାମ, ସୁନନ୍ଦା ଚଇନି, ପୂଜା ଦେବୀ, ପାର୍ବତୀ ଶା, ମମତା ମହାନ୍ତିଙ୍କ ସହିତ ବହୁ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ଉପସ୍ଥିତ ରହି ଏହି ସେବା କାର୍ଯ୍ୟ କରିଥିଲେ। ଏହା ସହ ଏହି ବିଶ୍ୱ ପ୍ରସିଦ୍ଧ ଯାତ୍ରାକୁ ରାଷ୍ଟ୍ରୀୟ ସଙ୍ଗୀତ ଓ ନାଟକ ଏକାଡେମୀରେ ସାମିଲ କରାଯାଇ ଶୀତଳ ଷଷ୍ଠୀ ଯାତ୍ରା ଓ ସଂସ୍କୃତିକୁ କେନ୍ଦ୍ରୀୟ ମାନ୍ୟତା ପ୍ରଦାନ କରିବା ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କରନ୍ତୁ ବୋଲି ଇଂ ପୂଜାରୀ ଦାବି କରିଛନ୍ତି।

# ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ଉଦ୍‌ଯାପିତ



ସମ୍ବଲପୁର, (ଡିକେ ନ୍ୟୁଜ୍): ଐତିହାସିକ ବାମଣ୍ଡା ଗଡ଼ଜାତର ପ୍ରାଚୀନତମ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ-୨୦୨୫ ବୈଦିକ ଓ ଲୋକ ପରମ୍ପରା ଅନୁସାରେ ଗତ ମଇ ୩୧ ଓ ଜୁନ୍ ୧ ତାରିଖ ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ପୂର୍ବାହ୍ନରେ ବାବା ଶଗଡେଶ୍ୱର ଓ ମାତା ପାର୍ବତୀଙ୍କ ତୈଳାଭିଷେକ, ହରିଦ୍ରା ଲେପନ ସମାପନ ହୋଇଥିଲା। ପରେ ମାତା ପାର୍ବତୀଙ୍କ ପିନ୍ଧାଣି ବା ପତରପେଣ୍ଠି କାର୍ଯ୍ୟ ନିଷ୍ପାଦନ କରାଯାଇଥିଲା। ଅପରାହ୍ନରେ ବାବା ଶଗଡେଶ୍ୱର ବିରାଟ ପଟୁଆରରେ ଆସି ଭକ୍ତ ଶ୍ରଦ୍ଧାଳୁଙ୍କ ହରି ବୋଲ, ହୁଳହୁଳି ଓ ଜୟଘୋଷର ଭକ୍ତିମୟ ପରିବେଶରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅକ୍ଷୟ ପଟେଲ ଓ ଧର୍ମପତ୍ନୀ କନ୍ୟା କର୍ତ୍ତା ତଥା ରବୀନ୍ଦ୍ର ନାରାୟଣ ପରିଡ଼ା ଓ ଧର୍ମପତ୍ନୀ ବର କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, କୁଚିଣ୍ଡା ଉପଜିଲ୍ଲାପାଳ, ଜମନକିରା ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ କମିଟି ପକ୍ଷରୁ ମନ୍ଦିରର ଉନ୍ନତିକରଣ ପାଇଁ ମନ୍ଦିରକୁ ନିୟମିତ ସରକାରୀ ଅନୁଦାନ ପ୍ରଦାନ, ଫରେଷ୍ଟ୍ ପାର୍କ ନିର୍ମାଣ, ମନ୍ଦିର ସନ୍ନିକଟ ଶ୍ମଶାନ ଘାଟ ନିର୍ମାଣ ଓ ଡିମିରିମୁଣ୍ଡା ବସ୍ ଷ୍ଟାଣ୍ଡଠାରେ ଏକ ଭବ୍ୟ ସୁବିଧା କେନ୍ଦ୍ର ନିର୍ମାଣ ଆଦି ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନ ଦେବ ଦମ୍ପତି ଏକ ଭବ୍ୟ ପଟୁଆରରେ ବାହାରି ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସତ୍ୟ ନାରାୟଣ ପୂଜା ପରେ ଦେବ ଦମ୍ପତିଙ୍କ ଗୃହ ପ୍ରବେଶ କରିଥିଲେ। ପରେ ପରେ ଉପଖଣ୍ଡର ବୃହତ୍ତମ ମୁକ୍ତ ମଞ୍ଚରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଦର୍ଶକଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ମାନିତ ଅତିଥି ଟଙ୍କିଆ କ୍ଲିନିକର ସଂସ୍ଥାପକ ଡାକ୍ତର ରାମଚନ୍ଦାନୀ ଓ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଶଶିଭୂଷଣ ବଢେଇଙ୍କୁ ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ବିଜୟ କୁମାର ମହାନ୍ତି ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ମଳୟ ବେହେରା ସଂଯୋଜନା କରିଥିଲେ। ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ସଭାପତି ନୃପଲାଲ ପଳେଇ, ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ରନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, କୋଷାଧ୍ୟକ୍ଷ ରତନ ଲାଲ ସିଂ, ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ, ସଞ୍ଜୟ ମହାକୁଳ, ଗଣେଶ ଗୁପ୍ତା, ବାବଲୁ ପଳେଇ, ନରେନ୍ଦ୍ର ପଳେଇ, ମିଳନ ପଳେଇ, ରାଜୀବ ଶର୍ମା, ଟିକନ୍ ଶର୍ମା, ମିତ୍ର ରାୟ, କରୁଣାକର କିସାନ, ଜଗଦୀଶ, ଅଶୋକ ଠାକୁର, ଅଭିନାଶ ସାହୁ, ପୂଜକ ନିତ୍ୟାନନ୍ଦ ମିଶ୍ର, ମନୋଜ ମହାକୁଳ ତଥା ଡ୍ରାଇଭର ସଂଘ, ଏସଏଜି ସଂଘ ଓ ଅଞ୍ଚଳର ସମସ୍ତ ସହଯୋଗୀ ବ୍ୟକ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୁଣି ଗଡିଲା ଆଉ ଜଣେ ଯୁବକଙ୍କ ମୁଣ୍ଡ

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା ଅଭିଯୋଗ

ବ୍ରହ୍ମପୁର, (ଡିକେ ନ୍ୟୁଜ): ବ୍ରହ୍ମପୁର ସହରରେ ପୁଣି ଗଡିଲା ଆଉ ଜଣେ ଯୁବକଙ୍କ ମୁଣ୍ଡ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ଯୁବକଙ୍କୁ ହତ୍ୟା ଅଭିଯୋଗ। ବ୍ରହ୍ମପୁର ବଡ ବଜାର ଥାନା ଅଞ୍ଚଳରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ହୋଇଥିବା ବେଳେ ସାଇଣ୍ଟିଫିକ ଟିମ ଓ ପୋଲିସ ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁରରେ ଆଉ ଏକ ହତ୍ୟା କାଣ୍ଡ। ଜଣେ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟାର ଶୀକାର ହୋଇଥିବା ଯୁବକ ଜଣଙ୍କ ହେଉଛନ୍ତି ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ୯ ନମ୍ବର ଗଳିର ବିଦ୍ୟାଧର ପାଣିଗ୍ରାହୀ। ମଙ୍ଗଳବାର ମଧ୍ୟ ରାତ୍ର ସମୟ ପ୍ରାୟ ୧୨ ଘଣ୍ଟା। ବିଦ୍ୟାଧର ତାର ଜଣେ ସାଙ୍ଗ ସହ ବ୍ରହ୍ମପୁର ଷ୍ଟେସନକୁ ବାହାର ରାଜ୍ୟରୁ ଆସୁଥିବା ସାଙ୍ଗମାନଙ୍କୁ ଆଣିବା ପାଇଁ ଯାଇଥିଲା। ସାଙ୍ଗମାନଙ୍କୁ ଆଣି ସାନ ବଜାର ଛକରେ ଛାଡିବା ପରେ ହଠାତ ପାଞ୍ଚରୁ ଆଠଜଣ ଦୃର୍ବୃତ୍ତ ବିଦ୍ୟାଧର ଓ ତାର ଜଣେ ସାଙ୍ଗକୁ ସେଠାରୁ ଉଠାଇ ନେଇ ନିକଟସ୍ଥ ଜଗବନ୍ଧୁ ସାହିକୁ। ସେଠାରେ ଥିବା ଆପାର୍ଟମେଣ୍ଟ ପାଖରେ ବିଭିନ୍ନ ମାରଣାସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ବିଦ୍ୟାଧର ମରିଯାଇଛି ଭାବି ସେଠାରୁ ଚାଲିଯାଇଥିଲେ ଦୃର୍ବୃତ୍ତମାନେ। ପରେ ଖବର ପାଇଁ ବିଦ୍ୟାଧରର ପରିବାର ଲୋକ ଓ ସାଙ୍ଗସାଥୀମାନେ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖାଦେଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଦ୍ୟାଧରଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ବଡ଼ ବଜାର ଥାନା ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଛି। ଏହି ହତ୍ୟା ଘଟଣା ପଛରେ ଅପରାଧୀ ବଳିଆ ଓ ତାର ସହଯୋଗୀମାନଙ୍କ ହାତ ରହିଛି ବୋଲି ବଡ ବଜାର ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମିଳିଥିବା ସୂଚନା ଅନୁଯାଇ ଗତ ତାରିଖ ଦିନ ବ୍ରହ୍ମପୁର ପ୍ରସିଦ୍ଧ ମା'ବୁଢୀ ଠାକୁରାଣୀଙ୍କ ଯାତ୍ରାରେ ଆଗାସାହି ଛକରେ ଆଜିର ହତ୍ୟାକାଣ୍ଡ ଭିଆଇଥିବା ବଳିଆ ତାର କିଛି ସାଙ୍ଗମାନଙ୍କ ସହ ବସିଥିବା ସମୟରେ ମୃତ ବିଦ୍ୟାଧର ବାଇକରେ ଆସି ବଳିଆକୁ ଖଣ୍ଡାରେ ହତ୍ୟା ଉଦ୍ୟମ କରିଥିଲା। ଆଉ ଏହି ମାମଲରେ ଜେଲ ଯାଇଥିଲା ବିଦ୍ୟାଧର। ଏବେ କିଛିଦିନ ହେବ ଜେଲରୁ ଫେରିଥିଲା ବିଦ୍ୟାଧର। ତାର ସୁଯୋଗ ନେଇ ରାଗ ସାଜିବାକୁ ନେଇ ନିଜ ରାସ୍ତାରୁ ହଟାଇବାକୁ ଯାଇ ବଳିଆ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟାଇ ଥିବା ପୋଲିସ କହିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଯୁବପିଢିଙ୍କ ସ୍ୱପ୍ନକୁ ସାକାର...

ଦକ୍ଷତା ପରିଷଦ ଗଠନକୁ ମଞ୍ଜୁରି ମିଳିଛି। ଏହି ମିଶନ ଯୁବବର୍ଗଙ୍କୁ ନିଯୁକ୍ତି ଆଧାରିତ ପ୍ରଶିକ୍ଷଣ ପ୍ରଦାନ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୨ ଅକ୍ଟୋବର ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ରୋଜଗାର ମେଳା କାର୍ଯ୍ୟକ୍ରମ। ଏବେ ସୁଦ୍ଧା ୧୫ଟି ରୋଜଗାର ମେଳା ଜରିଆରେ ୧୦ ଲକ୍ଷରୁ ଅଧିକ ସରକାରୀ ଚାକିରି ନିଯୁକ୍ତିପତ୍ର ପ୍ରଦାନ କରାଯାଇସାରିଛି। ଇପିଏଫଓରେ ୮ କୋଟି ୫୯ ଲକ୍ଷ ନୂଆ ଉପଭୋକ୍ତା ଯୋଡ଼ି ହୋଇଛନ୍ତି। ଏପ୍ରିଲ ୨୦୨୦ ପରଠାରୁ ଏଥିରେ ୩.୪୫ କୋଟି ୧୮-୨୮ ବର୍ଷ ବୟସ୍କ ଯୁବକଯୁବତୀ ଯୋଡ଼ି ହେବା ଏକ ଉଲ୍ଲେଖନୀୟ ଉପଲବ୍ଧି ଯାହାକି ଯୁବବର୍ଗଙ୍କ ନିଯୁକ୍ତିକୁ ଦର୍ଶାଉଛି। ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଚାକିରି ଆଶାୟୀ ପରିବର୍ତ୍ତେ ନିଯୁକ୍ତିସୃଷ୍ଟିକାରୀ ରୂପେ ପରିଣତ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ୧.୬ ଲକ୍ଷ ଷ୍ଟାର୍ଟଅପକୁ ମାନ୍ୟତା ମିଳିଛି, ଏଥିମଧ୍ୟରେ ୭୫ ହଜାର ଷ୍ଟାର୍ଟଅପରେ ମହିଳାମାନେ ନେତୃତ୍ୱ ନେଉଛନ୍ତି। ଏସବୁ ଷ୍ଟାର୍ଟଅପରେ ୧୭ ଲକ୍ଷ ୬୦ ହଜାରରୁ ଅଧିକ ରୋଜଗାର ସୃଷ୍ଟି ହୋଇଛି। ଶିଳ୍ପ ଓ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ୧.୫୭ ଲକ୍ଷ ଷ୍ଟାର୍ଟଅପକୁ ମାନ୍ୟତା ଦେଇଛି। ୨୦୧୭ରୁ ୨୦୨୪ ମଧ୍ୟରେ ଏସବୁ ଷ୍ଟାର୍ଟଅପ୍ ମିଳିତ ଭାବେ ୪.୮ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିଛନ୍ତି। ଏପ୍ରିଲ ୨୦୨୫ରେ ଆରମ୍ଭ ହୋଇଥିବା ମୁଦ୍ରା ଯୋଜନା ଲକ୍ଷ ଲକ୍ଷ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସହଜ ଋଣ ପ୍ରଦାନ କରୁଛି। ୨୩ ଜୁଲାଇ, ୨୦୨୪ରେ, ଆକାଂକ୍ଷୀ ଉଦ୍ୟୋଗୀଙ୍କୁ ଆହୁରି ସମର୍ଥନ କରିବା ପାଇଁ ଋଣ ସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଗତ ଦଶନ୍ଧି ମଧ୍ୟରେ ଉଦ୍ୟୋଗୀମାନଙ୍କୁ ମଞ୍ଜୁର କରାଯାଇଥିବା ଋଣ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୧୫-୧୬ରେ ୩.୪୯ କୋଟି ଋଣ ମଞ୍ଜୁର କରାଯାଇଥିଲା, ଯାହା ୨୦୨୩-୨୪ରେ ୬.୬୭ କୋଟିକୁ ବୃଦ୍ଧି ପାଇଛି। ୨୧ ମାର୍ଚ୍ଚ, ୨୦୨୫ ସୁଦ୍ଧା, ୨୦୨୪-୨୫ ପାଇଁ ଅସ୍ଥାୟୀ ସଂଖ୍ୟା ୪.୫୩ କୋଟି ଋଣ ରହିଛି। ୨୦୧୫-୧୬ରେ ମୋଟ ଋଣ ପରିମାଣ ୧.୩୭ ଲକ୍ଷ କୋଟି ଟଙ୍କାରୁ ୨୦୨୪-୨୫ରେ ୩୩.୬୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସରକାର ସାରା ଦେଶରେ କ୍ରୀଡାକୁ ପ୍ରୋତ୍ସାହିତ କରିବା ଏବଂ ଯୁବ ପ୍ରତିଭାକୁ ସମର୍ଥନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଉତ୍ତମ ତାଲିମ, ସୁବିଧା ଏବଂ ଆର୍ଥିକ ସହାୟତା ସହିତ, ଭାରତ ଏକ ଶକ୍ତିଶାଳୀ କ୍ରୀଡା ରାଷ୍ଟ୍ର ହେବାକୁ ଯାଉଛି। ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ ଯୋଜନାରେ ୯୪ କୋର୍ ଗ୍ରୁପ୍ ଏବଂ ୧୧୨ ଡେଭଲପମେଣ୍ଟ ଗ୍ରୁପ୍ ଖେଳାଳୀଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦିଆଯାଇଛି। ଏହି ଯୋଜନା ଫଳରେ ଅଲିମ୍ପିକ୍ସ, ପାରା ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତୀୟ ଖେଳାଳୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଖେଲୋ ଇଣ୍ଡିଆ ଅଭିଯାନରେ ତୃଣମୂଳ ସ୍ତରର ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ୧୦୪୮ କେନ୍ଦ୍ର ଖୋଲାଯାଇଛି। ଖେଲୋ ଇଣ୍ଡିଆ ଅଧୀନରେ ୩ ହଜାର ଖେଳାଳିଙ୍କୁ ବାର୍ଷିକ ୬.୨୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। 'ଖେଲୋ ଇଣ୍ଡିଆ ଜାତୀୟ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ' ୨୦୧୬-୧୭ ମସିହାରେ ଆରମ୍ଭ ହୋଇଥିଲା ଏବଂ ଏହାର ଦୁଇଟି ଉଦ୍ଦେଶ୍ୟ ଥିଲା ସାରା ଦେଶରେ କ୍ରୀଡାରେ ବ୍ୟାପକ ଅଂଶଗ୍ରହଣ ଏବଂ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା। ଏହି ଯୋଜନାକୁ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ଏବଂ ଏହାର ଆର୍ଥିକ ବ୍ୟୟ ୩୭୯୦.୫୦ କୋଟି ଟଙ୍କା ରହିଛି। ୨୦୨୫ରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ୧୦ ହଜାର ଖେଳାଳୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ସରକାରଙ୍କ ପଦକ୍ଷେପ ଯୋଗୁ ଭାରତ ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ସହିତ ମୋଟ୍ ୭ଟି ପଦକ ହାସଲ କରିଥିଲା। ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭାରତକୁ ମିଳିଥିଲା ୬ଟି ପଦକ। ପ୍ୟାରିସ ପାରା ଅଲିମ୍ପିକ୍ସରେ ଭାରତ ନିଜ ପାଇଁ ସବୁଠାରୁ ଭଲ ପ୍ରଦର୍ଶନ କରି ୨୯ଟି ପଦକ ହାସଲ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ଭାରତ ୨୨ଟି ସ୍ୱର୍ଣ୍ଣ ପଦକ ସହିତ ମୋଟ୍ ୬୧ଟି ପଦକ ହାସଲ କରିଥିଲା। ସରକାର ଯୁବବର୍ଗଙ୍କୁ ସେନାବାହିନୀରେ ନିଯୁକ୍ତି ଦେବା ଲାଗି ଅଗ୍ନିପଥ ଯୋଜନା ଆଣିଛନ୍ତି। ଏହି ଯୋଜନାରେ ସାଢେ ୧୭ରୁ ୨୧ ବର୍ଷ ବୟସର ଯୁବକଯୁବତୀ ଆବେଦନ କରିପାରିବେ। ଅଗ୍ନିବୀରମାନଙ୍କୁ ଚାରି ବର୍ଷ ସେନାବାହିନୀର ସେବା କରିବାର ସୁଯୋଗ ମିଳିବ। ଏମାନଙ୍କୁ ପରବର୍ତ୍ତୀ ସମୟରେ ଅନ୍ୟ ସେବାଗୁଡ଼ିକରେ ନିଯୁକ୍ତିର ସଂରକ୍ଷଣ ଦିଆଯିବ। ଏହିପରି ଭାବେ ଗତ ୧୧ ବର୍ଷ ମଧ୍ୟରେ ଯୁବବର୍ଗଙ୍କ ସଶକ୍ତିକରଣ ପାଇଁ ମୋଦି ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି।

### ପ୍ରବଳ ଖରା ଓ ଗୁଳୁଗୁଳି...

ସମ୍ଭାବନା ରହିଛି। ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେଓଗଡ଼ ଓ ସୁନ୍ଦରଗଡ଼ରେ ବଜ୍ରପାତ ସହ ୫୦-୬୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ୭ରୁ ୧୧ ସେମି ଭାରୀ ବର୍ଷା ହୋଇପାରେ।

### ଆଜିଠାରୁ ଆରମ୍ଭ...

ମୂଲ୍ୟରେ ଡ୍ରାଇଭିଂ ଇଲେକ୍ଟ୍ରନିକ ଏନଫୋର୍ସମେଣ୍ଟ ଟୁ ସେଭ ହ୍ୟୁମାନ୍ ଲାଇଭ୍ସ ବା ଦିଶା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଥିଲେ।ଏହା ରାଜ୍ୟର ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥର ୪୮୫ କିଲୋମିଟର ଅଞ୍ଚଳରେ କାର୍ଯ୍ୟକ୍ଷମ ହେବ। ଏହା ସହିତ ୧୦୦୭ କିଲୋମିଟର ଅଞ୍ଚଳରେ ଏହି ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ ପାଇଁ ଶିଳାନ୍ୟାସ ମଧ୍ୟ କରାଯାଇଛି। ଏହି ବ୍ୟବସ୍ଥା ଫଳରେ ସଡ଼କ ସୁରକ୍ଷା ନିୟମ ପାଳନ କରୁନଥିବା ଚାଳକଙ୍କ ବିରୁଦ୍ଧରେ ସ୍ୱୟଂକ୍ରିୟ ପ୍ରଣାଳୀରେ ଇ-ଚାଲାଣ କଟିବ। ଯାଜପୁର ଜିଲ୍ଲାରେ ଦ୍ୱିତୀୟ ପଞ୍ଜୀକୃତ ଯାନ ସ୍କ୍ରାପିଂ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। କଟକ ଠାରେ ରାଜ୍ୟର ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ ସହିତ ଆହୁରି ୨୦ଟି ସ୍ଥାନରେ ଏହି କେନ୍ଦ୍ର ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୨୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ୨୭.୩ କୋଟି ଟଙ୍କା ବ୍ୟୟରେ ପୁରୀରୁ ଅଯୋଧ୍ୟା, ତିରୁପତୀ, ଉଜ୍ଜୈନ, ହାଇଦ୍ରାବାଦ, ଭିଲାଇ, ଭୁବନେଶ୍ୱରରୁ ବିଶାଖାପାଟଣା, ଭବାନୀପାଟଣାରୁ ହାଇଦ୍ରାବାଦ ଏବଂ ରାଇଘରରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ୧୫ଟି ସୁପର ପ୍ରିମିୟମ୍ ଭୋଲଭୋ ବସ୍ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସର ଶୁଭାରମ୍ଭ କରିଥିଲେ। ଭଦ୍ରକ ଜିଲ୍ଲାର ବାସୁଦେବପୁର ଓ ଧାମରା ଏବଂ ବାଲେଶ୍ୱର ଜିଲ୍ଲା ବସ୍ତା ଠାରେ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡକୁ ମଧ୍ୟ ଶୁଭାରମ୍ଭ କରିବା ସହିତ ଓଏସ୍ଆରଟିସିର ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥା ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଲୋକାର୍ପଣ କରିଥିଲେ। ପ୍ରାୟ ୫୭୫.୭୭ କୋଟି ଟଙ୍କା ମୂଲ୍ୟର ସଡ଼କ ସୁରକ୍ଷା ସମ୍ପର୍କିତ ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଆଜି ଶୁଭାରମ୍ଭ ହୋଇଛି। ଜଗନ୍ନାଥ ଏକ୍ସପ୍ରେସ, ଅଟଳ ବସ୍‌ଷ୍ଟାଣ୍ଡ, ଆଇଟିଏମ୍ଏସ୍ ଏବଂ ଆଇସିସିସିର ଲୋକାର୍ପଣ ଓଡ଼ିଶାର ଗମନାଗମନ ବ୍ୟବସ୍ଥାରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ପାଇଁ ଆହ୍ୱାନ ଦେଇ ସୁରକ୍ଷିତ ଭାବେ ଗାଡ଼ି ଚଳନା କରିବା ପାଇଁ କହିଥିଲେ। ଯାଜପୁର ଏଡିଟିଏସ୍‌ରୁ ଉତ୍ତୀର୍ଣ୍ଣ ହୋଇଥିବା ମନସ୍ୱିନୀ ସାହୁ, ପୁରୀ ମାଳତୀପାଟପୁର ବସଷ୍ଟାଣ୍ଡରୁ ତିରୁପତି ଯାତ୍ରୀ ମୀନା କୁମାରୀ ବେହେରା ଏବଂ ଚାନ୍ଦବାଲି ନାବିକ ପ୍ରଶିକ୍ଷଣ ଇନଷ୍ଟିଚ୍ୟୁଟରୁ ସଞ୍ଜୟ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କର ଏସବୁ ପଦକ୍ଷେପ ପାଇଁ ଆଭାସୀ ଜରିଆରେ ଧନ୍ୟବାଦ ଜଣାଇଥିଲେ। ସଡକ ସୁରକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ଆମେ ଯେତେବେଳେ ଓଡ଼ିଶା ବିକଶିତ କଥା କହୁଛୁ ସେତେବେଳେ କେବଳ ସୁଦୃଢ଼ ପରିବହନ ନୁହେଁ, ସୁରକ୍ଷିତ ପରିବହନ କେତେ ଗୁରୁତ୍ୱପୂର୍ଣ୍ଣ ତାଙ୍କୁ ଆମେ ଅନୁଭବ କରୁଛୁ। ମୁଖ୍ୟମନ୍ତ୍ରୀ ସଡକ ସୁରକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ମଙ୍ଗଳବାର ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଗୁଡ଼ିକ ସଡକ ସୁରକ୍ଷା ଦିଗରେ ବେଶ୍ ଉପଯୋଗୀ। ଲୋକଙ୍କୁ ସୁରକ୍ଷିତ ଓ ଉନ୍ନତ ପରିବହନ ସେବା ଦେବା ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ଶୂନ ଦୁର୍ଘଟଣା ଦିବସ ପାଳନର ବ୍ରାଣ୍ଡ ଆମ୍ବାସଡର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା ବାର୍ତ୍ତା ଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିଥିବାରୁ ଅବିନାଶ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପାଢ଼ୀ, ପଞ୍ଚାନନ ଦାସ, ଶ୍ରୀନିବାସ ବେହେରା ଓ ସବିତା ରାଣୀ ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅମିତାଭ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇଖାନା ଟାଙ୍କିରେ...

ପ୍ରଥମେ ତିନି ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ଏମ.ସନ୍ତୁ, ଅମିର ଖୁରା, ତ୍ରିଲୋଚନ ଭତରା, ଲାଲୁ ରଣା କାମରା। ସମସ୍ତଙ୍କ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ ଏହି ଦୁଃଖଦ ଘଟଣା ଘଟିବା ଫଳରେ ପଡାଲଗୁଡା ଗ୍ରାମ ତଥା ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି।

### ୮ରେ ମହାକାଶକୁ ଯିବେ...

ଡ଼ ଭି.ନାରାୟଣନ ଉଚ୍ଚପ୍ରଶଂସା କରିଛନ୍ତି। ମହାକାଶରେ ଅବସ୍ଥାନ କାଳରେ ଶୁଭାଂଶୁ ମାଇକ୍ରୋ ଗ୍ରାଭିଟି ପ୍ରସଙ୍ଗରେ ୭ଟି ପରୀକ୍ଷା ନିରୀକ୍ଷା କରିବେ। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଓ ଏକଜିୟମ ସ୍ପେସ୍ ସହ ଇସ୍ରୋର ମିଳିତ ସହଯୋଗରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ଇସ୍ରୋ ପକ୍ଷରୁ ୫୫୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଅପରପକ୍ଷରେ ଶୁଭାଂଶୁ ନିଜ ସହିତ ମୁଗ ଡାଲିର ହାଲୁଆ, ଭାତ, ଆମ୍ବରସ, ରାଜମା-ଚାଉଳ ଏବଂ ଜୟପୁରୀ ମିକ୍ସଡ ତରକାରି ସାଙ୍ଗରେ ନେବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନିତା ୱିଲିୟମ୍ସ ଅତୀତରେ ମହାକାଶ ଯାତ୍ରା ସମୟରେ ସାଙ୍ଗରେ ମାଛ ତରକାରି ଓ ସିଙ୍ଗଡା ନେଇଥିଲେ। ୨୦୨୬ରେ ଇସ୍ରୋ ପକ୍ଷରୁ 'ଗଗନଯାନ' ଅଭିଯାନ କାର୍ଯ୍ୟକାରୀ କରାଯିବ। ଏଥିରେ ପ୍ରଥମ ଥର ମହାକାଶଚାରୀଙ୍କ ପଠାଇବାର ବ୍ୟବସ୍ଥା କରାଯାଉଛି।

### ଆଇପିଏଲ ଟ୍ରଫି...

ସେଫର୍ଡ ୧୭ ରନ କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୯୦ ରନ କରିଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ଓ କାଇଲ ଜେମିସନ ୩ଟି ଲେଖାଏଁ ୱିକେଟ ନେଇଥିଲେ।

# ଦୀର୍ଘବର୍ଷ ପରେ ନିର୍ମାଣ ହେଲା ଇନ୍ଦ୍ରାବତୀ ବାମ କେନାଲ ରାସ୍ତା



ଧର୍ମଗଡ଼, (ଡିକେ ନ୍ୟୁଜ୍): ବହୁମୁଖୀ ଇନ୍ଦ୍ରାବତୀ ଜଳ ପ୍ରକଳ୍ପର ବାମ କେନାଲ ରାସ୍ତା ଦୀର୍ଘବର୍ଷ ଧରି ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିଲା। ଏହି ରାସ୍ତା ଚାଷୀଙ୍କ ଚାଷ କାର୍ଯ୍ୟ ପାଇଁ ନିର୍ଭରଶୀଳ ହୋଇଥିବା ବେଳେ ଏହାର ପୂନରୁଦ୍ଧାର ହେଉ ନ ଥିବାରୁ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶପାଇ ଆସୁଥିଲା। ରାସ୍ତା ଏପରି ଶୋଚନୀୟ ହୋଇ ପଡିଥିଲା ଯେ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ଅନ୍ୟ ରାସ୍ତା ଦେଇ ଯାତାୟାତ କରୁଥିଲେ। ବିଭିନ୍ନ ସମୟରେ ରାସ୍ତା ନିର୍ମାଣ ନେଇ ଚାଷୀଙ୍କ ଆପତ୍ତି ଅଭିଯୋଗକୁ ନେଇ ଉପର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ଅଧିକ୍ଷଣ ଯନ୍ତ୍ରି ତୁପ କୁମାର ପାତ୍ର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଇନ୍ଦ୍ରାବତୀ ବିଭାଗୀୟ ପକ୍ଷରୁ ଏନେଇ ରାସ୍ତା ନିର୍ମାଣ ରାଜ୍ୟ ସରକାରଙ୍କୁ ଇଷ୍ଟିମେଟ କରି ଅନୁମୋଦନ ଓ ଅନୁଦାନ ପାଇଁ ଚିଠି ଲେଖିଥିଲେ। ଚାଷିଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାମ୍ପାସ ଯୋଜନାରୁ ୫୧ କିମି ରାସ୍ତା ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରି ଟେଣ୍ଡର ଆହ୍ୱାନ କରାଗଲା। ଏହି ଟେଣ୍ଡର ଓସିସି କମ୍ପାନୀ ପାଇଥିଲେ। ପରବର୍ତ୍ତୀ ସମୟରେ ଶୂନ୍ୟ କିଲୋମିଟରରୁ ଆରମ୍ଭ ହୋଇ ୫୧ କିଲୋମିଟର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୟପାଟଣା ବ୍ଲକ ମଙ୍ଗଳପୁର ବାଞ୍ଜି ବାହାଲ, ପ୍ରତାପପୁର, ସର୍ଗିଗୁଡା, ଭାଇରୀ ପାଳି, ବିମଳା ମୋହନଗୁଡା, କନ୍ଦାବୁଟ୍ରା, କାଶିବାହଲ, କୁସୁମଖୁଣ୍ଟି, ପୋଡବେଡା, ତରାପୁର, ଡ୍ୟାମ ଠାରୁ ଧର୍ମଗଡ଼ ବ୍ଲକ ପର୍ଯ୍ୟନ୍ତ ରାସ୍ତା ନିର୍ମିତ ହେଲା, ଫଳରେ ଚାଷୀ ସାଧାରଣ ଲୋକ ମଧ୍ୟ ଉପକୃତ ହେଲେ, ଦୀର୍ଘ ୨୦ ବର୍ଷର ବ୍ୟବଧାନ ପରେ ଲୋକେ ବାମ କେନାଲ ଉପରେ ଚକାଚକ ରାସ୍ତା ପାଇବାରୁ ସୁବିଧାରେ ଗମନାଗମନ କରୁଛନ୍ତି। କୁସୁମଖୁଣ୍ଟି ବାମ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦୀର୍ଘ ବର୍ଷ ପରେ ଚାଷି ଓ ଅଞ୍ଚଳର ଜନ ସାଧାରଣ ଉପକୃତ ହୋଇଛନ୍ତି।

# ଖବର ପ୍ରସାରଣ ପରେ ଆକ୍ସନ ମୁଡରେ ପୋଲିସ




ନିଆଳି, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାରୁ ଭାୟା ଶିଖରଘାଟ ବ୍ରିଜ୍ ଦେଇ ପୁରୀ ଜିଲ୍ଲାର କାକଟପୁର, ଗୋପ, ନିମାପଡ଼ା, ଚରିଛକ, ତୁଳସୀପୁର ସେହିପରି ନିଆଳି ଅଞ୍ଚଳକୁ ଚୋରା କାଠ ଚାଲାଣର 'ଡୁମାଣୀ ଖବର' କାଗଜରେ ୧୮ମେ'ରେ ଖବର ପ୍ରସାରଣ ପରେ ସୋମବାର ନିଆଳି ପୋଲିସ ଆକ୍ସନ ମୁଡ଼କୁ ଆସିଛି। ଶିଖର ଘାଟ ଦେଇ ନିଆଳି ଅଞ୍ଚଳରୁ ଏକ ସ୍ୱରାଜ ଟ୍ରାକ୍ଟର ଯାହାର ଗାଡି ନଂ ଓଡ଼ି୦୨- ବିୱାଇ ୫୦୬୯ ଗାଡି ଆସୁଥିବା ଦେଖି ନିଆଳି ପୋଲିସ କାବୁ କରିଥିଲା। ଗାଡ଼ିରେ ହାଇ ସିକୁରୀଟି ନମ୍ବର ପ୍ଲେଟ ନଥିବା ବେଳେ ହାତ ଲେଖା ନମ୍ବର ପ୍ଲେଟ ଦେଖିବାକୁ ମିଳିଛି। ଉକ୍ତ ଟ୍ରାକ୍ଟରରେ ଡ୍ରାଇଭର ସହ ହେଲ୍ପରକୁ ମଧ୍ୟ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି। ଶିଖରଘାଟ ଦେଇ ଟ୍ରାକ୍ଟର ଯୋଗେ ପ୍ରତିଦିନ ଦଶରୁ ଉର୍ଦ୍ଧ୍ୱ ଗାଡି କାଠ ଚୋରା ଚାଲାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଟ୍ରାକ୍ଟର ଗୁଡ଼ିକରେ ଗମ୍ଭାରୀ, ଚାଖୁଣ୍ଡା, ପଟାଶ, ତେନ୍ତୁଳି, ଆମ୍ବ, ଶାଗୁଆନ ଆଦି ବହୁ ମୋଟା ମୂଲ୍ୟବାନ କାଠ ଗଣ୍ଡି ଚୋରା ଚାଲାଣ କରାଯାଇଥାଏ। ନିଆଳି ଅଞ୍ଚଳର ଶେଷ ସୀମାବର୍ତ୍ତି ଅଞ୍ଚଳ ହେଇଥିବାରୁ କାଠ ମାଫିଆ ଓ ଚୋରା ସମିଲ୍ ମାଲିକଙ୍କ ଚୋରା ପିରତୀରେ ଚାଲିଥିଲା। ନିଆଳି ପୋଲିସର ଅତର୍କିତ ଚଢ଼ାଉ ଶୁଣି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡି ହେଲେ ଏହା ସମ୍ପୂର୍ଣ୍ଣ କାଠ ଚୋରା ଚାଲାଣ ବନ୍ଦ ହୁଅନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ମୂଲ୍ୟବାନ କାଠ ଗୁଡିକ ଚୋରା କରତ କଳକୁ ଚାଲାଣ କରାଯାଇଥାଏ।

# ୭ଟି ୟୁପିଏସ୍‌କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଘୋଷଣା




ବୁଗୁଡା, (ଡିକେ ନ୍ୟୁଜ୍): ରାଜ୍ୟସରକାର ପକ୍ଷରୁ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କ ଗୁଣାତ୍ମକ ଶୈକ୍ଷିକର ବୃଦ୍ଧି ନିମନ୍ତେ ବ୍ଲକସ୍ତରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବରେ କିଛି ବିଦ୍ୟାଳୟକୁ ଘୋଷଣା କରାଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସୁପାରିସ କ୍ରମେ ବୁଗୁଡା ବ୍ଲକର ୭ଟି ବିଦ୍ୟାଳୟକୁ ସ୍ଥାନ ଦିଆଯାଇଥିବା ଜଣାଯାଇଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବାଲିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ଏବଂ ତାଲସାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଷ୍ଣୁଚକ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅନ୍ତରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଙ୍ଗିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କରଚୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଆଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ଅମିତା କୁମାରୀ ପାଢୀ, ସିଆରସିସି ବିଶ୍ୱଜିତ ପରିଡା, ଦିଲ୍ଲୀପ କୁମାର ବେହେରା, ସନ୍ତୋଷ କୁମାର ଡାକୁଆ ଶର୍ମିଷ୍ଠା ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦେବଦତ୍ତ ମହାନ୍ତି ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ବୁଲି ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସଂପ୍ରତି ଏହି ସମସ୍ତ ବିଦ୍ୟାଳୟରେ ପାଚେରୀ ନିର୍ମାଣ, ଅଡିଟୋରିୟମ ନିର୍ମାଣ, ଚାରିଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ସାଇକେଲ ଷ୍ଟାଣ୍ଡ ନିର୍ମାଣ, ମୁଖ୍ୟ ଫାଟକ ନିର୍ମାଣ, ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ନିର୍ମାଣ, ରୋଷେଇ ଘର ସହ ସାମୁହିକ ଡାଇନିଂ ହଲ ନିର୍ମାଣ, ପେଭର ଯୁକ୍ତ ଏପ୍ରୋଚ ରାସ୍ତା, ପ୍ରଧାନ ଶିକ୍ଷକଙ୍କ ସ୍ୱତନ୍ତ୍ର ରୁମ ସହ କମନ ରୁମ, ବୋରୱେଲ ସହ ଓଭର ହେଡ ଟ୍ୟାଙ୍କ ନିର୍ମାଣ କରାଯିବ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କିଛି ପୁରୁଣା ଶ୍ରେଣୀ ଗୃହକୁ ଭଙ୍ଗାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟାଳୟର ପରିବେଶକୁ ସରସ ସୁନ୍ଦର କରାଯିବା ସହ ସମଗ୍ର ପରିସରକୁ ସିସିଟିଭି ଫୁଟେଜ୍ ମଧ୍ୟରେ ରଖାଯିବ। ସାମ୍ପ୍ରତିକ ପରିସ୍ଥିତିରେ ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସରକାର ନେଇଥିବା ଏହି ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ୟୁପିଏସକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଗ୍ରହଣ ନିମନ୍ତେ ଯୋଜନା ରହିଥିବା ଜଣାଯାଇଛି।

# କବାଡିରୁ ଅବସର ନେଲେ କିମ୍ବଦନ୍ତୀ ପ୍ରଦୀପ ନରୱାଲ




ନୂଆଦିଲ୍ଲୀ, ୩।୬ (ହି.ସ): ଡୁବକି କିଙ୍ଗ ଭାବେ ପରିଚିତ ଷ୍ଟାର କବାଡି ଖେଳାଳି ପ୍ରଦୀପ ନରୱାଲ ବେଶ ଭାବବିହ୍ୱଳ ଢଙ୍ଗରେ ଅବସର ଘୋଷଣା କରିଛନ୍ତି। ଭାରତ ପାଇଁ ଏକାଧିକ ବିଶ୍ୱକପ ଓ ଏସିଆନ ଗେମ୍ସ ଖେଳିଥିବା ପ୍ରଦୀପ ପ୍ରୋ କବାଡି ଲିଗର ଅନ୍ୟତମ ଷ୍ଟାର ଖେଳାଳି। ସେ ଏକାକୀ ନିଜ ଟିମ୍‌କୁ ଜିତାଇବାରେ ସକ୍ଷମ। କିନ୍ତୁ ୨୦୨୫ ପ୍ରୋ କବାଡି ଲିଗ ଅକ୍ସନରେ ପ୍ରଦୀପଙ୍କୁ କୌଣସି ଫ୍ରାଞ୍ଚାଇଜ କିଣି ନଥିଲେ। ଏଥିରେ ମର୍ମାହତ ହୋଇ ସେ ନିଜର ପ୍ରିୟ ଖେଳ କବାଡିରୁ ଅବସର ନେଇ ଯାଇଛନ୍ତି। ୨୮ ବର୍ଷୀୟ ପ୍ରଦୀପ ୩ଥର ପ୍ରୋ କାବଡି ଲିଗରେ ଚମ୍ପିଅନ ହେବାର ଖ୍ୟାତି ଅର୍ଜନ କରିଥିଲେ। ସେ ପିକେଏଲ ଇତିହାସର ଅନ୍ୟତମ ମହାନ ରେଡର ଭାବେ ପରିଚିତ। ତଥାପି ଏଥର ଦୁଇ ଦିନିଆ ଅକ୍ସନ ବେଳେ ତାଙ୍କୁ ସବୁ ଫ୍ରାଞ୍ଚାଇଜ ଅଣଦେଖା କରିଥିଲେ। ସେ ୟୁପି ଯୋଦ୍ଧା, ପାଟନା ପାଏରଟ୍ସ ଓ ବେଙ୍ଗାଲୁରୁ ବୁଲ୍ସ ପାଇଁ ପିକେଏଲ ଖେଳିଥିଲେ। ପ୍ରଥମ ଦିନ ଅନସୋଲ୍ଡ ଯାଇଥିବା ପ୍ରଦୀପଙ୍କୁ ଦ୍ୱିତୀୟ ଦିନରେ ଯେକୌଣସି ଫ୍ରାଞ୍ଚାଇଜ କିଣିବାକୁ ଆଗ୍ରହ ଦେଖାଇବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମିତି କିଛି ବି ହୋଇ ନଥିଲା। ଶେଷରେ ପ୍ରଦୀପଙ୍କ ଭଳି ମହାନ ଖେଳାଳିଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଇନଷ୍ଟାଗ୍ରାମ ଲାଇଭରେ ନରୱାଲ କହିଛନ୍ତି ଯେ ପ୍ରଥମ ଦିନ ବିକ୍ରି ନ ହେବା ପରେ ସେ ଆଦୌ ନିରାଶ ନଥିଲେ। କାରଣ ସେ ଭାବୁଥିଲେ ଯେ ତାଙ୍କୁ ନିଶ୍ଚିତ ଭାବେ କୌଣସି ଦଳ କିଣିବ। ହେଲେ ଦ୍ୱିତୀୟ ଦିନ ତାଙ୍କୁ କେହି ନ କିଣିବାରୁ ସେ ସ୍ତବ୍ଧ ହୋଇଯାଇଥିଲେ। ସେ କହିଛନ୍ତି, ପୂର୍ବରୁ ଯେତେବେଳେ ମୁଁ ପାଟନା ପାଇଁ ଖେଳୁଥିଲି ସେତେବେଳେ ୨୦୦ରୁ ୩୦୦ ପଏଣ୍ଟ ନେଉଥିଲି। ଏବେ ୧୧୧ କିମ୍ବା ୧୧୨ ପଏଣ୍ଟ ଯଥେଷ୍ଟ ହେଉନି। ମୁଁ ସବୁବେଳେ ମ୍ୟାଚ ପିଛା ୧୫ରୁ ୧୬ ପଏଣ୍ଟ ନେବାକୁ ଚାହେଁ। ୩-୪ ପଏଣ୍ଟରେ ମୁଁ ଖୁସି ନୁହେଁ। ଡୁବକି କିଙ୍ଗ ଭାବେ ପରିଚିତ ପ୍ରଦୀପ ସ୍ୱୀକାର କରିଛନ୍ତି ଯେ ସମୟକ୍ରମେ ତାଙ୍କ ଦକ୍ଷତା ହ୍ରାସ ପାଇଛି ଓ ତାଙ୍କ ରଣନୀତିକୁ ମାତ ଦେବାକୁ ଡିଫେଣ୍ଡର୍ସ ମଧ୍ୟ ସେହି ଅନୁସାରେ କାମ କରୁଛନ୍ତି। ପିକେଏଲର ଗତ ସଂସ୍କରଣରେ ବେଙ୍ଗାଲୁରୁ ବୁଲ୍ସ ପାଇଁ ପ୍ରଦୀପ ୧୦୦ରୁ ଅଧିକ ପଏଣ୍ଟ ହାସଲ କରିଥିଲେ। ହେଲେ ଏଥର ତାଙ୍କୁ କେହି କିଣି ନଥିବାରୁ ସେ କବାଡି ଖେଳରୁ ଅବସର ଘୋଷଣା କରିଛନ୍ତି। ସେ କହିଛନ୍ତି, କବାଡି ମୋତେ ସବୁ କିଛି ଦେଇଛି। ଯାହା ବି ନାଁ ଓ ସଫଳତା ମିଳିଛି, ସେସବୁ କବାଡି ପାଇଁ। ତାକୁ ନେଇ ମୁଁ ବହୁତ ଖୁସି। ପ୍ରଦୀପ କବାଡି ଆଉ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ହେଁ ଏବେ କୋଚିଂ ଉପରେ ଫୋକସ କରିବେ ବୋଲି କହିଛନ୍ତି। ପିକେଏଲର ଦ୍ୱିତୀୟ ସଂସ୍କରଣ ଅର୍ଥାତ ୨୦୧୫ରେ ପ୍ରଦୀପ ବେଙ୍ଗାଲୁରୁ ବୁଲ୍ସ ପାଇଁ ଡେବ୍ୟୁ କରିଥିଲେ। ତେବେ ପାଟନା ପାଇଁ ଖେଳିବା ବେଳେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ପାଟନା କ୍ରମାଗତ ୩ଥର ପ୍ରଦୀପଙ୍କ ନେତୃତ୍ୱରେ ଚମ୍ପିୟନ ହୋଇଥିଲା। ଲିଗ ଇତିହାସରେ ପ୍ରଦୀପ ପ୍ରଥମ ଖେଳାଳି ଭାବେ ୧ ହଜାର ରେଡ ପଏଣ୍ଟ ହାସଲ କରିଥିଲେ। ସେ ନିଜର ଡୁବକି ଶୈଳୀ ଦ୍ୱାରା ସେ ପ୍ରତିପକ୍ଷର ସମସ୍ତ ଡିଫେନ୍ସକୁ ମାତ ଦେବାକୁ ସକ୍ଷମ ହେଉଥିଲେ। ପ୍ରଦୀପ ୧୯୦ଟି ପିକେଏଲ ମ୍ୟାଚରେ ୧୮୦୧ ରେଡ ପଏଣ୍ଟ ନେଇଛନ୍ତି। ଏଯାଏ ତାଙ୍କ ରେକର୍ଡକୁ କେହି ବି ଭାଙ୍ଗିବାକୁ ସକ୍ଷମ ହୋଇ ନାହାନ୍ତି। ପ୍ରଦୀପଙ୍କ ଅବସର ପରେ ପ୍ରୋ କବାଡି ଲିଗରେ ଗୋଟିଏ ଯୁଗର ଅବସାନ ଘଟିଛି।

# କର୍ଣ୍ଣାଟକରେ ରିଲିଜ୍ ହେବନି 'ଠଗ୍ ଲାଇଫ୍'



ହାଇଦ୍ରାବାଦ, ୩।୬ (ହି.ସ): ମୁଁ କ୍ଷମା ମାଗିବି ନାହିଁ। ତାମିଲ-କନ୍ନଡ ଭାଷା ବିବାଦ ମଧ୍ୟରେ କ୍ଷମା ମାଗିବାକୁ ମନା କଲେ ଦକ୍ଷିଣ ତାରକା କମଲ ହାସନ। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସେ କ୍ଷମା ମାଗିବେ ନାହିଁ। ଏପରି ସ୍ଥିତିରେ, ତାଙ୍କ ଫିଲ୍ମ 'ଠଗ୍ ଲାଇଫ୍' ଏବେ କର୍ଣ୍ଣାଟକରେ ରିଲିଜ୍ ହେବ ନାହିଁ ବୋଲି ଜଣାପଡ଼ିଛି। କମଲ ହାସନଙ୍କ ପ୍ରଯୋଜନା କମ୍ପାନୀ ମଙ୍ଗଳବାର କର୍ଣ୍ଣାଟକ ହାଇକୋର୍ଟକୁ କହିଛି ଯେ, ଏହି ବିବାଦରେ କ୍ଷମା ମାଗିବା ଭଳି କିଛି ନାହିଁ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫସିସି) କମଲଙ୍କୁ କ୍ଷମା ମାଗିବା ପାଇଁ କହିଥିବା ବେଳେ କମଲ ହାସନ ଜବାବରେ ଏକ ଲିଖିତ ବିବୃତି ଜାରି କରିଛନ୍ତି। ଅଭିନେତା ବିବୃତିରେ ଲେଖିଛନ୍ତି – 'ଆମକୁ ବର୍ତ୍ତମାନ ପୋଲିସ ସୁରକ୍ଷାର ଆବଶ୍ୟକତା ନାହିଁ। କାରଣ ଫିଲ୍ମଟି କର୍ଣ୍ଣାଟକରେ ରିଲିଜ୍ ହେବ ନାହିଁ। ଆମେ ଫିଲ୍ମ ଚାମ୍ବର ସହିତ କଥା ହେବୁ। ମୋ କହିବାର ଅର୍ଥ କେବଳ ଏତିକି ଥିଲା ଯେ ଆମେ ସମସ୍ତେ ଏକ୍ ଏବଂ ଗୋଟିଏ ପରିବାରର। କୌଣସି ପ୍ରକାରେ କନ୍ନଡକୁ ହୀନ ମନେ କରିବା ଉଚିତ ନୁହେଁ। କନ୍ନଡ ଭାଷାର ସମୃଦ୍ଧ ଐତିହ୍ୟ ଉପରେ କୌଣସି ବିବାଦ କିମ୍ବା ବିତର୍କ ହୋଇନାହିଁ। ତାମିଲ ପରି, କନ୍ନଡରେ ମଧ୍ୟ ଏକ ଗୌରବମ। ସାହିତ୍ୟିକ ଏବଂ ସାଂସ୍କୃତିକ ପରମ୍ପରା ଅଛି ଯାହାକୁ ମୁଁ ଦୀର୍ଘ ଦିନ ଧରି ପ୍ରଶଂସା କରିଆସୁଛି।' ସେ ଆହୁରି ଲେଖିଛନ୍ତି ଯେ, 'ମୋର କ୍ୟାରିୟର ସମୟରେ, କନ୍ନଡ ଭାଷାଭାଷୀ ସମ୍ପ୍ରଦାୟ ଦ୍ୱାରା ଦିଆଯାଇଥିବା ସ୍ନେହ ଓ ଭଲପାଇବାକୁ ମୁଁ ଆଦର କରିଛି ଏବଂ ମୁଁ ଦୃଢ଼ତାର ସହିତ କହୁଛି ଯେ, ଭାଷା ପ୍ରତି ଥିବା ମୋର ଭଲପାଇବା ସତ୍ୟ। ମୁଁ ସର୍ବଦା ସମସ୍ତ ଭାରତୀୟ ଭାଷାକୁ ସମ୍ମାନ ଦେଇଆସିଛି। କେଉଁ ଭାଷାର ପ୍ରାଧାନ୍ୟ ଅଧିକ? ଏହି ବିତର୍କକୁ ମୁଁ ସର୍ବଦା ବିରୋଧ କରିଆସିଛି। କାରଣ ମୋ ପାଇଁ ସବୁ ଭାଷା ସମାନ।'

# ଖରାପ ପାଗ ଏବଂ ଚିକୁନଗୁନିଆ ସଂକ୍ରମଣ ଯୋଗୁଁ ମହିଳା ଏସିଆ କପ୍ ସ୍ଥଗିତ




ନୂଆଦିଲ୍ଲୀ, ୩।୬ (ହି.ସ): ଜୁନ ୬ ତାରିଖରୁ ଶ୍ରୀଲଙ୍କାରେ ମହିଳା ଏସିଆ କପ୍ ଆୟୋଜିତ ହେବାର ସୂଚୀ ରହିଥିଲା। କିନ୍ତୁ ଏସିଆ କ୍ରିକେଟ୍ କାଉନସିଲ (ଏସିସି) ପକ୍ଷରୁ ସୋମବାର ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ଘୋଷଣା କରାଯାଇଛି। ଶ୍ରୀଲଙ୍କାରେ ଏବେ ବର୍ଷା ହେଉଛି। ତା'ସହିତ ଦେଶରେ ଚିକୁନଗୁନିଆ ସଂକ୍ରମଣ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଥିବାରୁ ଏବେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଉପଯୁକ୍ତ ସମୟ ନୁହେଁ ବୋଲି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡର ସଭାପତି ସାମି ସିଲଭା ଏସିସିକୁ ପତ୍ର ଲେଖି ଜଣାଇଥିଲେ। ପତ୍ର ପାଇବା ପରେ ଏସିସି ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲା। ପରବର୍ତ୍ତୀ ସମୟରେ ଟୁର୍ଣ୍ଣାମେଣ୍ଟର ନୂଆ ତାରିଖ ଘୋଷଣା କରାଯିବ ବୋଲି ଏସିସି ପକ୍ଷରୁ କୁହାଯାଇଛି।

# ରିଙ୍କୁଙ୍କ ବିବାହରେ ନାଚିବେ ଶାହରୁଖ !




ନୂଆଦିଲ୍ଲୀ, ୩।୬ (ହି.ସ): କ୍ରିକେଟର ରିଙ୍କୁ ସିଂହ ଏବଂ ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ଉଭୟଙ୍କ ବିବାହ ତାରିଖ ସ୍ଥିର ହୋଇଛି। ୮ ଜୁନରେ ଲକ୍ଷ୍ନୌର ଏକ ହୋଟେଲରେ ରିଙ୍ଗ୍ ସେରିମନି ଅନୁଷ୍ଠିତ ହେବ। ୧୮ ନଭେମ୍ବରରେ ସେମାନେ ସାତଫେରା ନେବେ। ବିବାହ ଉତ୍ସବରେ ପରିବାର ଉଭୟଙ୍କ ସଦସ୍ୟଙ୍କ ସହିତ କିଛି ନିକଟତର ଲୋକ ମଧ୍ୟ ଉପସ୍ଥିତ ରହିବେ। କିନ୍ତୁ ବିଶେଷ କଥା ହେଉଛି କୋଲକାତା ନାଇଟ୍ ରାଇଡର୍ସ (କେକେଆର)ର ମାଲିକ ଶାହରୁଖ ଖାନ ମଧ୍ୟ ଏହି ବିବାହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କିଙ୍ଗ ଖାନ ଯାହାଙ୍କୁ ଥରେ 'ବାପ' ବୋଲି କହିଥିଲେ, ତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାର ଏବେ ସମୟ ଆସିଛି। ପ୍ରକୃତରେ ଶାହରୁଖ ଖାନ କେକେଆରର ମାଲିକ। ଏହା ସହିତ, ତାଙ୍କର ନିଜ ଦଳର ପ୍ରତ୍ୟେକ ଖେଳାଳିଙ୍କ ସହିତ ବହୁତ ଭଲ ସମ୍ପର୍କ ରହିଛି। ସେ ରିଙ୍କୁ ସିଂଙ୍କୁ ନିଜ ପିଲା ପରି ବ୍ୟବହାର କରନ୍ତି। ଏକ୍ସରେ, ଯେତେବେଳେ ପ୍ରଶଂସକମାନେ ତାଙ୍କୁ ରିଙ୍କୁ ସିଂଙ୍କ ବିଷୟରେ ପଚାରିଲେ, ସେ କହିଥିଲେ ଯେ, ସେ ପିଲା ନୁହଁନ୍ତି, ସେ ଜଣେ ବାପା। କିନ୍ତୁ ସେ ନିଶ୍ଚିତ ଭାବରେ ୨୦୨୩ରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଆସିବେ। ଶାହରୁଖ ଖାନ ଯେବେ କୌଣସି ପ୍ରତିଶ୍ରୁତି ଦିଅନ୍ତି, ସେ ତାହା ପୂରଣ ମଧ୍ୟ କରନ୍ତି। ବିଶେଷକରି ଯେତେବେଳେ ତାଙ୍କ ସହିତ ଜଡିତ ଲୋକଙ୍କ କଥା ଆସେ ଏହା ସେ ନିଶ୍ଚିତ କରିଥାନ୍ତି। କେକେଆର ତାଙ୍କ ପାଇଁ ଏକ ପରିବାର ପରି, ସେ ନିଜ ଦଳର ଖେଳାଳିଙ୍କୁ ସମର୍ଥନ କରିବା ପାଇଁ ଷ୍ଟାଡିୟମରେ ପହଞ୍ଚିଥାନ୍ତି। ଏବେ ରିଙ୍କୁ ସିଂ ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜଙ୍କୁ ବିବାହ କରିବାକୁ ଯାଉଛନ୍ତି। ଅତିଥି ତାଲିକାରେ ଫିଲ୍ମ ତାରକାମାନେ ମଧ୍ୟ ସାମିଲ ହେବେ। ଆଶା କରାଯାଉଛି ଯେ, ଶାହରୁଖ ଖାନ ମଧ୍ୟ ଆସିବେ। କିଙ୍ଗ୍ ଖାନ କେବଳ ବିବାହରେ ଆସିବେ ନାହିଁ, ବରଂ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରଦର୍ଶନ ଦେବାକୁ ପ୍ରତିଶ୍ରୁତି ଦେଇସାରିଛନ୍ତି। ଆଇପିଏଲ ୨୦୨୩ର ଏପ୍ରିଲ ମାସରେ କୋଲକାତା ନାଇଟ୍ ରାଇଡର୍ସ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଖେଳୁଥିଲା। ସେହି ମ୍ୟାଚରେ ରିଙ୍କୁ ସିଂଙ୍କ ବିସ୍ଫୋରକ ଇନିଂସ ଦେଖିବାକୁ ମିଳିଥିଲା। ଏହା ପରେ ଶାହରୁଖ ଖାନ ରିଙ୍କୁଙ୍କ ପାଖକୁ ଫୋନ୍ କରି ଏକ ପ୍ରତିଶ୍ରୁତି ଦେଇଥିଲେ। ଷ୍ଟାର ସ୍ପୋର୍ଟସ ସହିତ କଥାବାର୍ତ୍ତା ସମୟରେ ରିଙ୍କୁ ସିଂ ଏକ ବଡ଼ ଖୁଲାସା କରିଥିଲେ। ପ୍ରକୃତରେ, ଗୁଜରାଟ ବିପକ୍ଷରେ ୫ ଛକା ମାରିବା ପରେ ରିଙ୍କୁ ସିଂଙ୍କୁ ଶାହରୁଖ ଖାନଙ୍କ ଫୋନ୍ ଆସିଥିଲା। ସେ ରିଙ୍କୁ ସିଂଙ୍କୁ କହିଥିଲେ ଯେ, ଲୋକମାନେ ମୋତେ ସେମାନଙ୍କ ବିବାହକୁ ନିମନ୍ତ୍ରଣ କରନ୍ତି, କିନ୍ତୁ ମୁଁ ଯାଏ ନାହିଁ। କିନ୍ତୁ ମୁଁ ନିଶ୍ଚିତ ଭାବରେ ତୁମର ବିବାହରେ ନାଚିବାକୁ ଆସିବି। ଏହା ସହିତ, ଶାହରୁଖ ରିଙ୍କୁ ସିଂଙ୍କୁ ସୁପରଷ୍ଟାର ବୋଲି କହିଥିଲେ। ସୂଚନାଯୋଗ୍ୟ, ସମ୍ପ୍ରତି ଶାହରୁଖ ଖାନ ତାଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ସୁଟିଂ ନିକଟରେ ଆରମ୍ଭ ହୋଇଛି। ଯେହେତୁ ଏହା ତାଙ୍କ ଝିଅ ସୁହାନାଙ୍କ ଥିଏଟର ଫିଲ୍ମ, ତେଣୁ ସେ କୌଣସି ପ୍ରକାରର ସୁଯୋଗ ଛାଡିବାକୁ ଚାହୁଁନାହାନ୍ତି। ତଥାପି, ତାଙ୍କ ପ୍ରତିଶ୍ରୁତି ପରେ ଏହା ନିଶ୍ଚିତ ହୋଇଥିଲା ଯେ ଅଭିନେତା ରିଙ୍କୁ ସିଂଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବେ। କାରଣ ସେ ଏପରି ମିଛରେ କାହାକୁ ପ୍ରତିଶ୍ରୁତି ଦିଅନ୍ତି ନାହିଁ।

# ଲୋକପ୍ରିୟ ହଲିଉଡ ଅଭିନେତା ଜୋନାଥନ ଜୋସ୍‌ଙ୍କୁ ଗୁଳି କରି ହତ୍ୟା




ନୂଆଦିଲ୍ଲୀ, ୩।୬ (ହି.ସ): ହଲିଉଡ଼ରୁ ଏକ ଅଶ୍ଚର୍ଯ୍ୟଜନକ ତଥା ଦୁଃଖଦ ଖବର ସାମ୍ନାକୁ ଆସିଛି। ଲୋକପ୍ରିୟ ଅଭିନେତା ତଥା 'କିଙ୍ଗ୍ ଅଫ୍ ଦି ହିଲ୍'ରେ ଜନ୍ ରେଡକର୍ନ ଚରିତ୍ର ପାଇଁ କଣ୍ଠଦାନ କରିଥିବା ଜୋନାଥନ ଜୋସ୍‌ଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଆମେରିକାର ସାନ୍ ଆଣ୍ଟୋନିଓ ସହରରେ ଘଟିଥିବା ଏହି ଘଟଣା ଫିଲ୍ମ ଏବଂ ଟେଲିଭିଜନ ଶିଳ୍ପକୁ ଦୋହଲାଇ ଦେଇଛି। ୫୯ ବର୍ଷୀୟ ଅଭିନେତାଙ୍କର ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଖବର ମୁତାବକ, ତାଙ୍କ ପଡ଼ୋଶୀଙ୍କ ସହ କୌଣସି କଥାକୁ ନେଇ ତାଙ୍କ ଝଗଡ଼ା ହୋଇଥିଲା। ଯୁକ୍ତିତର୍କ ଏତେ ବଢ଼ି ଯାଇଥିଲା ଯେ ଅଭିଯୁକ୍ତ ଜଣକ ରାଗିଯାଇ ଗୁଳି ଚଳାଇଥିଲା, ଯେଉଁଥିରେ ଜୋନାଥନଙ୍କ ଦେହରେ ଏକାଧିକ ଗୁଳି ବାଜିଥିଲା ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତର ପରିଚୟ ୩୭ ବର୍ଷୀୟ ସିଗଫ୍ରେଡୋ ଆଲଭାରେଜ-ସେଗା ବୋଲି ଜଣାପଡ଼ିଛି। ଗୁଳି କରିବା ପରେ ସେ ନିଜ କାରରେ ଫେରାର ହୋଇଯାଇଥିଲା, କିନ୍ତୁ କିଛି ଦୂର ଯିବାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ହଲିଉଡରେ ଜୋନାଥନ ଜୋସ୍‌ଙ୍କ କ୍ୟାରିଅର ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ସେ ଆନିମେଟେଡ୍ ସିରିଜ୍ 'କିଙ୍ଗ୍ ଅଫ୍ ଦି ହିଲ୍'ରେ ଦ୍ୱିତୀୟରୁ ତ୍ରୟୋଦଶ ସିଜିନ୍ ପର୍ଯ୍ୟନ୍ତ ଜନ୍ ରେଡକର୍ନ ଚରିତ୍ର ପାଇଁ କଣ୍ଠଦାନ କରିଥିଲେ। ଏହି ଚରିତ୍ର ମାଧ୍ୟମରେ ସେ ପରଦାରେ ମୂଳ ଆମେରିକୀୟ ସମ୍ପ୍ରଦାୟର ସ୍ୱରକୁ ଦୃଢ଼ ଭାବରେ ଉପସ୍ଥାପନ କରିଥିଲେ। ଏହା ବ୍ୟତୀତ 'ପାର୍କସ୍ ଆଣ୍ଡ୍ ରିକ୍ରିଏସନ୍'ରେ ଚିଫ୍ କେନ୍ ହୋଟେଟ୍ ଭୂମିକାରେ ମଧ୍ୟ ସେ ଦର୍ଶକଙ୍କ ହୃଦୟରେ ଗଭୀର ଛାପ ଛାଡ଼ିଛନ୍ତି। ସେହିପରି 'ଟୁଲ୍ସା କିଙ୍ଗ୍', 'ରେ ଡୋନୋଭାନ', 'ଟୁ ଗିଫ୍ଟ' ଓ 'ଦି ମ୍ୟାଗ୍ନିଫିସେଣ୍ଟ ସେଭେନ୍' ଭଳି ଅନେକ ଚଳଚ୍ଚିତ୍ର ଓ ଶୋ'ରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ।

# ଲୋକପ୍ରିୟ ଅଭିନେତା ବିଭୁ ରାଘବଙ୍କ ପରଲୋକ



ମୁମ୍ବାଇ, ୩।୬ (ହି.ସ): ପରଲୋକରେ ଟେଲି ଅଭିନେତା ବୈଭବ କୁମାର ସିଂହ ରାଘବ। ବୈଭବ ଇଣ୍ଡଷ୍ଟ୍ରିରେ ବିଭୁ ରାଘବ ଭାବେ ପରିଚିତ ଥିଲେ। ଜୁନ୍ ୨ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାଯାଇଛି। ୨୦୨୨ ମସିହାରୁ ଚତୁର୍ଥ ପର୍ଯ୍ୟାୟ କୋଲନ କର୍କଟ ରୋଗରେ ପୀଡିତ ଥିଲେ ବିଭୁ। ସେ ମୁମ୍ବାଇର ନାନାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। 'ନିଶା ଆଣ୍ଡ ଉସକେ କଜିନ୍ସ', 'ସୁଭ୍ରିନ୍ ଗୁଗ୍ଗଲ୍' ଏବଂ 'ରିଦମ୍' ଭଳି ଟିଭି ସୋ'ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ ବିଭୁ। କର୍କଟ ହୋଇଥିବା ଜାଣି ମଧ୍ୟ ସେ ସାହସ ହରାଇ ନଥିଲେ। ୨୦୨୨ପରଠାରୁ ସେ ଅନେକ ସମୟରେ ସୋସିଆଲ ମିଡିଆରେ ଚିକିତ୍ସା ସମ୍ବନ୍ଧୀୟ ଅପଡେଟ୍ ମଧ୍ୟ ସେୟାର କରୁଥିଲେ। ଚିକିତ୍ସା ସମୟରେ ବିଭୁ କହିଥିଲେ ଯେ, କର୍କଟ ଏବେ ଯକୃତ, ଫୁସଫୁସ, ମେରୁଦଣ୍ଡ ଏବଂ ହାଡ଼କୁ ବ୍ୟାପି ସାରିଛି। ଏକ ଭିଡିଓରେ ସେ କହିଥିଲେ, ପ୍ରଥମ କିଛି ଦିନ ପାଇଁ ମୁଁ ବହୁତ ଭୟଭୀତ ଥିଲି। କିନ୍ତୁ ଏବେ କେମୋଥେରାପି ହିଁ ଏକମାତ୍ର ଚିକିତ୍ସା ଏବଂ ସବୁକିଛି ଭଲ ହେଉଛି। ସୁସ୍ଥ ହେଉଛି ବୋଲି ଜଣାଇଥିଲେ ବି ହଠାତ ତାଙ୍କର ଦେହାନ୍ତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଭୁଙ୍କ ମୃତ୍ୟୁ ପରେ ଏବେ ତାଙ୍କ ପରିବାରରେ ତାଙ୍କ ମାଆ ଅନୁପମା ରାଘବ, ଭାଇ ଐଶ୍ୱର୍ଯ୍ୟ ରାଘବ ଏବଂ ଭଉଣୀ ଗରିମା ସିଂହ ତ୍ୟାଗୀ ଅଛନ୍ତି। ବିଭୁଙ୍କ ଦେହାନ୍ତ ହେବା ଖବର ସାମ୍ନାକୁ ଆସିବା ପରେ ଟେଲି ଇଣ୍ଡଷ୍ଟ୍ରିର ଅନେକ କଳାକାର ଶୋକପ୍ରକାଶ କରିଥିବା ଦେଖାଯାଇଛି।



# କାର୍ତ୍ତିକ-ଅନନ୍ୟାଙ୍କ ନୂଆ ଫିଲ୍ମର ଫାର୍ଷ୍ଟ ଲୁକ୍ ଜାରି

ମୁମ୍ବାଇ, ୩।୬ (ହି.ସ): ଫିଲ୍ମ 'ଭୂଲ୍ ଭୂଲୈୟା-୩' ପରେ ଅପକମିଙ୍ଗ୍ ରୋମାଣ୍ଟିକ୍ କମେଡି ଫିଲ୍ମ 'ତୁ ମେରୀ ମେଁ ତେରା, ମେଁ ତେରୀ ତୁ ମେରା'ରେ ନଜର ଆସିବେ କାର୍ତ୍ତିକ ଆର୍ଯ୍ୟନ। ଫିଲ୍ମର ଟିଜର୍ ରିଲିଜ୍ ହୋଇଥିଲା। ଏବେ ପ୍ରଯୋଜକ କରନ ଜୋହର ଏହାର ରିଲିଜ୍ ତାରିଖ ମଧ୍ୟ ଚୂଡ଼ାନ୍ତ କରିଛନ୍ତି। ଏଥିସହିତ ସେ ଫିଲ୍ମର ଫାର୍ଷ୍ଟ ଲୁକ୍ ଜାରି କରିଛନ୍ତି। ଫିଲ୍ମରେ କାର୍ତ୍ତିକଙ୍କ ସହ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଆସନ୍ତା ବର୍ଷ ଫେବ୍ରୁଆରୀ ୧୩ରେ (ଭାଲେଣ୍ଟାଇନ୍ ସପ୍ତାହ) ଏହା ସିନେମାଘରକୁ ଆସିବ। ଫାର୍ଷ୍ଟ ଲୁକ୍ ଶେୟାର କରି କରନ ଲେଖିଛନ୍ତି 'ପ୍ରେମରେ ବୁଡ଼ିଯାଇଛନ୍ତି! ଆମରରେ (କାର୍ତ୍ତିକ)ଙ୍କୁ ଭେଟନ୍ତୁ ଏବଂ ତାଙ୍କ ରୁମି (ଅନନ୍ୟା) ସହ ପରିଚୟ କରାଉଛୁ!' କରନ ଶେୟାର କରିଥିବା ଫଟୋରେ କାର୍ତ୍ତିକ-ଅନନ୍ୟା ପରସ୍ପରକୁ ଚୁମ୍ବନ ଦେଉଛନ୍ତି। ପାସ୍‌ପୋର୍ଟକୁ ଆଗକୁ ରଖି ଉଭୟ ମୁହଁକୁ ଅଧା ଲୁଚାଇଛନ୍ତି। ଫିଲ୍ମରେ ରୋମାନ୍ସର ଭରପୂର ଖୋରାକ ରହିବ ବୋଲି ଫାର୍ଷ୍ଟ ଲୁକରୁ ଜଣାପଡୁଛି। ଏହି ଫିଲ୍ମ ଜରିଆରେ ଦ୍ୱିତୀୟ ଥର କାର୍ତ୍ତିକ-ଅନନ୍ୟାଙ୍କ ଅନସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ। 'ପତି-ପତ୍ନୀ ଔର୍ ୱୋ'ରେ ଉଭୟ ଏକାଠି କାମ କରିଥିଲେ। ସୂଚନାଯୋଗ୍ୟ, କାର୍ତ୍ତିକ ଓ କରନଙ୍କ ମଧ୍ୟରେ ୨୦୨୧ରେ ଟିକିଏ ମନୋମାଳିନ୍ୟ ହୋଇଥିଲା। ସେଥିପାଇଁ କରନଙ୍କ 'ଦୋସ୍ତାନା-୨'ରୁ କାର୍ତ୍ତିକଙ୍କୁ ବାହାର କରି ଦିଆଯାଇଥିଲା। ଫିଲ୍ମରେ କାର୍ତ୍ତିକଙ୍କ ସହ ଜାହ୍ନବୀ କପୁର, ଲକ୍ଷ୍ୟ ଲଲୱାନୀ ମୁଖ୍ୟ ଭୂମିକାରେ ଅଭିନୟ କରିଥାନ୍ତେ। ତେବେ, ପରେ ଉଭୟଙ୍କ ମଧ୍ୟରେ ମାମଲାର ସମାଧାନ ହୋଇଗଲା। କାର୍ତ୍ତିକଙ୍କ ୩୩ତମ ଜନ୍ମଦିନ ଅବସରରେ କରନ ତାଙ୍କ ସହ ଏକ ନୂଆ ଫିଲ୍ମ (ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ) ଘୋଷଣା କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik